ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 296 | ଭାଗ ୩୩ | ସଂଖ୍ୟା ୨୯୬ | Sunday 18 January 2026 | Page 8 Rs. 5.00 | ● ଭୁବନେଶ୍ୱର ରବିବାର ୧୮ ଜାନୁଆରୀ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

ଟିଏମ୍‌ସି ସରକାର ବଦଳାଇବାର ସମୟ ଆସିଛି

ପୃଷ୍ଠା ୫

କୋଲକାତାରୁ ଲକ୍ଷେ କୋଟିର ନିବେଶ ଆଣିଲେ ମୋହନ

'ପୂର୍ବୋଦୟ' ଶିଳ୍ପ ବିକାଶ ମଙ୍ଗ ଧରିବ ଓଡ଼ିଶା

- ୪ଟି କ୍ଷେତ୍ରକୁ ନେଇ ରାଉଣ୍ଡ ଟେବୁଲ୍ ବୈଠକ
- ୧୩୦ ଶିଳ୍ପପତିଙ୍କ ସହ ୱାନ୍ ଟୁ ୱାନ୍ ଆଲୋଚନା
- ୨୭ ଚୁକ୍ତି ସ୍ୱାକ୍ଷରିତ, ୧୯ ପୁଞ୍ଜିନିବେଶ ପ୍ରତିଶ୍ରୁତି
- ସୁନିଶ୍ଚିତ ହେଲା ୯୦ ହଜାର ନିଯୁକ୍ତି

ଭୁବନେଶ୍ୱର,୧୭।୧(ସଂଚାର ବ୍ୟୁରୋ): ପୂର୍ବ ଭାରତରେ ଓଡିଶା ଶିଳ୍ପାୟନରେ ଏକ ପ୍ରମୁଖ ଅଂଶିଦାର ପାଲଟିଛି। ଆଗାମୀ ଦିନରେ ଓଡିଶା ପରବର୍ତ୍ତି ପର୍ଯ୍ୟାୟ ଶିଳ୍ପ ଅଭିବୃଦ୍ଧିରେ ମିଶନ ପୂର୍ବୋଦ୍ୱୟର ମଙ୍ଗ ଧରିବ। ସମନ୍ୱିତ ଯୋଜନା, ନିର୍ଦ୍ଦିଷ୍ଟ ନୀତି ଦ୍ୱାରା ଓଡିଶା ଶିଳ୍ପପତିଙ୍କ ପ୍ରମୁଖ ଆକର୍ଷଣ ପାଲଟିଛି। କୋଲକାତା ଠାରେ ନିବେଶକଙ୍କ ସହ ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ପୂର୍ବ ଭାରତରେ ଅନ୍ୟ ସହ ସହ ସମନ୍ୱୟ ଦ୍ୱାରା ପୂର୍ବଭାରତରେ ଓଡିଶା ଏକ ପ୍ରମୁଖ ଶିଳ୍ପ କରିଡର ହୋଇପାରିବ ବୋଲି ସେ କହିଛନ୍ତି।

ଓଡିଶା ଏବେ ବ୍ୟାପକ ଅର୍ଥନୈତିକ ରୂପାନ୍ତରଣ ଦିଗରେ ଆଗଉଛି। ଦ୍ରୁତ ଗତିରେ ରାଜ୍ୟ ଏବେ ଉତ୍ପାଦନଭିତ୍ତିକ ଶିଳ୍ପର ହବ ହେବ। ରାଜ୍ୟର ଲମ୍ବା ସାମୁଦ୍ରିକ ବେଳାଭୂମୀ ସହ ପାରାଦୀପ, ଧାମରା, ଗୋପାଳପୁର ଭଳି ବନ୍ଦରର ବିକାଶ ସହ ତାଳ ଦେଇ ରାଜ୍ୟରେ ବନ୍ଦର ଭିତ୍ତିକ ଶିଳ୍ପର ଅଭିବୃଦ୍ଧି ହେଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କୋଲକାତା ଗସ୍ତ ସମୟରେ ଚାରୋଟି ↳ପୃଷ୍ଠା-୬

ବନ୍ଦେ ଭାରତ ସ୍ଲିପର୍ ସେବାର ସଫଳ ପରିଚାଳନା

ମୋଦିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶୁଭକାମନା

ଭୁବନେଶ୍ୱର,୧୭।୧(ସଂଚାର ବ୍ୟୁରୋ): ଭାରତୀୟ ରେଲୱେର ଆଧୁନିକୀକରଣ ଯାତ୍ରାରେ ଆଜି ଏକ ଐତିହାସିକ ମାଇଲଖୁଣ୍ଟ ସ୍ଥାପନ ହୋଇଛି। ଆଜି ଦେଶର ପ୍ରଥମ ବନ୍ଦେ ଭାରତ ସ୍ଲିପର୍ ସେବା ଆରମ୍ଭ ହୋଇଛି, ଯାହା ଦୀର୍ଘ ଦୂରଗାମୀ ଯାତ୍ରାକୁ ଅଧିକ ଦ୍ରୁତ, ସୁରକ୍ଷିତ ଓ ଆରାମଦାୟକ କରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ପଶ୍ଚିମବଙ୍ଗର ମାଲଦା ଟାଉନ୍ ଷ୍ଟେସନରୁ ଏହି ଅତ୍ୟାଧୁନିକ ସ୍ଲିପର୍ ସେବାର ଶୁଭାରମ୍ଭ କରାଯାଇଛି। ହୁଗଳି-ହାୱଡ଼ାରୁ ଗୌହାଟୀ (କାମାକ୍ଷା) ମଧ୍ୟରେ ଚଳାଚଳ କରୁଥିବା ଏହି ଟ୍ରେନ୍ ପ୍ରାୟ ୯୫୮ କିମି ଦୂରତାକୁ ମାତ୍ର ୧୪ ଘଣ୍ଟାରେ ଅତିକ୍ରମ କରିବ। ଏହା ପୂର୍ବ ଭାରତ ଓ ଉତ୍ତର-ପୂର୍ବାଞ୍ଚଳ ମଧ୍ୟରେ ସଂଯୋଗକୁ ଆହୁରି ମଜବୁତ କରିବ। ଏହି ସେବା ଆରମ୍ଭ ହେବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ସ୍ୱାଗତ କରି କହିଛନ୍ତି ଯେ ଏହି ବନ୍ଦେ ଭାରତ ସ୍ଲିପର୍ ସେବା ଭାରତୀୟ ରେଲୱେର ଆଧୁନିକୀକରଣର ଏକ ବଡ଼ ପଦକ୍ଷେପ। ଏହା ଦୀର୍ଘ ଦୂରତା ଯାତ୍ରାକୁ ଅଧିକ ସୁବିଧାଜନକ ↳ପୃଷ୍ଠା-୬

● ରାଉରକେଲା ବିମାନ ଦୁର୍ଘଟଣା ମାମଲା

ଆହତଙ୍କ ମଧ୍ୟରୁ ଜଣେ ମୃତ

ଭୁବନେଶ୍ୱର,୧୭।୧(ସଂଚାର ବ୍ୟୁରୋ): ଗତ ୧୦ ତାରିଖରେ ଭୁବନେଶ୍ୱରରୁ ରାଉରକେଲା ଅଭିମୁଖେ ଯାଉଥିବା ଏକ ଇଣ୍ଡିଆୱାନ୍ ଏୟାର୍ ଦ୍ୱାରା ପରିଚାଳିତ ଛୋଟ ଆକାରର ଚାର୍ଟର୍ଡ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ମୋଟ ୬ ଜଣ ଆହତ ହୋଇଥିଲେ। ଏହି ବିମାନଟି କିନ୍ତୁ ଲକ୍ଷ୍ୟସ୍ଥଳଠାରୁ ମାତ୍ର ୧୦ କିମି ଦୂରରେ ଯାନ୍ତ୍ରିକ ତ୍ରୁଟି କାରଣରୁ କ୍ରାସ୍‌ଲ୍ୟାଣ୍ଡିଂ କରିଥିଲା। ଆହତଙ୍କ ମଧ୍ୟରେ ସୁଶାନ୍ତ କୁମାର ବିଶ୍ୱାଳ ଅନ୍ୟତମ ଥିବା ବେଳେ ସେ ଆଜି ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ତାଙ୍କର ହୃଦ୍‌ଘାତ ଯୋଗୁଁ ମୃତ୍ୟୁ ହୋଇଥିବା ଡାକ୍ତରଖାନା ପକ୍ଷରୁ କୁହାଯାଇଛି। ପୂର୍ବରୁ ଉନ୍ନତମାନର ଚିକିତ୍ସା ପାଇଁ ସୁନୀଲ ଅଗ୍ରୱାଲ୍ ଓ ତାଙ୍କ ପତ୍ନୀ ସବିତାଙ୍କୁ ମୁମ୍ବାଇ ଏୟାରଲିଫ୍ଟ କରାଯାଇଥିଲା। ସେହିପରି ସୁଶାନ୍ତ ମଧ୍ୟ ରାଉରକେଲାର ବେଦବ୍ୟାସ ନିକଟସ୍ଥ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ପୂର୍ବରୁ ସୁଶାନ୍ତଙ୍କର ହୃଦ୍‌ଜନିତ ସମସ୍ୟା ରହିଥିଲା। ଏହାଛଡ଼ା ତାଙ୍କର ଫୁସ୍‌ଫୁସ୍‌ରେ ମଧ୍ୟ ସଂକ୍ରମିତ ଥିବା ଡାକ୍ତର କହିଥିଲେ। ଅଧିକନ୍ତୁ ↳ପୃଷ୍ଠା-୬

୨୦୨୭ ଜାନୁଆରୀ-ଫେବୃଆରୀରେ ପୌର ଓ ପଞ୍ଚାୟତ ନିର୍ବାଚନ

ଭୋଟର ତାଲିକା ପ୍ରସ୍ତୁତି ଚୂଡ଼ାନ୍ତ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୭।୧(ସଂଚାର ବ୍ୟୁରୋ): ରାଜ୍ୟରେ ୨୦୨୭ରେ ହେବାକୁ ଥିବା ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଆଜି କଟକସ୍ଥିତ କେନ୍ଦ୍ରାଞ୍ଚଳ ଆୟୁକ୍ତ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଏକ ଆରଡିସିସ୍ତରୀୟ ପ୍ରାକ୍ ପ୍ରସ୍ତୁତି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦ୍ରାଞ୍ଚଳ ରାଜସ୍ୱ ରେଞ୍ଜ ଅନ୍ତର୍ଗତ ୧୦ଟି ଜିଲ୍ଲାର ଜିଲ୍ଲାପାଳ, ପୌର କମିଶନର, ଅତିରିକ୍ତ ଜିଲ୍ଲାପାଳ, ଉପ-ଜିଲ୍ଲାପାଳ, ଡ଼େପୁଟି କଲେକ୍ଟର ଏବଂ ଜିଲ୍ଲା ପଞ୍ଚାୟତ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ରାଜ୍ୟ ନିର୍ବାଚନ ଆୟୁକ୍ତ ମଧୁସୂଦନ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ମୁଖ୍ୟତଃ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ଭୋଟର ତାଲିକା ପ୍ରସ୍ତୁତି ଏବଂ ନିର୍ବାଚନ ଜନିତ ଅନ୍ୟ ବିଷୟରେ ଆଲୋଚନା କରାଯାଇଥିଲା। ରାଜ୍ୟରେ ପଞ୍ଚାୟତ ଓ ପୌର ନିର୍ବାଚନକୁ ଆଉ ମାତ୍ର ଏକ ବର୍ଷ ଥିବାରୁ ଏବେଠୁ ପ୍ରସ୍ତୁତି ଗ୍ରହଣ କରିବାକୁ ସିଦ୍ଧାନ୍ତ ହେବା ସହିତ କେନ୍ଦ୍ରାଞ୍ଚଳ ରାଜସ୍ୱ ଡିଭିଜନ ଅନ୍ତର୍ଗତ ୧୦ଟି ଜିଲ୍ଲାର ନିର୍ବାଚନ ପ୍ରସ୍ତୁତି ପାଇଁ ବିଗତ ନିର୍ବାଚନ ସମ୍ପର୍କିତ ତଥ୍ୟର ସମୀକ୍ଷା କରାଯାଇଥିଲା। ଇଭିଏମ ଆଦି ଉପକରଣ ଜିଲ୍ଲାରୁ ରାଜ୍ୟ ନିର୍ବାଚନ ଆୟୋଗଙ୍କ ଗୋଦାମକୁ ଫେରସ୍ତ ↳ପୃଷ୍ଠା-୬

ମିଡ୍ ନାଇଟ ପରେ ଅପରେସନ ମିଡ୍ ଡେ'!

- ● ବିଜେଡି ଭାଙ୍ଗିବାକୁ ଚାଲିଥିଲା ବଡ଼ ପ୍ଲାନିଂ
- ● ଭୁଲ ଭୁଲୈୟା ନ କରି ପ୍ରମାଣ ଦିଅନ୍ତୁ: ଅରବିନ୍ଦ

ଭୁବନେଶ୍ୱର,୧୭।୧(ସଂଚାର ବ୍ୟୁରୋ): ବିଜେଡି ଭାଙ୍ଗିବାକୁ ହୋଇଥିଲା ବଡ଼ ପ୍ଲାନିଂ। ଦୁଇ ଜଣ ବିଧାୟକଙ୍କ ସହ ବିଜୟ ମହାପାତ୍ର ଓ ତାଙ୍କ ଟିମ ବିଜେଡି ଭାଙ୍ଗିବାକୁ ଆରମ୍ଭ କରିଥିଲେ 'ଅପରେସନ ମିଡ୍ ଡେ'। ଝାରସୁଗୁଡ଼ାରେ ଏନେଇ ହୋଇଥିଲା ବଡ଼ ବୈଠକ। ବିଜେଡି ମୁଖପାତ୍ର ଡ. ଲେନିନ ମହାନ୍ତିଙ୍କ ଏପରି ଏକ ବଡ଼ ବୟାନ ପରେ ଏହାକୁ ନେଇ ଆରମ୍ଭ ହୋଇଛି ଆଲୋଚନା।

ବିଜେଡି ପକ୍ଷରୁ କୁହାଯାଇଛି ଯେ ମିଡ୍ ନାଇଟ୍ ଅପରେସନ୍ ଭଳି ମିଡ୍ ଡେ' ଅପରେସନ ମଧ୍ୟ ଫେଲ୍ ହୋଇଛି। ଦଳକୁ ଦୁର୍ବଳ କରିବାକୁ ଷଡ଼ଯନ୍ତ୍ର କରାଯାଇଥିଲା। ବିଜୟ ମହାପାତ୍ର, ଅରବିନ୍ଦ ମହାପାତ୍ର ଓ ସନାତନ ମହାକୁଡ଼ ଏହି ଷଡ଼ଯନ୍ତ୍ରର ଅଂଶବିଶେଷ ଥିଲେ। ଗତ କିଛି ମାସ ହେବ ଏମାନେ ଏପରି ଏକ ଷଡ଼ଯନ୍ତ୍ରରେ ସାମିଲ୍ ଥିଲେ। କିଏ ବ୍ୟାକଅପ୍ ଦେବ, କିଏ ସଙ୍ଗଠିତ କରିବ ଆଉ କିଏ କାର୍ଯ୍ୟକାରୀ କରିବ, ସେ ଦାୟିତ୍ୱ ୩ ଜଣଙ୍କ ଭିତରେ ବଣ୍ଟାଯାଇଥିଲା। ମାସ ମାସ ଧରି ବିଚାର କରିବା ପରେ ଏହା ପ୍ରମାଣିତ ହୋଇଥିଲା ଆଉ ତା'ପରେ ସଭାପତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ବୋଲି କହିଛନ୍ତି ଡ. ମହାନ୍ତି।

ତେବେ ଡ. ମହାନ୍ତିଙ୍କ ଏଭଳି ଖୁଲାସା ପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ଗତକାଲି ନିଲମ୍ବିତ ହୋଇଥିବା ଅରବିନ୍ଦ। ସେ ଲେନିନଙ୍କୁ ଖୋଲା ଚ୍ୟାଲେଞ୍ଜ ମଧ୍ୟ ଦେଇଛନ୍ତି। ସେ କହିଛନ୍ତି ଯେ ଖାଲି ଅଭିଯୋଗ କଲେ କ'ଣ ହେବ, ପ୍ରମାଣ କରିବା ବି ଦରକାର। କିନ୍ତୁ ବିଜେଡି କଦାପି ନିଜର ଏପରି ଅବାସ୍ତବ ଅଭିଯୋଗକୁ ପ୍ରମାଣିତ କରିପାରିବ ନାହିଁ ବୋଲି ଅରବିନ୍ଦ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ମୁଁ କୌଣସି ଦଳବିରୋଧୀ କାର୍ଯ୍ୟରେ ସମ୍ପୃକ୍ତ ନାହିଁ। ବିଜେଡି କେବଳ ଭୁଲ୍ ଭୁଲୈୟା କାହାଣୀ ନ କହି ଯଦି ଅଭିଯୋଗ କରୁଛନ୍ତି, ତା'ହେଲେ ତଥ୍ୟ ସହ ସାମ୍ନାକୁ ଆସିବାକୁ ସେ ଆହ୍ୱାନ ଦେଇଛନ୍ତି। କାହା ସହ କେଉଁଦିନ, କେତେବେଳେ ଷଡ଼ଯନ୍ତ୍ର କରୁଥିଲେ, ସେନେଇ ପ୍ରମାଣ ଉପସ୍ଥାପନ କଲେ ଭଲ ହୁଅନ୍ତା ବୋଲି ଅରବିନ୍ଦ କହିଛନ୍ତି।

କେତେବେଳେ ↳ପୃଷ୍ଠା-୬

ଏନକାଉଣ୍ଟରରେ ପାପା ରାଓ ସମେତ ୨ ନକ୍ସଲ ନିପାତ

● ଏକେ-୪୭ ରାଇଫଲ୍ ଜବତ

ମାଲକାନଗିରି,୧୭।୧(ସଂଚାର ବ୍ୟୁରୋ): ମାଲକାନଗିରି ସୀମାନ୍ତବର୍ତ୍ତୀ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ଆଜି ସୁରକ୍ଷାକର୍ମୀଙ୍କ ସହ ଏନ୍‌କାଉଣ୍ଟର୍‌ରେ ଜଣେ ନକ୍ସଲ ନେତାଙ୍କ ସମେତ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି। ଜାତୀୟ ଉଦ୍ୟାନରେ ଆଜି ସକାଳେ ପୁଲିସ ଓ ନକ୍ସଲ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ଏଥିରେ ନିହତ ହୋଇଥିବା ଦୁଇ ନକ୍ସଲଙ୍କ ମଧ୍ୟରୁ ଜଣେ ନକ୍ସଲ ନେତା ପାପା ରାଓ ରହିଛି। ଅବଶ୍ୟ ଏ ସମ୍ପର୍କରେ ଅପରେସନ୍ ସରିବା ପରେ ହିଁ ସ୍ପଷ୍ଟ ସୂଚନା ମିଳିପାରିବ। ଗୁଇନ୍ଦା ସୂତ୍ରରୁ ସୂଚନା ପାଇବା ପରେ ଡିଷ୍ଟ୍ରିକ୍ଟ ରିଜର୍ଭ ଗାର୍ଡ (ଡିଆର୍‌ଜି), ସ୍ପେଶାଲ୍ ଟାସ୍କ ଫୋର୍ସ ଓ କେନ୍ଦ୍ରୀୟ ରିଜର୍ଭ ପୁଲିସ୍ ↳ପୃଷ୍ଠା-୬

ଚୌଦ୍ୱାର ଜେଲରୁ କଏଦୀ ଫେରାର୍ ଘଟଣାରେ ନୂଆ ମୋଡ଼

ଜେଲ ଅଧୀକ୍ଷକଙ୍କ ବିରୋଧରେ ଏଫଆଇଆର

- ● ପୂର୍ବତନ ଜେଲର ଆଣିଛନ୍ତି ସାଂଘାତିକ ଅଭିଯୋଗ
- ● ଜେଲ୍ ଦସ୍ତାବିଜ ସହ ଦସ୍ତଖତ ଜାଲିଆତି ଅଭିଯୋଗ
- ● ସିସିଟିଭି ସହ ମେଳ ଖାଉନି ରେଜିଷ୍ଟ୍ରାର

ଭୁବନେଶ୍ୱର,୧୭।୧(ସଂଚାର ବ୍ୟୁରୋ): ଚୌଦ୍ୱାର ଜେଲ (ସର୍କଲ ଜେଲ, କଟକ, ଚୌଦ୍ୱାର)ରୁ ଫେରାର ହୋଇଥିବା ଦୁଇ ହାର୍ଡକୋର ବିହାରୀ କଏଦୀଙ୍କୁ ଏପର୍ଯ୍ୟନ୍ତ ପୁଲିସ ଗିରଫ କରିବାରେ ସକ୍ଷମ ହୋଇପାରିନାହିଁ। ସେପଟେ ଏହି ଘଟଣା ଏବେ ନୂଆ ମୋଡ଼ ନେଇଛି। ଜେଲ ଅଧୀକ୍ଷକଙ୍କ ବିରୋଧରେ ପୂର୍ବତନ ଜେଲର୍ ତଥା ବର୍ତ୍ତମାନର କଣ୍ଟାବାଞ୍ଜି ସବ୍‌ଜେଲ୍‌ର ଜେଲର ସନ୍ତୋଷିନୀ ଦାଶ ଚୌଦ୍ୱାର ଥାନାରେ ଏକ ମାମଲା ରୁଜୁ କରିଛନ୍ତି।

ଘଟଣା ସମୟରେ ଚୌଦ୍ୱାର ଜେଲ୍ ରେଜିଷ୍ଟ୍ରାର ଓ ସନ୍ତୋଷିନୀଙ୍କ ଦସ୍ତଖତକୁ ଜାଲିଆତି କରାଯାଇଥିବା ଅଭିଯୋଗ ହୋଇଛି। କଏଦୀ ଫେରାର ହେବା ପରେ ଜେଲର୍ ↳ପୃଷ୍ଠା-୬

ଲକ୍ଷ୍ମୀ ବସ୍‌କୁ ବିରୋଧ

୨୪ରୁ ଗଡ଼ିବନି ଘରୋଇ ବସ୍!

କଟକ,୧୭।୧(ସଂଚାର ବ୍ୟୁରୋ): ଗାଁରୁ ଜିଲ୍ଲା ସଦର ମହକୁମା ଯାଏଁ ଲକ୍ଷ୍ମୀ ବସ ଚଳାଚଳକୁ ବିରୋଧ କରିଛି ରାଜ୍ୟ ଘରୋଇ ବସ ମାଲିକ ସଂଘ। ନିଷ୍ପତ୍ତି ବଦଳାଇବାକୁ ସରକାରଙ୍କ ନିକଟରେ ଦାବି କରାଯିବ। ଯଦି ୨୩ ତାରିଖ ସୁଦ୍ଧା କୌଣସି ପଦକ୍ଷେପ ନିଆ ନଯାଏ, ତେବେ ଆସନ୍ତା ୨୪ ତାରିଖରୁ କଟକକୁ କୌଣସି ବସ ଗଡ଼ିବ ନାହିଁ। ଆଜି ଏଭଳି ଚେତାବନୀ ଦେଇଛି ରାଜ୍ୟ ଘରୋଇ ବସ ମାଲିକ ସଂଘ। ଲକ୍ଷ୍ମୀ ବସ ଗାଁରୁ ପଞ୍ଚାୟତ ଯାଏଁ ଚାଲିବା ଲାଗି ପୂର୍ବରୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ଗତ କିଛି ଦିନ ଭିତରେ ଉକ୍ତ ନିଷ୍ପତ୍ତିରେ ପରିବର୍ତ୍ତନ ହୋଇଛି। କେନ୍ଦ୍ରାପଡା, ଜଗତସିଂହପୁର ଓ କଟକରେ ଜିଲ୍ଲା ସଦର ମହକୁମା ଯାଏଁ ଲକ୍ଷ୍ମୀ ବସ ଚଳାଚଳ ଆରମ୍ଭ ହୋଇଛି। କେତେକ ଜାଗାରେ ବିରୋଧ କାରଣରୁ ଏହାକୁ ବନ୍ଦ ରଖାଯାଇଛି। କଟକରେ ଆଜି ରାଜ୍ୟ ଘରୋଇ ବସ ମାଲିକ ସଂଘର ଏକ ଜରୁରୀ ବୈଠକ ବସିଥିଲା। ↳ପୃଷ୍ଠା-୬

କାଏମ୍ ରହିଲା ଭକ୍ତ ନିବାସ ପାର୍କିଂ ଶୁଳ୍କ ନିଷ୍ପତ୍ତି

ପରିଚାଳନା କମିଟିର ମୋହର

୫୦୦ଟଙ୍କାରୁ ୨୪୦କୁ ହ୍ରାସ

ଗଣତିମଣତି ପାଇଁ ସରକାରଙ୍କ ଅନୁମୋଦନ ଅପେକ୍ଷା

ପୁରୀ,୧୭।୧ (ସଂଚାର ବ୍ୟୁରୋ): ଶ୍ରୀମନ୍ଦିର ରତ୍ନଭଣ୍ଡାର ରତ୍ନ ଅଳଙ୍କାର ଗଣତିମଣତି ନେଇ ସଂଶୋଧିତ ମାର୍ଗଦର୍ଶିକାରେ ଆଜି ପରିଚାଳନା କମିଟି ବୈଠକରେ ମୋହର ଲାଗିଛି। ତେବେ ଏହା ଆରମ୍ଭ କରିବା ସକାଶେ ଏକ ଶୁଭ ମୁହୂର୍ତ୍ତ ସହ ରାଜ୍ୟ ସରକାରଙ୍କ ଅନୁମୋଦନକୁ ଅପେକ୍ଷା କରାଯାଇଛି ବୋଲି ବୈଠକ ପରେ ସୂଚନା ଦିଆଯାଇଛି। ଅବଶ୍ୟ ତାରିଖ ଧାର୍ଯ୍ୟ କରିବା ପରେ କମିଟି ପକ୍ଷରୁ ଏନେଇ ସରକାରଙ୍କ ଅନୁମୋଦନ ଲୋଡ଼ାଯିବ। ତେବେ ଗଣତିମଣତି ସମୟରେ ମହାପ୍ରଭୁଙ୍କ ସାଧାରଣ ଦର୍ଶନ ଆଦୌ ପ୍ରଭାବିତ ହେବ ନାହିଁ। ସେ ସମୟରେ ବାହାର କାଠରୁ ↳ପୃଷ୍ଠା-୬

SIKSHA 'O' ANUSANDHAN
(DEEMED TO BE UNIVERSITY)

SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN CORE COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in



କାନ ଡେରିଥା

ନିଲମ୍ବନ ଆଉ
ବହିଷ୍କାର ବାନା
ବିଜେଡି ଦଳରେ ଉଡୁଛି
ଦଳ କାର୍ଯ୍ୟକର୍ତ୍ତା ଅଧା
ଖସିଲେଣି
ଆହୁରି ଖସିବ ଲାଗୁଛି
ମୁଖିଆଙ୍କ ମୁଣ୍ଡ ବିନ୍ଧୁଛି...
ତାଙ୍କ ଜାଣତରେ
ହେଉଛି କି ନାହିଁ
ସାଧାରଣ ଲୋକ ଭାବୁଛି ।

■ ଦେବାଶିଷ

ବିଜେଡି ବିଧାୟକଙ୍କ ଉପରେ ଗୁଇନ୍ଦା ନଜର

- ● ବିରୋଧୀ ଶିବିରରେ ଖବର ପହଞ୍ଚାଉଛନ୍ତି
- ● ଗୁଇନ୍ଦାଙ୍କୁ ଚିହ୍ନଟ ପାଇଁ ମତ

ଭୁବନେଶ୍ୱର,୧୭।୧(ସଂଚାର ବ୍ୟୁରୋ): ବିଜେଡିରୁ ନିଲମ୍ବନ ହୋଇଥିବା ଦୁଇ ବିଧାୟକ ସନାତନ ମହାକୁଡ ଓ ଅରବିନ୍ଦ ମହାପାତ୍ର ବିଜେଡି ଭାଙ୍ଗିବା ଷଡ଼ଯନ୍ତ୍ରରେ ସାମିଲ ଥିଲେ ଓ ଦୀର୍ଘଦିନ ଧରି ସେମାନେ ଚଳାଇଥିବା ଷଡ଼ଯନ୍ତ୍ରର ସୂଚନା ସଂଗ୍ରହ ପରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ବିଜେଡି ମୁଖପାତ୍ର କହିବା ପରେ କେଉଁ ଗୁଇନ୍ଦା ବାବୁ ଏହି ସୂଚନା ସଂଗ୍ରହ କରି ବିଜେଡିକୁ ଯୋଗାଉଥିଲେ ତାହାକୁ ନେଇ ଆଲୋଚନା ଆରମ୍ଭ ହୋଇଛି। ଏଭଳି ସୂଚନା ସରକାରୀ ଗୁଇନ୍ଦାଙ୍କ ବ୍ୟତିତ ଅନ୍ୟମାନେ ଦେବା ସମ୍ଭବପର ହୋଇନଥିବାବେଳେ କେଉଁମାନେ ଏହି କାର୍ଯ୍ୟ କରିଛନ୍ତି, ତାହା ଜାଣିବା ପାଇଁ ଏବେ ଉଭୟ ରାଜନୀତି ଓ ସରକାରୀ ସ୍ତରରେ ଉତ୍ସୁକତା ଆରମ୍ଭ ହୋଇଯାଇଛି।

ବିଜେଡି ମୁଖପାତ୍ର କହିଛନ୍ତି ଯେ ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ ସହ ମିଶି ଦୁଇ ବିଧାୟକ ବିଜେଡିକୁ ଭାଙ୍ଗିବା ପାଇଁ ଯୋଜନା ଚଳାଇଥିଲେ। ଏମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଇଥିଲା। ଏମାନେ କାହାକୁ ଭେଟୁଥିଲେ ଓ କ'ଣ ଆଲୋଚନା କରୁଥିଲେ ତାହାର ନିୟମିତ ସୂଚନା ମିଳୁଥିଲା। ଏହି ସୂଚନା ଆଧାରରେ ପ୍ରାୟ ମାସକ ପରେ ନବୀନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

ତେବେ ପ୍ରଶ୍ନ ଉଠିଛି ଯେ ରାଜନେତାମାନଙ୍କର ଗତିବିଧି ଉପରେ ଏଭଳି ନଜର ରଖିବା କୌଣସି ଦଳୀୟ ନେତାଙ୍କ ପକ୍ଷରେ ସମ୍ଭବପର ନୁହେଁ। ତାଲିମପ୍ରାପ୍ତ ସରକାରୀ ↳ପୃଷ୍ଠା-୬

ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ମାହାଙ୍ଗା ବିଧାୟକ

● ମାହାଙ୍ଗାରେ ବିକାଶର ଧାରା ଜାରି ରହିବ

ନିଷ୍କିନ୍ତକୋଇଲି, ୧୭।୧ (ସଂଚାର ବ୍ୟୁରୋ): ଶନିବାର ଅପରାହ୍ନରେ ମାହାଙ୍ଗା ବିଧାୟକ ଶାରଦାପ୍ରସାଦ ପ୍ରଧାନ ବିଭିନ୍ନ ପ୍ରକଳ୍ପର ଶୁଭ ଶିଳାନ୍ୟାସ କରିଛନ୍ତି। ପ୍ରଥମେ ଫୋଗଳ ପଞ୍ଚାୟତର ଜାନକୀବଲ୍ଲଭ ଉଚ୍ଚ ବିଦ୍ୟାଳୟ, ଜଗନ୍ନାଥପୁର ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପରେ ବିଦ୍ୟାଳୟ ପରିସରରୁ ନିଜ ସମର୍ଥକ ମାନଙ୍କ ସହ ଚାଲି ଚାଲି ବିଧାୟକ ଶ୍ରୀ ପ୍ରଧାନ ପଲ୍ଲୀଶ୍ରୀ ପ୍ରାଥମିକ କୃଷି ସମବାୟ ସମିତି ଲିଃ, ପାଇକରାପୁରର କାର୍ଯ୍ୟାଳୟ ଓ ଗୋଦାମଗୃହ ନିର୍ମାଣ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେଠାରୁ ଏକ ପଦଯାତ୍ରାରେ ବିଧାୟକ ଶ୍ରୀ ପ୍ରଧାନ ଆସି ଜିଗ୍ନୀପୁର ବଳଦେବଜୀଉ ସେବା ସମବାୟ ସମିତି ନୂତନ ଗୃହ, ବାଳକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ ଜିଗ୍ନୀପୁରର ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଶେଷରେ ବିଧାୟକ ଶ୍ରୀ ପ୍ରଧାନ ବରାଦୋ-ରାମକୃଷ୍ଣପୁର ଗ୍ରାମ୍ୟ ଉନ୍ନୟନ ରାସ୍ତା ଉନ୍ନତିକରଣ କାର୍ଯ୍ୟ ପାଇଁ ଶିଳାନ୍ୟାସ କରିଥିଲେ। ଏହି କାର୍ଯ୍ୟକ୍ରମରେ ନିଷ୍କିନ୍ତକୋଇଲି ବ୍ଲକ ଉପାଧ୍ୟକ୍ଷ ନୃସିଂହଚରଣ ମିଶ୍ର, ବିଡ଼ିଓ ଦ୍ୱିବେନ୍ଦୁ କୁମାର ଦାସ, ସହକାରୀ ନିର୍ବାହୀ ଯନ୍ତ୍ରୀ ନଳିନୀକାନ୍ତ ମହାପାତ୍ର, ବିଇଓ ସଂଯୁକ୍ତା ମହାପାତ୍ର, ବିଭିନ୍ନ ପଞ୍ଚାୟତର ସରପଞ୍ଚଙ୍କ ସମେତ ବିଧାୟକଙ୍କ ବହୁ ସମର୍ଥକ ଯୋଗଦେଇଥିଲେ।

ସାଲେପୁରରେ ପହଞ୍ଚିଲା ଶ୍ରୀରାମଙ୍କ ଦିବ୍ୟଧନୁ, ବିଭିନ୍ନ ସ୍ଥାନରେ ବ୍ୟାପକ ସ୍ୱାଗତ ସମ୍ବର୍ଦ୍ଧନା

ସାଲେପୁର, ୧୭।୧ (ସଂଚାର ବ୍ୟୁରୋ): ଆଜି ସନ୍ଧ୍ୟାରେ ଶ୍ରୀରାମ ଧନୁ ସୁସଜ୍ଜିତ ରଥରେ ସାଲେପୁର ନିର୍ବାଚନ ମଣ୍ଡଳୀର ଦ୍ୱୀପାଞ୍ଚଳର ରଟିଲୋ ହନୁମାନ ମନ୍ଦିରରେ ପହଞ୍ଚିବା ପରେ ସେଠାରେ ସହସ୍ରାଧିକ ଭକ୍ତ ରୁଣ୍ଡ ହୋଇ ଧନୁକୁ ପୂଜାର୍ଚ୍ଚନା କରିବା ସହ ଖୋଳ କୀର୍ତ୍ତନ, ଶଙ୍ଖ, ହୁଳହୁଳି, ଜୟଧ୍ୱନୀ ନାରାରେ ଏକ ଶୋଭାଯାତ୍ରାରେ ଦ୍ୱୀପାଞ୍ଚଳ ପରିକ୍ରମା କରାଇ ସାଲେପୁରର ଶିଶୁଆ ବ୍ୟାରେଜ୍ ନିକଟରେ ପହଞ୍ଚାଇଥିଲେ। ସେଠାରୁ ବିଜେପି ନେତା ଅରିନ୍ଦମ ରାୟଙ୍କ ନେତୃତ୍ୱରେ ଘଣ୍ଟ, ଘଣ୍ଟା, ଖୋଳ, କୀର୍ତ୍ତନ ଓ ଶଙ୍ଖଧ୍ୱନୀରେ ଏକ ବିଶାଳ ଶୋଭାଯାତ୍ରାରେ ସାଲେପୁର କଲେଜ ରୋଡ୍ ଦେଇ ସାହେଶ୍ୱରୀ ମନ୍ଦିର ନିକଟରେ ପହଞ୍ଚିଥିଲା। ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଛକ ସ୍ଥାନରେ ପ୍ରଭୁ ରାଜୀବ ଲୋଚନ ଶ୍ରୀରାମଙ୍କ ଧନୁକୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରିବା ସହ ପୂଜାର୍ଚ୍ଚନା କରାଯାଉଥିବାର ଦେଖିବାକୁ ମିଳିଥିଲା। ପ୍ରଭୁ ଶ୍ରୀରାମଙ୍କ ଧନୁ ଜଗତ୍‌ସିଂହପୁର ଜିଲ୍ଲାରୁ ବାହାରି ସାଲେପୁର ଠାରେ କଟକ ଜିଲ୍ଲାକୁ ପ୍ରବେଶ କରିଥିଲା। ଏହି ଅବସରରେ ରଟିଲୋ ହନୁମାନ ମନ୍ଦିର, ବିଶେଶ୍ୱର ମନ୍ଦିର, ରୋଧପୁର ଶାରଳା ମନ୍ଦିର, ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘ କାର୍ଯ୍ୟାଳୟ, ସାହେଶ୍ୱରୀ ମନ୍ଦିର, ଶ୍ରୀଜଗନ୍ନାଥ ମନ୍ଦିର, ମାଛୁଆଡି ତାରିଣୀ ମନ୍ଦିର ସମେତ ରାସ୍ତା ପାର୍ଶ୍ୱରେ ଥିବା ବିଭିନ୍ନ ଛକମାନଙ୍କରେ ଦିବ୍ୟ ଧନୁକୁ ଭକ୍ତିପୂତ ପୂଜାର୍ଚ୍ଚନା କରିବା ସହ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଏହି ଅବସରରେ ଏହି ଧନୁକୁ ଦର୍ଶନକରିବାକୁ ନାହିଁନଥିବା ଭିଡ଼ ପରିଲକ୍ଷିତ ହୋଇଥିଲା।

ରାଷ୍ଟ୍ରପତିଙ୍କ ବ୍ୟକ୍ତିଗତ ଶାସନ ସଚିବଙ୍କୁ ଭେଟିଲେ ଯାଦବ ସଭାପତି

କେନ୍ଦ୍ରାପଡା, ୧୭।୧ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲାର ଯାଦବ ମହାସଭା ର ସଭାପତି ପ୍ରଭାକର ପଲାଇ ନୂଆ ଦିଲ୍ଲୀ ଠାରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ବ୍ୟକ୍ତିଗତ ଶାସନ ସଚିବ ସୁରଥ କୁମାର ମହନ୍ତଙ୍କୁ ଭେଟି ନୂତନ ବର୍ଷର ଅଭିନନ୍ଦନ ଜଣାଇବା ସହ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଦାବିପତ୍ର ରେ ଜିଲ୍ଲା ଯାଦବ ମହାସଭା ର ବିଭିନ୍ନ ସମସ୍ୟା ଓ ଯାଦବ ଭବନ ନିର୍ମାଣ ପାଇଁ ଆଲୋଚନା କରିଛନ୍ତି। ଏହି ଆଲୋଚନା ସମୟରେ ଜିଲ୍ଲାର ଯାଦବ ମହାସଭା ର କାର୍ଯ୍ୟକାରୀ ସଦସ୍ୟ ଅମୂଲ୍ୟ କୁମାର ଦାସ ଉପସ୍ଥିତ ଥିଲେ ।

ଅନ୍ତେବାସୀଙ୍କୁ ଶୀତବସ୍ତ୍ର ବଣ୍ଟନ

କେନ୍ଦ୍ରାପଡ଼ା, ୧୭।୧ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଭି.ଆଇ.ପି. ରୋଡ ସନ୍ନିକଟରେ ଅବସ୍ଥିତ ରେସୱା ସ୍ୱଲ୍ପରହଣୀ କେନ୍ଦ୍ରର ଅନ୍ତେବାସୀମାନଙ୍କୁ ସମାଜସେବୀ ସ୍ୱର୍ଗତା ନନ୍ଦିତା ବ୍ରହ୍ମାଙ୍କ ସ୍ମୃତିରେ ଡାକ୍ତର ସୁପିର କୁମାର ବ୍ରହ୍ମା ଶୀତବସ୍ତ୍ର(ଶାଲ) ପ୍ରଦାନ କରିଛନ୍ତି । ଏହି ଉପଲକ୍ଷେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲ୍ଲା ପ୍ରତିଭା ପୂଜା ସଂସଦ ସଭାପତି ପ୍ରଦିପ କୁମାର ମହାନ୍ତି ସ୍ୱର୍ଗତା ବ୍ରହ୍ମା ବିଗତ ଦିନରେ କିପରି ଗରିବ ନିଷ୍ପେଷିତ ଲୋକଙ୍କୁ ସାହାଯ୍ୟର ହାତ ବଢାଉଥିଲେ ତାହା ବର୍ଣ୍ଣନା କରିଥିଲେ । ଏହି କାର୍ଯ୍ୟକ୍ରମରେ ସମବାୟବୀତ ରଣଧୀର ଜେନା, କବି ଅବନ୍ତୀ ବେହେରା, ଚିରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ମିନତୀ ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ଆକ୍ସନ ମୁଡ୍‌କୁ ଆସିଲେ କେନ୍ଦ୍ରାପଡ଼ା ତହସିଲଦାର

ଇଟାଭାଟିରେ ଚଢ଼ିଲା ବୁଲ୍‌ଡୋଜର୍

କେନ୍ଦ୍ରାପଡ଼ା, ୧୭।୧ (ସଂଚାର ବ୍ୟୁରୋ): ବେଇଆଇନ୍ ଭାବେ ଗଢିଉଠିଛି ନାଲି ଇଟା ଭାଟି। ସରକାରୀ ନିୟମ ନିର୍ଦ୍ଦେଶକୁ ଫୁ କରି ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି ଇଟା ମାଫିଆ। ଏହି ମାଫିଆଙ୍କ ଉପରେ ଆଜି ଆକ୍ସନ ହୋଇଛି। ଏହି ଆକ୍ସନ ମୁଡ୍‌କୁ ଆସିଛି ତହସିଲ୍ ପ୍ରଶାସନ। ବେଆଇନ୍ ଇଟାଭାଟି ଉପରେ ଚଢ଼ିଛି ବୁଲ୍‌ଡୋଜର।

କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ଅଂଚଳରେ ବ୍ୟାପକ ପରିମାଣରେ ବେଆଇନ ନାଲି ଇଟାଭାଟି ତିଆରି ହେବାରୁ ପରିବେଶ ଦୂଷିତ ହେବା ସହ ଅଂଚଳବସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବାରମ୍ବାର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହେବାପରେ ଉପ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ କେନ୍ଦ୍ରାପଡା ତହସିଲଦାର କୁଇନ ଜେନା ତହସିଲ ଅଂଚଳରେ ଆରଆଇଙ୍କ ଜାଣତରେ ନାଗପୁରା, ସାହସପୁର ପ୍ରଭୃତି ଅଂଚଳରେ ବିନା ଅନୁମତି ରେ ତିଆରି ହୋଇଥିବା ଇଟାଭାଟି ଗୁଡିକୁ ଶନିବାର କେନ୍ଦ୍ରାପଡା ତହସିଲଦାର ଜେସିବି ମେସିନ ସାହାଯ୍ୟରେ ଭାଙ୍ଗିଛନ୍ତି । ତେବେ ଏହି ଅଂଚଳରେ ରାଜସ୍ୱ ଫାଙ୍କି ଅନେକ ଇଟାଭାଟି ନିର୍ମାଣ ହେଉଥିବା ବେଳେ ସ୍ଥାନୀୟ ଆରଆଇ ନିରବଦ୍ରଷ୍ଟା ସାଜି ଥିବାରୁ ଅଂଚଳବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି ।

ଗଚ୍ଛିତ ବେଆଇନ ବାଲି ଜବତ କଲେ ଉପଜିଲ୍ଲାପାଳ

କେନ୍ଦ୍ରାପଡ଼ା, ୧୭।୧ (ସଂଚାର ବ୍ୟୁରୋ): କେନ୍ଦ୍ରାପଡାରେ ମାତ୍ରାଧିକ ମୂଲ୍ୟରେ ବାଲି ବିକ୍ରି ହେଉଥିବାରୁ ବାଲି ଖାଦାନ ମାଲିକ ଶହ ଶହ ଟ୍ରିପ୍ ବାଲି ଖାଦାନରୁ ଉଠାଇ ଆଣି ବିଭିନ୍ନ ସ୍ଥାନରେ ରଖି ଚଢା ଦରରେ ବିକ୍ରି କରୁଛନ୍ତି। ଏ ବିଷୟରେ ବାରମ୍ବାର ଅଭିଯୋଗ ହେବାପରେ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକ କ୍ରମେ କେନ୍ଦ୍ରାପଡା ତହସିଲଦାର କୁଇନ ଜେନା ଇନ୍ଦୁପୁର ଠାରେ ଗଚ୍ଛିତ ଥିବା ୩ହଜାର କ୍ୟୁବିକ ଫୁଟ ବାଲି ଜବତ କରିଛନ୍ତି । ଚଢା ଦରରେ ବାଲି ବିକ୍ରି କରୁଥିବାରୁ ଗରିବ ଲୋକ ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀମାନେ ଘର ନିର୍ମାଣ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ବିଷୟରେ ଜିଲ୍ଲା ପ୍ରଶାସନ ପାଖରେ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା ।

ପ୍ରାରିଶ୍ରମିକ ପାଇଁ ଧାରଣା ଦେବେ ଜିଲ୍ଲା ନାଇଟ ୱାଚ୍ ଆଣ୍ଡ ୱାର୍ଡ ସଂଘ

କେନ୍ଦ୍ରାପଡ଼ା, ୧୭।୧ (ସଂଚାର ବ୍ୟୁରୋ) : କେନ୍ଦ୍ରାପଡା ଜିଲ୍ଲା ନାଇଟ ୱାଚ୍ ଆଣ୍ଡ ୱାର୍ଡ ହାଉସ କିପିଂ କର୍ମଚାରୀ ସଂଘ ପକ୍ଷରୁ ବକେୟା ପାରିଶ୍ରମିକ ପାଇଁ ବୁଧବାର ଠାରୁ ଧାରଣା ଦିଆଯିବାକୁ ଚେତାବନୀ ଦିଆଯାଇଛି । ଏନେଇ ସଂଘ ପକ୍ଷରୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇ ଦେଢ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ବକେୟା ଥିବା ପାରିଶ୍ରମିକ ତୁରନ୍ତ ପ୍ରଦାନ କରିବାକୁ ଦାବି କରାଯାଇଛି ।

ଏହି କର୍ମଚାରୀ ମାନେ ବିଭିନ୍ନ ସ୍କୁଲରେ ରାତ୍ର ଜଗୁଆଳୀ ଓ ଝାଡୁଦାର ଭାବେ ସ୍ୱଳ୍ପ ପାରିଶ୍ରମିକ ଭାବେ କାର୍ଯ୍ୟକରି ଆସୁଥିଲେ। ୧୮ ମାସରୁ ଉର୍ଦ୍ଧ୍ୱ ହେବ ସେମାନଙ୍କୁ ଆଦୌ ପାରିଶ୍ରମିକ ମିଳି ନଥିବାରୁ ସେମାନେ ଦୁର୍ଦ୍ଦଶା ଭୋଗୁଛନ୍ତି। ଏନେଇ ଆସନ୍ତା ୨୧ ତାରିଖ ଠାରୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବେ ବୋଲି ସଂଘର ସଭାପତି ବସନ୍ତ କୁମାର ସାହୁ, ସଂପାଦିକା ଝରଣା ବେହେରା, ସୁଶାନ୍ତ କୁମାର ନାୟକ ପ୍ରମୁଖ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ।

ଗୀତା ଜ୍ଞାନ ପ୍ରତିଯୋଗିତାରେ ସତ୍ୟମ୍ ପ୍ରଥମ

ମହାକାଳପଡ଼ା, ୧୭।୧ (ସଂଚାର ବ୍ୟୁରୋ): ବୟସ ମାତ୍ର ଦଶ ବର୍ଷ। ଏହି ବୟସରୁ ସେ ଖେଳକୁଦ ସହିତ ଭଗବତ୍ ଗୀତା ଅଧ୍ୟୟନ କରି ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ସୁନାମ ଆଣୁଛନ୍ତି। ପୁଅର ଏହି ସଫଳତାରେ ବାପା ମାଆଙ୍କ ସମେତ ଅଞ୍ଚଳବାସୀ, ସହପାଠୀ ମାନଙ୍କ ମଧ୍ୟରେ ସେ ବେଶ୍ ପ୍ରଶଂସିତ ହେଉଛନ୍ତି।

ସୂଚନା ମୁତାବକ ମହାକାଳପଡ଼ା ବ୍ଲକ୍ ଅନ୍ତର୍ଗତ ବରକନ୍ଧା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବରକନ୍ଧା ଗ୍ରାମର ସନ୍ତୋଷ ରାଉତ ଓ ମାହେଶ୍ୱରୀ ରାଉତଙ୍କ ପୁଅ ହେଉଛନ୍ତି ସତ୍ୟମ ରାଉତ। ସତ୍ୟମଙ୍କ ବୟସ ହେଉଛି ୧୦ ବର୍ଷ। ସେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବରକନ୍ଧା -ଛେଡାକଣୀ ରେ ଚତୁର୍ଥ ଶ୍ରେଣୀର ଛାତ୍ର। ସେ ପିଲାଟି ଦିନରୁ ବାପା ମାଆଙ୍କ ନିର୍ଦ୍ଦେଶନାରେ ଭଗବତ୍ ଗୀତା ଅଧ୍ୟୟନ କରି ଆସୁଛନ୍ତି। ଏହି ଗୀତା ଅଧ୍ୟୟନ କରି ସେ ବିଭିନ୍ନ ସମୟରେ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ସଫଳତା ଆଣୁଛନ୍ତି। ଗୀତା ଆବୃତ୍ତି ପ୍ରତିଯୋଗିତାରେ ସତ୍ୟମ୍ ବ୍ଲକ୍ ସ୍ତରରୁ ଜିଲ୍ଲା ସ୍ତରକୁ ମଧ୍ୟ ଯାଇ ସାରିଛନ୍ତି। ଗୁରୁବାର ଗାନ୍ଧୀଜୀ ନୋଡାଲ ବିଦ୍ୟାପୀଠ, ଗୋଜବନ୍ଧ ଠାରେ ଆୟୋଜିତ ହୋଇଥିବା "ଗୀତା ଜ୍ଞାନ ପ୍ରତିଯୋଗିତା"ରେ ଗୀତା ଶ୍ଳୋକ ଆବୃତ୍ତି କରି ସତ୍ୟମ 'ପ୍ରଥମ ସ୍ଥାନ' ଅଧିକାର କରିଛନ୍ତି। ସତ୍ୟମଙ୍କୁ ପାରଦର୍ଶିତା ପ୍ରମାଣ ପତ୍ର ସହିତ ୫୦୦ ଟଙ୍କାର ପୁରସ୍କାର ଅର୍ଥ ରାଶି ପ୍ରଦାନ କରାଯାଇଛି।

ଜଗତସିଂହପୁର ବିଜେଡି ବ୍ଲକ ଓ ନଗର ସଭାପତିଙ୍କ ନାମ ଘୋଷଣା

ପାରାଦୀପ, ୧୭।୧ (ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲାର ସମସ୍ତ ଆଠଟି ବ୍ଲକ ଓ ଦୁଇଟି ପୌରାଞ୍ଚଳ ପାଇଁ ସଭାପତିଙ୍କ ନାମ ତାଲିକା ପ୍ରକାଶ ପାଇଛି। କୁଜଙ୍ଗ ବ୍ଲକ ବିଜେଡି ସଭାପତି ଭାବେ ମନୀନ୍ଦ୍ର ଗୁରୁ, ଏରସମା ବ୍ଲକ ସଭାପତି ଭାବେ ପିତବାସ ଗୋଛାୟତ, ତିର୍ତୋଲ ବ୍ଲକ ସଭାପତି ଭାବେ ଦେବଦତ୍ତ ଖଣ୍ଡୁଆଳ, ରଘୁନାଥପୁର ବ୍ଲକ ସଭାପତି ଭାବେ ଦେବାଶିଷ ତ୍ରିପାଠୀ, ବିରିଡି ବ୍ଲକ ସଭାପତି ଭାବେ ରବୀନ୍ଦ୍ର କୁମାର ରାଉଳ, ବାଲିକୁଦା ବ୍ଲକ ସଭାପତି ଭାବେ ରତ୍ନାକର ନାୟକ, ନାଉଗାଁ ବ୍ଲକ ସଭାପତି ଭାବେ ନିରଞ୍ଜନ ବେଉରା ଏବଂ ଜଗତସିଂହପୁର ସଦର ବ୍ଲକ ସଭାପତି ଭାବେ କାଳନ୍ଦୀ ପତିଙ୍କ ନାମ ଘୋଷଣା କରାଯାଇଛି। ସେହିପରି ଜଗତସିଂହପୁର ପୌରାଞ୍ଚଳ ସଭାପତି ଭାବେ ପ୍ରିୟ ବ୍ରତ ମହାପାତ୍ର ଏବଂ ପାରାଦ୍ୱୀପ ପୌରାଞ୍ଚଳ ସଭାପତି ଭାବେ କୁମରବର ନାୟକଙ୍କୁ ଦାୟିତ୍ୱ ମିଳିଛି।

ଅସହାୟ ପରିବାରକୁ ସହାୟତା

ମହାକାଳପଡ଼ା, ୧୭।୧ (ସଂଚାର ବ୍ୟୁରୋ): ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ମହାକାଳପଡା ପଞ୍ଚାୟତ ଅଧିନସ୍ଥ ଚଡାଇଗୁଆଁ ଗ୍ରାମର ପ୍ରମୋଦ ଦାସ (୭୦)ଜଣେ ଦିନ ମଜୁରୀଆ ଭାବେ କାର୍ଯ୍ୟ କରି ତାଙ୍କ ପରିବାର ପ୍ରତିପୋଷଣ କରିଆସୁଥିଲେ। ଆଜିକୁ ଏଗାର ଦିନ ହେବ ପ୍ରମୋଦଙ୍କ ଦେହାନ୍ତ ହୋଇଯାଇଛି। ପ୍ରମୋଦଙ୍କ ଦେହାନ୍ତ ପରେ ପତ୍ନୀ ସୁଶାନ୍ତି ଓ ଝିଅ ଲକ୍ଷ୍ମୀପ୍ରିୟା ସଂପୂର୍ଣ୍ଣ ବେସାହାରା ହୋଇପଡିଛନ୍ତି। ଶୁଦ୍ଧିକ୍ରିୟା ପାଇଁ ଅର୍ଥ ନଥିବାରୁ ସହାୟତା ପାଇଁ ସେ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଏକାଧିକ ସଙ୍ଗଠନମାନଙ୍କ ତରଫରୁ ସହାୟତା ଯୋଗାଇ ଦିଆଯାଇଥିଲା। ଆଜି ରଶ୍ମି ଚାରିଟେବୁଲ ଟ୍ରଷ୍ଟ ତରଫରୁ ରଶ୍ମି ରେଖା ଶୁଭାଶିନୀ ଓ ସଦାଶିବ ରାଉତ ପରିବାରକୁ ଭେଟି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

ରାସ୍ତା ନିର୍ମାଣରେ ବ୍ୟାପକ ଦୁର୍ନୀତି

ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ଗ୍ରାମବାସୀ

କେନ୍ଦ୍ରାପଡ଼ା, ୧୭।୧ (ସଂଚାର ବ୍ୟୁରୋ): କରଞ୍ଜ-ଦହିମାଛ ଭାୟା ଗୋଖାପଡା ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣରେ ବ୍ୟାପକ ଦୁର୍ନୀତି କରାଯାଇଥିବା ନେଇ କରଞ୍ଜ ଗ୍ରାମବାସୀଙ୍କ ପକ୍ଷରୁ କେନ୍ଦ୍ରାପଡା ଜିଲ୍ଲାପାଳ ଓ ୨ନମ୍ବର ପୂର୍ତ୍ତ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରାଯାଇଛି ।

ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି ଯେ ମହାକାଳପଡା ବ୍ଲକ ଅଧିନ କରଞ୍ଜ ଗ୍ରାମପାୟତର "କରଞ୍ଜ-ଦହିମାଛ ଭାୟା ଗୋଖାପଡା" ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣ ନିମ୍ନମାନର କରାଯାଇ କୋଟି କୋଟି ଟଙ୍କା ହରିଲୁଟ କରାଯିବା ସହ ବ୍ୟାପକ ଦୁର୍ନୀତି କରାଯାଇଛି । ଗ୍ରାମବାସୀଙ୍କ ପକ୍ଷରୁ ନିମ୍ନମାନର ରାସ୍ତା ନିର୍ମାଣ ସମୟରେ ପ୍ରତିବାଦ କରାଯିବା ସହିତ ବିଭାଗୀୟ ଯନ୍ତ୍ରୀଙ୍କୁ ଲିଖିତ ଭାବେ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିଲା। ଫଳରେ ସଂପୃକ୍ତ ଠିକାଦାର ପ୍ରତିବାଦ କରିଥିବା କେତେକ ଗ୍ରାମବାସୀଙ୍କୁ ଜୀବନରେ ମାରିଦେବାର ଧମକ ଦେଇ ଭୟଭୀତ କରାଇଥିଲେ । ତେଣୁ ସେମାନେ ସୂଚନା ଅଧିକାର କର୍ମୀ ଦୁଷ୍ମନ୍ତ ନାରାୟଣ ଆଚାର୍ଯ୍ୟଙ୍କୁ ନିବେଦନ କରିଥିଲେ। ସୂଚନା ଅଧିକାର କର୍ମୀ ଶ୍ରୀ ଆଚାର୍ଯ୍ୟ ସଂପୃକ୍ତ ପ୍ରକଳ୍ପ ସମ୍ପର୍କରେ ସୂଚନା ଅଧିକାର ଆଇନରେ ପୂର୍ତ୍ତ ବିଭାଗକୁ ତଥ୍ୟ ମାଗିଥିଲେ । ତାଙ୍କୁ ମିଳିଥିବା ତଥ୍ୟରୁ ଜଣାପଡିଛି ଯେ ଏହି ପ୍ରକଳ୍ପରେ ବହୁ ମିଥ୍ୟା କାଗଜପତ୍ର ପ୍ରସ୍ତୁତ କରାଯାଇ ସରକାରୀ ଅନୁଦାନ ଅର୍ଥକୁ ହରିଲୁଟ କରାଯାଇଛି ।

ଏହି ପ୍ରକଳ୍ପରେ ମାତ୍ର ଦୁଇ କିଲୋମିଟର ରାସ୍ତା ନିର୍ମାଣ ନିମନ୍ତେ ୬କୋଟି ୬୭ଲକ୍ଷ ଟଙ୍କା ବ୍ୟୟ କରାଯାଇଥିବା ଦର୍ଶାଯାଇଛି । ରାସ୍ତା ନିର୍ମାଣର ମାତ୍ର ୬ମାସ ମଧ୍ୟରେ ସେହି ରାସ୍ତାର ଅନେକ ସ୍ଥାନରେ ବଡ ବଡ ଗାଡ ସୃଷ୍ଟି ହୋଇଥିବା ବେଳେ କେତେକ ସ୍ଥାନରେ ଗୋଡି ଉଠିଯାଇଥିବା ଦେଖିବାକୁ ମିଳିଛି। ପ୍ରକଳ୍ପରେ ବ୍ୟାପକ ଦୁର୍ନୀତି କରାଯାଇଥିବାରୁ ସୂଚନା ଅଧିକାର ଆଇନରେ ସଂପୃକ୍ତ ରାସ୍ତାର ନମୁନା ପ୍ରଦାନ କରାଗଲା ନାହିଁ । ତଥ୍ୟ ପ୍ରଦାନ କରାନଯିବାରୁ ଆବେଦନକାରୀ ଶ୍ରୀ ଆଚାର୍ଯ୍ୟ ପୂର୍ତ୍ତ ଡିଭିଜନ ସମ୍ମୁଖରେ ଧାରଣାରେ ବସିବାରେ ତାଙ୍କ ନାମରେ ବିଭିନ୍ନ ମିଥ୍ୟା ଅଭିଯୋଗକୁ ନେଇ ଖବର ପ୍ରସାରଣ କରାଯାଇଥିବା ଅଭିଯୋଗ ହୋଇଛି । ତେଣୁ ଏହି ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତ ପୂର୍ବକ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆସନ୍ତା ୨୮ତାରିଖରେ ଭୁବନେଶ୍ୱରସ୍ଥିତ ପୂର୍ତ୍ତ ବିଭାଗ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହେବାକୁ ଥିବା ଧାରଣାରେ ଗ୍ରାମବାସୀମାନେ ସାମିଲ ହେବେ ବୋଲି ଚେତାବନୀ ଦିଆଯାଇଛି ।

ମଧୁସାଗର ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା, ୧୭।୧ (ସଂଚାର ବ୍ୟୁରୋ): ଭାଗବତପୁର ଗ୍ରାମ ପଂଚାୟତ ଅନ୍ତର୍ଗତ ବାଲିଆସ୍ଥିତ ବୀଣାପାଣି ସଂଗୀତସଦନ ପରିସରରେ ମଧୁସାଗର ମହୋତ

ପଞ୍ଚସଖା ଶିକ୍ଷା ସେତୁର ତୃତୀୟ କାର୍ଯ୍ୟନିର୍ବାହୀ ପରିଷଦର ବୈଠକ

୨୨ ଜିଲ୍ଲାରେ ୮୬୨ ପ୍ରକଳ୍ପକୁ ମଞ୍ଜୁରି, ୧୨.୬୨ କୋଟି ବଜେଟ୍

ଭୁବନେଶ୍ୱର,୧୭।୧(ସଂଚାର ବ୍ୟୁରୋ): ପଞ୍ଚସଖା ଶିକ୍ଷା ସେତୁ ସଂଗଠନର ତୃତୀୟ କାର୍ଯ୍ୟନିର୍ବାହୀ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟର ୨୨ ଟି ଜିଲ୍ଲାର ବିଭିନ୍ନ ସ୍କୁଲରେ ଉନ୍ନତି ପାଇଁ ୧୨ କୋଟି ୬୨ ଲକ୍ଷ ୪୮ ହଜାର ୩୭୩ ଟଙ୍କା ବ୍ୟୟ ଅଟକଳରେ ୮୬୨ ଗୋଟି ପ୍ରକଳ୍ପକୁ ମଞ୍ଜୁର ଦିଆଯାଇଛି। ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୧.୯୧ କୋଟି ଟଙ୍କାର ପ୍ରକଳ୍ପକୁ ଅନୁମୋଦନ ମିଳିଛି। ପରିଷଦର ଅଧକ୍ଷ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଶାସନ ସଚିବ ଡଃ ଏନ୍. ତିରୁମାଲା ନାଏକ ବୈଠକରେ ଅଧକ୍ଷତା କରିଥିଲେ। ପୁରାତନ ଛାତ୍ରଛାତ୍ରୀଙ୍କ ନେତୃତ୍ୱରେ ବିଦ୍ୟାଳୟର ଉନ୍ନତି ସମ୍ପର୍କରେ ଗୁରୁତ୍ୱ ଦେଇ ଡଃ ନାଏକ ଆଲୋଚନା କରିଛନ୍ତି। ବିଦ୍ୟାଳୟର ଉନ୍ନତି ପାଇଁ ପୁରାତନ ଛାତ୍ରଛାତ୍ରୀ, ଅଭିଭାବକ, ପରିଚାଳନା କମିଟି ସଦସ୍ୟ ଓ ସ୍ଥାନୀୟ ସମ୍ପ୍ରଦାୟ ୪ କୋଟି ୪୧ ଲକ୍ଷ ୬୫ ହଜାର ୫୮୨ ଟଙ୍କାର ଆର୍ଥିକ ସହଭାଗିତା ଦେଇଛନ୍ତି। ସେମାନଙ୍କ ସହଭାଗିତା ସହ ପଞ୍ଚସଖା ଶିକ୍ଷା ସେତୁ ଦୁଇଗୁଣା ଅନୁଦାନ ମିଶାଇ ମୋଟ ୧୨ କୋଟି ୬୨ ଲକ୍ଷ ୪୮ ହଜାର ୩୭୩ ଟଙ୍କା ବ୍ୟୟ ଅଟକଳରେ ୮୬୨ ଗୋଟି ପ୍ରକଳ୍ପ ପ୍ରସ୍ତାବକୁ ମଞ୍ଜୁରି ମିଳିଛି। ବୈଠକରେ ପଞ୍ଚସଖା ଶିକ୍ଷା ସେତୁର ସଦସ୍ୟ ସଚିବ ତଥା ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନନ୍ୟା ଦାସ, ବିଭାଗର ଅତିରିକ୍ତ ଶାସନ ସଚିବ ଦୁର୍ଗାପ୍ରସାଦ ମହାପାତ୍ର ଉପସ୍ଥିତ ଥିଲେ।

ବିଏମ୍‌ସି-ସିଜିଏମ୍ ଏନ୍‌ଏମ୍‌ଟି ପାଇଁ ଚୁକ୍ତିପତ୍ର

ପରିବେଶ ଅନୁକୂଳ ଯାତାୟାତକୁ ମିଳିବ ପ୍ରୋତ୍ସାହନ

ଭୁବନେଶ୍ୱର,୧୭।୧(ସଂଚାର ବ୍ୟୁରୋ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ସମସ୍ତ ନାଗରିକଙ୍କ ଉନ୍ନତ ଜୀବନଯାପନ ପାଇଁ ଉତ୍ସର୍ଗୀକୃତ ସେବା ଯୋଗାଇଆସୁଛି। ୧୯୪୮ରେ ଏକ ବିଜ୍ଞାପିତ ପରିଷଦ ଭାବେ ଜନ୍ମ ନେଇଥିବା ଭୁବନେଶ୍ୱର ୧୯୭୯ରେ ମହାନଗର ପାଇଁ ଏକ ଅଧିସୂଚିତ କ୍ଷେତ୍ର କମିଟି ଭାବେ ଓ ଶେଷରେ ୧୯୯୪ରେ ମହାନଗର ନିଗମର ମାନ୍ୟତା ପାଇଥିଲା। ଏବେ ଅନେକ ଜଟିଳ ପଥ ଗତି କରି ସ୍ମାର୍ଟ ସିଟିର ମାନ୍ୟତା ପାଇଛି। ସହର ମଧ୍ୟରେ ଯାତାୟାତ ଓ ପରିବହନକୁ ସୁଗମ କରିବା ପାଇଁ ସହରାଞ୍ଚଳ ନୀତିକୁ ମାନି ଚଳିବା, ବିଶେଷକରି ଚଲାବୁଲା, ପାଦଚଲା ରାସ୍ତା, ସାଇକ୍ଲିଂ ଆଦି ଅଣ-

ମୋଟର ଗମନାଗମନକୁ ପ୍ରୋତ୍ସାହିତ କରିବା ପାଇଁ ବିଏମ୍‌ସି କର୍ତ୍ତୃପକ୍ଷ ଆଜି ସେଣ୍ଟର୍ ଫର୍ ଗ୍ରୀନ୍ ମୋବିଲିଟି (ସିଜିଏମ୍) ସହ ଏକ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି। ସାରା ବିଶ୍ୱରେ ଜଳବାୟୁ ପରିବର୍ତ୍ତନ ଓ ସବୁଜିମା ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ଐତିହ୍ୟ ଓ ଆଧୁନିକତାକୁ ଯୋଡ଼ି ଆଗେଇଥିବା ସ୍ମାର୍ଟ ସିଟି ଭୁବନେଶ୍ୱର ନିଜ ଅଞ୍ଚଳରେ ଅଣମୋଟର ଯାତାୟାତକୁ ଗୁରୁତ୍ୱ ଦେଇଛନ୍ତି। ବିଶେଷକରି ଶିଶୁ, ମହିଳା, ବୃଦ୍ଧ, ଭିନ୍ନକ୍ଷମ ଓ ଅନ୍ୟାନ୍ୟ ଦୁର୍ବଳ ଗୋଷ୍ଠୀଙ୍କ ନିମନ୍ତେ ଏହି ସୁବିଧା କରିବା ପାଇଁ ରଣନୀତି ପ୍ରସ୍ତୁତ ହେବ। ପ୍ରଶିକ୍ଷଣ, କର୍ମଶାଳା, ଏକ୍ସପୋଜର ପରିଦର୍ଶନ, ବୈଷୟିକ ମାର୍ଗଦର୍ଶନ ଏବଂ ଅଣମୋଟର ଗମନାଗମନ ଯୋଜନା, ଡିଜାଇନ୍, ସୁରକ୍ଷା ଓ ପରିଚାଳନା ଉପରେ ଜ୍ଞାନ ବିନିମୟ ମାଧ୍ୟମରେ ସଂସ୍ଥାଗତ ଦକ୍ଷତା ବୃଦ୍ଧି କରିବା। ପଥଚାରୀଙ୍କ ସୁରକ୍ଷା, ସାଇକେଲ ଚାଳନା ସଂସ୍କୃତି ଓ ସ୍ଥାୟୀ ଗତିଶୀଳତା ଅଭ୍ୟାସ ଉପରେ ଧ୍ୟାନ ଦେଇ ଗୋଷ୍ଠୀ ଅଂଶଗ୍ରହଣ, ଜନସଚେତନତା ସାଙ୍ଗକୁ ଏହିପ୍ରକାର ପରିବେଶ ଅନୁକୂଳ ଗମନାଗମନ ଅଭ୍ୟାସକୁ ପ୍ରୋତ୍ସାହନ ସକାଶେ ତାଲିମ ଦିଆଯିବ। ଏଥିରେ ବିଭିନ୍ନ ବର୍ଗଙ୍କୁ ସାମିଲ କରାଯିବ। ବିଏମ୍‌ସି ଅଞ୍ଚଳରେ ଚାଲିବା, ସାଇକେଲ ଚାଳନା ଓ ଅନ୍ୟାନ୍ୟ ଅଣମୋଟରଯୁକ୍ତ ଯାତାୟାତ ପାଇଁ ଏକ ନିରାପଦ, ସୁଲଭ ଓ ଲାଭଦାୟକ ଭିତ୍ତିଭୂମି ସୃଷ୍ଟି କରିବାରେ ବିଏମ୍‌ସିକୁ ବୈଷୟିକ ସହାୟତା କରିବ ସିଜିଏମ୍।

● ଡିଜେ ସାଉଣ୍ଡ ନେଲା ଜୀବନ

ପ୍ରତିବାଦରେ ରାସ୍ତା ଅବରୋଧ

ଟିଟିଲାଗଡ଼,୧୭।୧(ସଂଚାର ବ୍ୟୁରୋ): ଡିଜେ ସାଉଣ୍ଡ ଯୋଗୁ ଚାଲିଗଲା ଜଣଙ୍କ ଜୀବନ। ଏହା ପ୍ରତିବାଦରେ ସ୍ଥାନୀୟ ଲୋକେ ମୃତଦେହ ରଖି ଖୁଣ୍ଟୁଣୀ-ନରସିଂହପୁର ୬୫ ନମ୍ବର ରାଜ୍ୟ ରାଜପଥ ଅବରୋଧ କରିଛନ୍ତି ଗ୍ରାମବାସୀ। ଗତକାଲି ରାତିରେ ତିଗିରିଆ ଥାନା ନୂଆପାଟଣା ବଜାରରେ ଏକ ବିବାହ ଶୋଭାଯାତ୍ରା ଯାଉଥିବା ବେଳେ ଘର ପାଖରେ ଛିଡ଼ା ହୋଇ ପ୍ରସେସନ୍ ଦେଖୁଥିବା ସମୟରେ ଡିଜେର ବିକଟାଳ ଶବ୍ଦରେ ନୂଆପାଟଣା ଗ୍ରାମର ଲକ୍ଷ୍ମୀଧର ଚାନ୍ଦ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ତୁରନ୍ତ ନିକଟସ୍ଥ ତିଗିରିଆ ମେଡିକାଲ୍‌ରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଖବର ପାଇ ଘଟଣାସ୍ଥଳରେ ଆଠଗଡ଼ ଡିଏସପିଙ୍କ ସହ ତିଗିରିଆ ପୁଲିସ୍ ପହଞ୍ଚି ତଦନ୍ତ କରୁଥିବା ଜଣାପଡ଼ିଛି।

ଭୁବନେଶ୍ୱରୀ ପଣ୍ଡାଙ୍କ 'ସନ୍ଦେହର ସଳିତା' ଉନ୍ମୋଚିତ

ଭୁବନେଶ୍ୱର,୧୭।୧(ସଂଚାର ବ୍ୟୁରୋ): ଗାଳ୍ପିକା ଭୁବନେଶ୍ୱରୀ ପଣ୍ଡାଙ୍କ ଉପନ୍ୟାସ 'ସନ୍ଦେହର ସଳିତା' ଆଜି ବାଚସ୍ପତି ସୁରମା ପାଢ଼ୀଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ବିଧାନସଭା ପରିସରରେ ବାଚସ୍ପତିଙ୍କ ପ୍ରକୋଷ୍ଠରେ ଆୟୋଜିତ ଏହି ଉନ୍ମୋଚନ କାର୍ଯ୍ୟକ୍ରମରେ ବିଶିଷ୍ଟ କବି ଅପର୍ଣ୍ଣା ମହାନ୍ତି, କଥାକାର ପ୍ରବୀଣା ମହାନ୍ତି, ପ୍ରକାଶକ ସରୋଜ ବଳ ଓ ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ଉପସ୍ଥିତ ଥିଲେ। ବାଚସ୍ପତି ଶ୍ରୀମତୀ ପାଢ଼ୀ କହିଥିଲେ ଯେ 'ସନ୍ଦେହର ସଳିତା' ଉପନ୍ୟାସ ସାଧାରଣ ଓ ସାବଲୀଳ ଭାଷାରେ ଲେଖାଯାଇଛି। ସାଧାରଣ ପାରିବାରିକ ଜୀବନର ଘଟଣାବଳୀକୁ ପ୍ରଭାବଶାଳୀ ଢଙ୍ଗରେ ଉପସ୍ଥାପନ କରାଯିବା ସହ ଭାଗ ଭାଗ ହୋଇ ଲେଖାଯାଇଥିବାରୁ ଏହା ପାଠକଙ୍କୁ ଛୁଇଁପାରିବ। ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିବା ପାଇଁ ଯୁବପିଢ଼ି ଏପରି ଉପନ୍ୟାସ ରଚନା କରିବା ଆବଶ୍ୟକ ବୋଲି ବାଚସ୍ପତି କହିଥିଲେ। ଅନ୍ୟ ଅତିଥିମାନେ ମଧ୍ୟ ଏହି ଉପନ୍ୟାସ ଉପରେ ଆଲୋଚନା କରିଥିଲେ। ଭୁବନେଶ୍ୱରୀ ପଣ୍ଡାଙ୍କର ଏହା ପୂର୍ବରୁ ୫ଟି ଗଳ୍ପ ପୁସ୍ତକ ପ୍ରକାଶ ପାଇସାରିଛି। ସେଗୁଡ଼ିକ ହେଲା ଜୀବନର ବାଟେଘାଟେ, ଜୀବନର ଚଉହଦି, ଏମିତି ଏ ଜୀବନ, ଜୀବନ କହୁଛି ଗପ ଓ ସିନ୍ଦୂର। ତେବେ 'ସନ୍ଦେହର ସଳିତା' ତାଙ୍କର ପ୍ରଥମ ଉପନ୍ୟାସ ହୋଇଥିବା ବେଳେ ଏହାକୁ ଟାଇମ୍ ପାସ୍ ପକ୍ଷରୁ ପ୍ରକାଶ କରାଯାଇଛି।

ରାସ୍ତାକଡ଼ ଠିପିବନ୍ଦ ମଦଦୋକାନ ପାଲଟିଛି ଓପନ୍ ବାର୍

ଥାନାରେ ମୋ କଟକ ସୁରକ୍ଷା ମଞ୍ଚର ଅଭିଯୋଗ

କଟକ,୧୭।୧(ସଂଚାର ବ୍ୟୁରୋ): ଗତ ବିଜେଡି ସରକାର ଅମଳରେ ରାଜସ୍ୱ ଲୋଭରେ ଗଳିକନ୍ଦିରେ ମଦଦୋକାନ ଖୋଲିଥିଲା। ଏହି ଦୋକାନରୁ ମଦ ପିଇ ନିଶାସକ୍ତମାନେ ରାସ୍ତା କଡ଼ରେ ଗଣ୍ଡଗୋଳ କରିବା ସହ ହତ୍ୟାକାଣ୍ଡ ବି ଭିଆଉଛନ୍ତି। ବର୍ତ୍ତମାନର ନିଶା ନିବାରଣ ଆଇନ, ୧୯୫୬ ଅନୁସାରେ ମଦ ବିକ୍ରି ଓ ପିଇବା ନିମନ୍ତେ ନିର୍ଦ୍ଦିଷ୍ଟ ନିର୍ଦ୍ଦେଶନାମା ଜାରି କରିଥିଲେ ହେଁ କଟକ ମଧୁପାଟଣା ଥାନାଞ୍ଚଳରେ ଏହାକୁ ପୂରାପୂରି ବେଖାତିର କରାଯାଉଛି। ଏହି ଥାନା ଅଧୀନରେ ଥିବା କେତେକ ଠିପିବନ୍ଦ ମଦଦୋକାନ ନିକଟ ଓ ଜନଗହଳିପୂର୍ଣ୍ଣ ରାସ୍ତା କଡ଼ରେ ଦିନରାତି ମଦୁଆମାନେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରୁଛନ୍ତି। ଠିପିବନ୍ଦ ମଦଦୋକାନ ସତ୍ତ୍ୱେ ସେଠାରେ ନିଶାଖୋର୍‌ମାନେ ମଦ ପିଉଛନ୍ତି। ତେଣୁ ଯାତ୍ରୀମାନେ ଉକ୍ତ ରାସ୍ତା ଦେଇ ଯିବାକୁ ଭୟ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି ଉକ୍ତ ଅଞ୍ଚଳର ସୁରକ୍ଷା, ଶାନ୍ତିଶୃଙ୍ଖଳା ରକ୍ଷା ଓ ପୁଲିସ ପେଟ୍ରୋଲିଂକୁ କଡ଼ାକଡ଼ି କରିବା ସହ ନିୟମ ଉଲ୍ଲଙ୍ଘନ କରୁଥିବା ବ୍ୟକ୍ତି, ମଦ ଦୋକାନୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବି ନେଇ ମୋ କଟକ ସୁରକ୍ଷା ମଞ୍ଚ ପକ୍ଷରୁ ସମ୍ପାଦକ ଜିତେନ୍ଦ୍ର ସାହୁ, ସଭାପତି ଅକ୍ଷୟ ପଣ୍ଡା, ସମାଜସେବୀ ଡ. ବ୍ୟୋମକେଶ କାନୁନଗୋ ମଧୁପାଟଣା ଥାନାଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ଝାରସୁଗୁଡ଼ାରେ କଂଗ୍ରେସର ମହାସମାବେଶ

ମନରେଗା ଉଚ୍ଛେଦ ଓ ଧାନକିଣା ଅବ୍ୟବସ୍ଥାକୁ ବିରୋଧ

ଭୁବନେଶ୍ୱର,୧୭।୧(ସଂଚାର ବ୍ୟୁରୋ): ଝାରସୁଗୁଡ଼ା ଜିଲ୍ଲା କଂଗ୍ରେସ ପକ୍ଷରୁ ସଭାପତି ଜୀବନ ସାର୍ଥକ ଦାସଙ୍କ ନେତୃତ୍ୱରେ ଆଜି ଝାରସୁଗୁଡ଼ାଠାରେ ମନରେଗା ଉଚ୍ଛେଦ, ବିଜୁଳି ଚକ୍ରାନ୍ତ, ଧାନ କିଣା ଅବ୍ୟବସ୍ଥା ଆଦି ପ୍ରତିବାଦରେ ଏକ ମହାସମାବେଶ ଅନୁଷ୍ଠିତ ହୋଇଛି। ପିସିସି ସଭାପତି ଭକ୍ତ ଚରଣ ଦାସ ଓ ଏଆଇସିସିର ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଏଥିରେ ଯୋଗଦେଇଥିବା ବେଳେ ଶୋଭାଯାତ୍ରା ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରୁ ବାହାରି ପୁରୁଣା ବସଷ୍ଟାଣ୍ଡ ଛକଠାରେ ପହଞ୍ଚିଥିଲା। ଶୋଭାଯାତ୍ରା ଏମସିଏଲ ଅଡିଟୋରିୟମ ନିକଟରେ ପହଞ୍ଚିବା ପରେ ସେଠାରେ ଆୟୋଜିତ ଏକ ସଭାରେ ଶ୍ରୀ ଦାସ ତାଙ୍କ ଅଭିଭାଷଣରେ କହିଥିଲେ ଯେ ଝାରସୁଗୁଡ଼ା ଜିଲ୍ଲାର ଅଧିବାସୀ ଏକ ବିଷାକ୍ତ ପରିବେଶ ବଳୟରେ କାଳତିପାତ କରୁଛନ୍ତି। ଏଠାରେ ପରିବେଶ ଏତେ ମାତ୍ରାରେ ଦୂଷିତ ହୋଇଛି ଯେ ଉଜ୍ଜ୍ୱଳ ଆଲୋକରେ ବି ରାତି ସମୟରେ ରାସ୍ତା ଦୃଶ୍ୟମାନ ହେଉନାହିଁ। ଶିଳ୍ପରୁ ନିର୍ଗତ ପାଉଁଶ ଜିଲ୍ଲାର କୃଷି ପରିବେଶକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଲାଣି। ଏଠାକାର ଶିଳ୍ପପତିମାନେ ଝାରସୁଗୁଡ଼ାବାସୀଙ୍କ ସ୍ୱାର୍ଥକୁ ଅଣଦେଖା କରିଛନ୍ତି। ଝାରସୁଗୁଡ଼ାରୁ ଖଣିଜ ଦ୍ରବ୍ୟ ଉତ୍ତୋଳନ କରି ଶିଳ୍ପପତିମାନେ ଲାଭବାନ ହେଉଥିବା ବେଳେ ଏଠାକାର ଗରିବଗୁରୁବା ଦହଗଞ୍ଜ ହେଉଛନ୍ତି। ଉପା ସରକାର ଅମଳରେ କାର୍ଯ୍ୟକ୍ଷମ ହୋଇଥିବା ମନରେଗାରୁ ମୋଦି ସରକାର ମହାତ୍ମା ଗାନ୍ଧିଙ୍କ ନାମ ହଟାଇ ହିତାଧିକାରୀମାନଙ୍କ ପ୍ରତି ବିଶ୍ୱାସଘାତକତା କରିଥିବାରୁ ତୁରନ୍ତ ଏହି ନିଷ୍ପତ୍ତି ପ୍ରତ୍ୟାହାର କରିବା ସକାଶେ ଶ୍ରୀ ଦାସ ଦାବି କରିଛନ୍ତି। ମହାସମାବେଶରେ ପୂର୍ବତନ ବାଚସ୍ପତି କିଶୋର ପଟେଲ, ପିସିସି ଉପସଭାପତି ସନ୍ତୋଷ ସିଂ ସାଲୁଜା, ସିର୍ଦ୍ଧାଥ ଦାସ, ହମିଦ ହୁସେନ, ଅମୀତା ବିଶ୍ୱାଳ, ଯଶୋବନ୍ତ ସିଂ ଲାଗୁରି, ଅରବିନ୍ଦ ଦାସ ଅଂଶଗ୍ରହଣ କରିଥିଲେ।

ପୁଣି ଖସିଲା ପାରଦ

ଘୁ.ଉଦୟଗିରି ସବୁଠୁ ଥଣ୍ଡା

ଘୁ.ଉଦୟଗିରି,୧୭।୧ (ସଂଚାର ବ୍ୟୁରୋ): ଚଳିତ ଶୀତଋତୁରେ ଓଡ଼ିଶାରେ ସବୁଠାରୁ କମ୍ ତାପମାତ୍ରା ଓ ଶୀତଳ ସହର ଓଡ଼ିଶାର ଦାର୍ଜିଲିଂ ଘୁ.ଉଦୟଗିରି ରେକର୍ଡ଼ କରିଛି। ହାଡ଼ଭଙ୍ଗା ଶୀତରେ ଥରୁଛି ସମଗ୍ର ଅଞ୍ଚଳ। ବେଶୀ ପ୍ରଭାବିତ ଆଭ୍ୟନ୍ତରୀଣ ଅଞ୍ଚଳ ତଥା ପାହାଡ଼ ଜଙ୍ଗଲ ନିକଟରେ ରହୁଥିବା ଜନସାଧାରଣ। ଏଭଳି ହାଡ଼ଭଙ୍ଗା ଥଣ୍ଡା ଯୋଗୁଁ ପ୍ରଭାବିତ ହୋଇଛି ଦୈନନ୍ଦିନ ଜୀବନ ଶୈଳୀ। ସରକାରୀ ପାଣିପାଗ ବିଭାଗର ସୂଚନା ଅନୁସାରେ ଆଜି ରାଜ୍ୟର ସର୍ବନିମ୍ନ ତାପମାତ୍ରା ଘୁ.ଉଦୟଗିରିରେ ୨.୫° ଡିଗ୍ରି ରେକର୍ଡ କରାଯାଇଛି। ଫୁଲବାଣୀ ୬.୧ ଡିଗ୍ରୀ ଓ ଦାରିଙ୍ଗବାଡ଼ିରେ ୯ ଡିଗ୍ରି ରେକର୍ଡ ହୋଇଥିଲା। ଫେବୁଆରି ୩ତାରିଖ ଠାରୁ ୭ତାରିଖ ପାଞ୍ଚ ଦିନ ଧରି ଶୀତ ମହୋତ୍ସବ ଏଠାରେ ଅନୁଷ୍ଠିତ ହେବ।

ରାଜପଥ ପାଟ୍ରୋଲିଂ ଟିମ୍‌ର ଦକ୍ଷତା ବୃଦ୍ଧି କର୍ମଶାଳା

ତାଲିମ ନେଲେ ରାଜ୍ୟର ୧୭ ଜିଲ୍ଲାର ୫୦ ଅଧିକାରୀ

ଭୁବନେଶ୍ୱର, ୧୭।୧(ସଂଚାର ବ୍ୟୁରୋ): ଜାତୀୟ ସଡ଼କ ସୁରକ୍ଷା ମାସ ଅବସରରେ ସଡ଼କ ସୁରକ୍ଷା ଦିଗରେ ତୃଣମୂଳ ସ୍ତରରେ କାମ କରୁଥିବା ପାଟ୍ରୋଲିଂ ଟିମ୍ ପାଇଁ ଆୟୋଜିତ ହୋଇଛି ଦୁଇଦିନିଆ କର୍ମଶାଳା। ବାଣିଜ୍ୟ ଓ ପରିବହନ ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧୭ ଜିଲ୍ଲାର ୫୦ ଅଧିକାରୀଙ୍କୁ ଦକ୍ଷତା ବୃଦ୍ଧି ତାଲିମ ପ୍ରଦାନ କରାଯାଇଥିଲା। ରାଜ୍ୟ ପରିବହନ ପ୍ରାଧିକରଣ ଓ ଆରବିଜି ଲ୍ୟାବ୍ସ, ଆଇଆଇଟି ମାଡ୍ରାସର ବିଶେଷଜ୍ଞମାନେ ଆଲୋଚନା କରିଥିଲେ। ଏଥିସହ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଲକ୍ଷ୍ୟ ଓ ଏହାର ସଠିକ୍ କାର୍ଯ୍ୟାନ୍ୱୟନକୁ ଗୁରୁତ୍ୱ ଦିଆଯାଇଥିଲା। ସୁରକ୍ଷିତ ରାଜପଥ

ପାଇଁ ଏନଫୋର୍ସମେଣ୍ଟ ସହ କିଭଳି ବିଭିନ୍ନ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା ସହ ଲୋକଙ୍କୁ ସଚେତନ କରାଯାଇପାରିବ, ସେନେଇ ଅବଗତ କରାଯାଇଥିଲା। ଅତିରିକ୍ତ ପରିବହନ କମିଶନର (ସଡ଼କ ସୁରକ୍ଷା) ଦୀପ୍ତି ରଞ୍ଜନ ପାତ୍ର, ଭୁବନେଶ୍ୱର-୨ ଆରଟିଓ ସନତ ଜେନା, ଅବସରପ୍ରାପ୍ତ ଆରଟିଓ ଅଧିକାରୀ ରବିନ୍ ପଟ୍ଟନାୟକ ଓ ଏମଭିଆଇ ରବୀନ୍ଦ୍ର ଜେନା ତାଙ୍କ ଅଭିଜ୍ଞତା ବାଣ୍ଟିଥିଲେ।

ସେବାରେ ୭ 'ସୁପରହ୍ୟୁମ୍ୟାନ୍'

ପରିମଳ ସେବାକୁ ନୂଆ ପରିଚୟ ଦେଉଛି 'ଗରିମା'

କଟକ,୧୬।୧(ସଂଚାର ବ୍ୟୁରୋ): କଟକ ମହାନଗର ନିଗମ (ସିଏମସି) ଦ୍ୱାରା ପରିଚାଳିତ 'ମଳ ପଙ୍କ ପରିଚାଳନା ପ୍ଲାଣ୍ଟ' (ଏଫ୍‌ଏସ୍‌ଟିପି) କେବଳ ଏକ ପରିମଳ ସେବା କେନ୍ଦ୍ର ନୁହେଁ, ବରଂ ଏହା ଆତ୍ମସମ୍ମାନ, ସମାବେଶୀକରଣ ଓ ସାମାଜିକ ପରିବର୍ତ୍ତନର ଏକ ମାଧ୍ୟମର ଉଦାହରଣ ପାଲଟିଛି। ସ୍ଥାନୀୟ ମତଗଜପୁରସ୍ଥିତ ଏହି ପ୍ଲାଣ୍ଟ ବୈଜ୍ଞାନିକ ପଦ୍ଧତିରେ ମଳ ପଙ୍କ ପରିଚାଳନା ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବା ସହ ଲୋକାଭିମୁଖୀ ତଥା ସମାବେଶୀ ସହରାଞ୍ଚଳ ଶାସନ ପ୍ରତି

ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ସୁନିଶ୍ଚିତ କରିଛି। ଏହି ପ୍ରୟାସ ପଛରେ ଏକ ପ୍ରେରଣାଦାୟୀ କାହାଣୀ ରହିଛି। ରାଜ୍ୟ ସରକାରଙ୍କ 'ଗରିମା' ଯୋଜନା ଅଧୀନରେ ଏହି ପ୍ଲାଣ୍ଟର ପରିଚାଳନା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ଟ୍ରାନ୍ସଜେଣ୍ଡରଙ୍କୁ ଦିଆଯାଇଛି। ଏକଦା ସାମାଜିକ ବାସନ୍ଦ, କଳଙ୍କ ଓ ଆର୍ଥିକ ଅନଗ୍ରସରତାର ସମ୍ମୁଖୀନ ହେଉଥିବା ଏହି ଟ୍ରାନ୍ସଜେଣ୍ଡର୍‌ମାନେ ଆଜି ଆତ୍ମବିଶ୍ୱାସ, ବୃତ୍ତିଗତ ଦକ୍ଷତା ଓ ଗର୍ବର ସହ ସହରୀ ସେବାରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଉଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀର ସମ୍ପାଦିକା ଶୀତଲ ବାସ୍ତିଆ, ସଭାପତି ତନୁଶ୍ରୀ ବେହେରା ଓ ଗୋଷ୍ଠୀର ଅନ୍ୟ ସଦସ୍ୟ ଶିବାନୀ, ପ୍ରୀତମ ସିଂ, ସୁମନ, ଟିକି ଓ ରଞ୍ଜନ କୁମାର ସାହୁଙ୍କ ପରି ୭ 'ସୁପରହ୍ୟୁମ୍ୟାନ୍' ଏହି ପ୍ଲାଣ୍ଟ ପରିଚାଳନାର ମୁଖ୍ୟ ସ୍ତମ୍ଭ ହୋଇଛନ୍ତି। ସେମାନେ ସହରର ବିଭିନ୍ନ ସ୍ଥାନରୁ ସଂଗୃହୀତ ମଳ ପଙ୍କର ସଠିକ୍ ଉପଚାର କରିବା ସହ ପରିମଳ ବ୍ୟବସ୍ଥାକୁ ସ୍ୱଚ୍ଛ ଓ ସୁରକ୍ଷିତ ରଖିବାରେ ସହାୟକ ହେଉଛନ୍ତି। ଏହି ପ୍ଲାଣ୍ଟର ଦୈନିକ ୬୦ କେଏଲଡି ମଳ ପଙ୍କ ଉପଚାର କ୍ଷମତା ରହିଛି। ଏଥିସହ ୧୩ଟି ସେସପୁଲ୍ ଗାଡ଼ି ସହାୟତାରେ କଟକର ବିଭିନ୍ନ ଘର ଓ ବ୍ୟାବସାୟିକ ପ୍ରତିଷ୍ଠାନରୁ ନିୟମିତ ମଳ ସଂଗ୍ରହ କରାଯାଉଛି।

ଫେବୁଆରୀ ୧୨ ଧର୍ମଘଟ ସଫଳ ପାଇଁ ଆହ୍ୱାନ

ଭୁବନେଶ୍ୱର,୧୭।୧(ସଂଚାର ବ୍ୟୁରୋ): ଆଜି ସ୍ଥାନୀୟ ରେଡକ୍ରସ ଭବନଠାରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ଫେଡେରେସନମାନଙ୍କ ପକ୍ଷରୁ ଆୟୋଜିତ ରାଜ୍ୟ ସମ୍ମିଳନୀରେ ଆସନ୍ତା ଫେବୁଆରୀ ୧୨ରେ ହେବାକୁ ଥିବା ଧର୍ମଘଟକୁ ସଫଳ କରିବା ସକାଶେ ଆହ୍ୱାନ ଦିଆଯାଇଛି। ସମସ୍ତ କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ ଓ ସ୍ୱାଧୀନ ଫେଡେରେସନ ସମୂହଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କର ୪ଟି ଲେବର କୋଡ୍ ପ୍ରତ୍ୟାହାର, ଶ୍ରମିକ କର୍ମଚାରୀମାନଙ୍କର ୧୪ ଦଫା ଦାବି, ମହାତ୍ମା ଗାନ୍ଧ

sanchar.live

ସମ୍ପାଦକୀୟ

SANCHAR ସଂଚାର

୪ ରବିବାର ୧୮ ଜାନୁଆରୀ ୨୦୨୬, ଭୁବନେଶ୍ୱର

Sunday 18 January 2026, Bhubaneswar

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

ଗାଜା ଶାନ୍ତି ବୋର୍ଡ କ'ଣ ସମାଧାନ?

ଇସ୍ରାଏଲ-ପାଲେଷ୍ଟାଇନ ସଂଘର୍ଷ, ବିଶେଷକରି ଗାଜାରେ ଚାଲିଥିବା ଯୁଦ୍ଧ, ବିଶ୍ୱର ଏକ ବଡ଼ ରାଜନୈତିକ ଏବଂ ମାନବୀୟ ସଙ୍କଟ। ୨୦୨୩ରେ ହମାସର ଆକ୍ରମଣ ପରେ ଇସ୍ରାଏଲର ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନ ଯୋଗୁଁ ହଜାର ହଜାର ନିରୀହ ପାଲେଷ୍ଟାଇନୀୟଙ୍କ ମୃତ୍ୟୁ ଘଟିଛି ଏବଂ ଗାଜା ଏକ ଧ୍ୱଂସସ୍ତୂପରେ ପରିଣତ ହୋଇଛି। ଏହି ପରିପ୍ରେକ୍ଷୀରେ, ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୨୦୨୬ ଜାନୁଆରୀରେ ଏକ 'ବୋର୍ଡ ଅଫ୍ ପିସ୍' (ଶାନ୍ତି ବୋର୍ଡ) ଗଠନ ଘୋଷଣା କରିଛନ୍ତି, ଯାହା ଗାଜାର ପୁନର୍ନିର୍ମାଣ, ନିରସ୍ତ୍ରୀକରଣ ଏବଂ ଅସ୍ଥାୟୀ ଶାସନ ପରିଚାଳନା କରିବ। ଏହି ବୋର୍ଡ କଣ ସମସ୍ୟାର ମୂଳ ସମାଧାନ କରିପାରିବ କି? ଏହା ଏକ ବିତର୍କିତ ପ୍ରଶ୍ନ।

ପ୍ରଥମେ, ବୋର୍ଡର ଗଠନ ଏବଂ ଉଦ୍ଦେଶ୍ୟକୁ ଦେଖିବା। ଟ୍ରମ୍ପ ନିଜେ ଏହାର ଅଧ୍ୟକ୍ଷ ଏବଂ ସଦସ୍ୟମାନଙ୍କ ମଧ୍ୟରେ ଟୋନି ବ୍ଲେୟାର, ମାର୍କୋ ରୁବିଓ, ଜାରେଡ୍ କୁଶ୍ନର ଭଳି ବ୍ୟକ୍ତିବିଶେଷ ରହିଛନ୍ତି। ଏହା ସଂଯୁକ୍ତ ରାଷ୍ଟ୍ର ସୁରକ୍ଷା ପରିଷଦର ରେଜୋଲ୍ୟୁସନ୍ ୨୮୦୩ ଦ୍ୱାରା ସମର୍ଥିତ। ବୋର୍ଡ ଗାଜାରେ ଏକ ଟେକ୍ନୋକ୍ରାଟିକ୍ କମିଟି (ନ୍ୟାସନାଲ୍ କମିଟି ଫର୍ ଦି ଆଡମିନିଷ୍ଟ୍ରେସନ୍ ଅଫ୍ ଗାଜା) ନିୟନ୍ତ୍ରଣ କରିବ, ଯାହା ଦୈନନ୍ଦିନ ଶାସନ, ପୁନର୍ନିର୍ମାଣ ଏବଂ ହମାସର ନିରସ୍ତ୍ରୀକରଣ ଉପରେ ଧ୍ୟାନ ଦେବ। ଏହାର ୨୦-ପଏଣ୍ଟ୍ ଯୋଜନାରେ ଜଣାପଡ଼ିଛି ଯେ ଏହା ଶାନ୍ତି ସ୍ଥାପନ କରିବ ଏବଂ ଗାଜାକୁ ସ୍ୱାବଲମ୍ବୀ କରିବା ଆମେରିକାର ନେତୃତ୍ୱରେ ଏହି ଉଦ୍ୟମ ଆରବ ରାଷ୍ଟ୍ରମାନଙ୍କୁ ଯୋଡ଼ି ବିଶ୍ୱବ୍ୟାପୀ ସହାୟତା ଆକର୍ଷଣ କରିପାରିବ, ଯାହା ପୁନର୍ନିର୍ମାଣ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବ। ଉଦାହରଣ ସ୍ୱରୂପ, ବିଶ୍ୱ ବ୍ୟାଙ୍କର ଅଧ୍ୟକ୍ଷ ଅଜୟ ବଙ୍ଗାଙ୍କ ସମ୍ପୃକ୍ତି ଆର୍ଥିକ ପୁନରୁଦ୍ଧାରକୁ ବଳବତ୍ତର କରିପାରିବ।

କିନ୍ତୁ, ଏହି ବୋର୍ଡର ସଫଳତା ଉପରେ ଅନେକ ସନ୍ଦେହ ରହିଛି। ପ୍ରଥମତଃ, ଏହା ଟ୍ରମ୍ପଙ୍କ ନେତୃତ୍ୱରେ ରହିଛି, ଯାହାଙ୍କର ପୂର୍ବ ନୀତିଗୁଡ଼ିକ (ଯେପରିକି ଜେରୁଜାଲେମ୍କୁ ଇସ୍ରାଏଲର ରାଜଧାନୀ ମାନ୍ୟତା) ପାଲେଷ୍ଟାଇନୀୟମାନଙ୍କୁ ଅବିଶ୍ୱାସର କାରଣ ଦେଇଛି। ଆଲ୍ ଜାଜିରା ଭଳି ଉତ୍ସମାନଙ୍କ ଅନୁସାରେ, ପାଲେଷ୍ଟାଇନୀୟମାନେ ଏହାକୁ ବାହ୍ୟ ନିର୍ଦ୍ଦେଶର ଏକ ରୂପ ଭାବରେ ଦେଖୁଛନ୍ତି, ଯାହା ନ୍ୟାୟ, ସ୍ୱାଧୀନତା ଏବଂ ଆତ୍ମନିର୍ଭରଶୀଳତାର ମୂଳ ପ୍ରଶ୍ନକୁ ସମ୍ବୋଧିତ କରୁନାହିଁ। ହମାସର ନିରସ୍ତ୍ରୀକରଣ ଏକ ବଡ଼ ଚ୍ୟାଲେଞ୍ଜ, କାରଣ ଇସ୍ରାଏଲର ସୈନ୍ୟ ଉପସ୍ଥିତି ଏବଂ ଅଧିକୃତ ଅଞ୍ଚଳର ପ୍ରସଙ୍ଗ ଅବ୍ୟାହତ ରହିଛି। ହାରେଟ୍ସ ଭଳି ଇସ୍ରାଏଲୀ ମିଡ଼ିଆରେ ଉଲ୍ଲେଖ ଅନୁସାରେ, ଇସ୍ରାଏଲ ହମାସର ପୂର୍ଣ୍ଣ ନିରସ୍ତ୍ରୀକରଣ ଉପରେ ଜୋର୍ ଦେଉଛି, କିନ୍ତୁ ଏହା ବିନା ପାଲେଷ୍ଟାଇନର ରାଜ୍ୟତ୍ୱର ମାନ୍ୟତା କେବଳ ଅସ୍ଥାୟୀ ଶାନ୍ତି ଆଣିପାରିବ। ଏହା ବ୍ୟତୀତ, ବୋର୍ଡର ସଦସ୍ୟମାନଙ୍କ ମଧ୍ୟରେ ଟୋନି ବ୍ଲେୟାରଙ୍କ ସମ୍ପୃକ୍ତି ବିବାଦାସ୍ପଦ, କାରଣ ତାଙ୍କର ଇରାକ୍ ଯୁଦ୍ଧରେ ଭୂମିକା ଆରବ ବିଶ୍ୱରେ ଅବିଶ୍ୱାସ ସୃଷ୍ଟି କରିଛି।

ବିବିସି ଏବଂ ନ୍ୟୁୟର୍କ ଟାଇମ୍ସ ଭଳି ଉତ୍ସମାନଙ୍କରୁ ଜଣାପଡୁଛି ଯେ ବୋର୍ଡ ଅନ୍ତର୍ଜାତୀୟ ସ୍ଥିରତା ବଳ (ଇଣ୍ଟରନ୍ୟାସନାଲ୍ ଷ୍ଟାବିଲାଇଜେସନ୍ ଫୋର୍ସ) ପ୍ରୟୋଗ କରିବ, କିନ୍ତୁ ଅନେକ ଦେଶ ଏଥିରେ ଯୋଗଦାନ କରିବାକୁ ଅନିଚ୍ଛୁକ। ଏହା ସମସ୍ୟାର ମୂଳ କାରଣ – ଅଧିକୃତ ଅଞ୍ଚଳ, ଶରଣାର୍ଥୀଙ୍କ ଅଧିକାର ଏବଂ ଦୁଇ-ରାଷ୍ଟ୍ର ସମାଧାନକୁ ସମ୍ବୋଧିତ କରୁନାହିଁ। ଫଳସ୍ୱରୂପ, ଏହା କେବଳ ଅସ୍ଥାୟୀ ବିରତି ଆଣିପାରିବ, ନା ସ୍ଥାୟୀ ଶାନ୍ତି।

ଶେଷରେ, ଗାଜା ଶାନ୍ତି ବୋର୍ଡ ଏକ ଉଦ୍ୟମ ଭାବରେ ସ୍ୱାଗତଯୋଗ୍ୟ, କିନ୍ତୁ ଏହା ସମସ୍ୟାର ପୂର୍ଣ୍ଣ ସମାଧାନ କରିବ ବୋଲି ଆଶା କରିବା ଭୁଲ୍। ସଫଳତା ନିର୍ଭର କରୁଛି ପାଲେଷ୍ଟାଇନୀୟମାନଙ୍କର ଆକାଂକ୍ଷାକୁ ସମ୍ମାନ ଦେବା ଏବଂ ଇସ୍ରାଏଲର ସୁରକ୍ଷା ଆବଶ୍ୟକତାକୁ ସନ୍ତୁଳିତ କରିବା ଉପରେ। ଯଦି ଏହା କେବଳ ଆମେରିକୀୟ ନିୟନ୍ତ୍ରଣର ଏକ ଉପକରଣ ହୋଇ ରହିବ, ତେବେ ଏହା ବିଫଳ ହେବ। ବିଶ୍ୱ ନେତାମାନଙ୍କୁ ଏକ ନିରପେକ୍ଷ ଏବଂ ସମାନ ଦୃଷ୍ଟିକୋଣରୁ କାର୍ଯ୍ୟ କରିବାକୁ ପଡ଼ିବ, ନହେଲେ ଗାଜାର ଦୁଃଖ ଅବ୍ୟାହତ ରହିବ।

ସ୍ମରଣାର୍ଥେ ପ୍ରଫେସର ବଂଶୀଧର ମହାନ୍ତି

ସଂଘମିତ୍ରା ବେହେରା

ବିଂଶ ଶତାବ୍ଦୀର ରେଭେନ୍ସା ଓଡ଼ିଆ ବିଭାଗର ଆଉ ଜଣେ ସାଧକ ପ୍ରଫେସର ବଂଶୀଧର ମହାନ୍ତି।ସେ ଉତ୍କଳ ବିଶ୍ୱବିଦ୍ୟାଳୟ, ଓଡ଼ିଆ ବିଭାଗର ପ୍ରଥମ ପ୍ରଫେସର।ଏହି ସାହିତ୍ୟ ସାଧକଙ୍କର ଜନ୍ମ ତତ୍କାଳୀନ ଅବିଭକ୍ତ କଟକ ବା ସାଂପ୍ରତିକ ଜଗତସିଂହପୁର ଜିଲ୍ଲାର ବାଗସାହି ଗ୍ରାମରେ ହୋଇଥିଲା।ପିତା ଦିବ୍ୟସିଂହ ମହାନ୍ତି ଥିଲେ ଜଳକର ତହସିଲଦାର।ପିଲାଟି ଦିନରୁ ଗ୍ରାମୀଣ ପରିବେଶରେ ବିଦ୍ୟାଳୟରେ ଅଧ୍ୟୟନ ସହ ପୋଥିପାଠ ଓ ଭାଗବତ ପାଠରେ ସେ ନିଜକୁ ନିୟୋଜିତ କରିଥିଲେ। ଏହିପରି ଅନୁକୂଳ ପରିବେଶରେ ସେ ରେଭେନ୍ସା ଶିକ୍ଷାନୁଷ୍ଠାନରେ ତତ୍କାଳୀନ ସମୟରେ ଉଚ୍ଚଶିକ୍ଷା ଲାଭ କରିଥିଲେ।ଏହିଠାରେ ପ୍ରବେଶ କ୍ଷଣି ପୋଥି ଓ ପ୍ରାଚୀନ ସାହିତ୍ୟ ଅଧ୍ୟୟନ କରିବାର ସୁଯୋଗ ସେ ଲାଭ କରିଥିଲେ।ସେ ଗାଆଁରୁ ପଣ୍ଡିତ ରତ୍ନାକର ଷଡ଼ଙ୍ଗୀଙ୍କଠାରୁ ପୋଥିପାଠ ସଂପର୍କରେ କିଛି ଜାଣିଥିଲେ। ରେଭେନ୍ସା ଶିକ୍ଷାନୁଷ୍ଠାନରେ ଏହି ସୁଯୋଗ ସେ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ଠାରୁ ଆହୁରି ଅଧିକ ଜାଣିବାକୁ ପାଇଲେ।'ଓଡ଼ିଶାର ନାଥ ସଂପ୍ରଦାୟ ଓ ନାଥ ସାହିତ୍ୟ' ସଂପର୍କରେ ଗବେଷଣା ସନ୍ଦର୍ଭ ଲେଖି ସେ ପିଏଚ.ଡି ଡିଗ୍ରୀ ପାଇଥିଲେ।୧୯୪୬-୪୭ ମସିହାରେ ଏମ୍.ଏ ପାସ୍ କରିଥିଲେ। ରେଭେନ୍ସା ମହାବିଦ୍ୟାଳୟ ଓଡ଼ିଆ ବିଭାଗରୁ ସେ ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ।ପରେ ବାରିପଦା ଏମ୍.ପି.ସି ମହାବିଦ୍ୟାଳୟକୁ ବଦଳି ହୋଇଥିଲେ। ପୁନଶ୍ଚ ରେଭେନ୍ସାକୁ ଫେରିଥିଲେ।ସେ 'ଶ୍ରୀଜଗନ୍ନାଥ' ନାମକ ତ୍ରୈମାସିକ ପତ୍ରିକା ପ୍ରକାଶ କରୁଥିଲେ। ଦୁର୍ଗାଚରଣ କୁଅଁରଙ୍କ 'କେତେସ୍ମୃତି' ଅଧ୍ୟାୟରୁ ଜଣାଯାଏ ୧୯୪୩ରୁ ୧୯୪୭ ପର୍ଯ୍ୟନ୍ତ ୪ବର୍ଷ ଉଭୟ ସହପାଠୀ ଥିଲେ। ସେହି ସମୟରେ ସେମାନେ ପଶ୍ଚିମ ଛାତ୍ରାବାସରେ ଜାନକୀବଲ୍ଲଭ ମହାନ୍ତି (ଭରଦ୍ୱାଜ), ଜାନକୀବଲ୍ଲଭ ପଟ୍ଟନାୟକ, ଅବନୀକାନ୍ତ ରାୟ, ବେଣୁଧର ରାଉତ ପ୍ରମୁଖଙ୍କ ସହିତ ଏକାଠି ରହୁଥିଲେ।ସେ ଓଡ଼ିଆ (ଅନର୍ସ) ଓ ଏମ୍.ଏ. ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ।ବଂଶୀଧର ମହାନ୍ତିଙ୍କ ସୃଷ୍ଟିଗୁଡ଼ିକ ମଧ୍ୟରେ 'ପ୍ରବୋଧ ଚନ୍ଦ୍ରିକା', 'ଓଡ଼ିଆ ଭାଷାର ଉତ୍ପତ୍ତି ଓ କ୍ରମବିକାଶ', 'ଓଡ଼ିଶାରେ ବୌଦ୍ଧଧର୍ମ', 'ଓଡ଼ିଶାର ଆଦିବାସୀ ସଂସ୍କୃତି', 'ଓଡ଼ିଆ ସାହିତ୍ୟର ଇତିହାସ', 'ରସକଲ୍ଲୋଳ ପରିଚୟ', 'ବିଦଗ୍ଧ ଚିନ୍ତାମଣି ପରିଚୟ', 'ଓଡ଼ିଆ ସାହିତ୍ୟକୁ ଆର୍ତ୍ତବଲ୍ଲଭଙ୍କ ଦାନ' ଇତ୍ୟାଦି।୧୯୬୯ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ଖୋଲିବା ପରେ ବଂଶୀଧର ମହାନ୍ତି ସେଠାରେ ପ୍ରଥମ ପ୍ରଫେସର ହୋଇଥିଲେ।

'ଓଡ଼ିଶାରେ ବୌଦ୍ଧଧର୍ମ' ଗ୍ରନ୍ଥଟି ସରାକ ତନ୍ତ୍ରିଙ୍କ ଜୀବନଧାରା, ଚଳଣିକୁ ଅନୁସନ୍ଧାନ ଓ ଗବେଷଣା ଆଧାରରେ ଏକ ନୂତନ ଦିଗଦର୍ଶନ ଦେଇଛି। ଏଥିରେ ବୌଦ୍ଧଧର୍ମର ଇତିହାସ, ରାଜପୃଷ୍ଠପୋଷକତା ପ୍ରାପ୍ତି, ପ୍ରାଚୀନ ବାଣିଜ୍ୟ କାରବାରରେ ବିଦେଶରେ ଏହି ଧର୍ମ ବ୍ୟାପକ ଲାଭ କରିଥିବା ସଂପର୍କରେ ବର୍ଣ୍ଣନାତ୍ମକ ଭାବେ ବ୍ୟାଖ୍ୟା କରାଯାଇଛି। ସେହିପରି 'ଓଡ଼ିଶାର ନାଥ ସଂପ୍ରଦାୟ ଓ ନାଥ ସାହିତ୍ୟ' ଶୀର୍ଷକ ଗବେଷଣାଧର୍ମୀ ଗ୍ରନ୍ଥଟି ସ୍ୱାଧୀନତା ପରବର୍ତ୍ତୀ ସମୟରେ ନାଥ ସାହିତ୍ୟକୁ କେନ୍ଦ୍ର କରି ଏକ ଯୁକ୍ତିନିଷ୍ଠମୂଳକ ଗ୍ରନ୍ଥ ଭାବରେ ପରିଚିତ। ଏଥିରେ ନାଥଧର୍ମ ସଂପର୍କିତ କେତେକ ପଦ୍ୟ ଓ ଗଦ୍ୟ ରଚନା (ଶିଶୁବେଦ, ଅମରକୋଷ ଗୀତା, ସପ୍ତାଙ୍ଗ ଯୋଗସାର ଟୀକା, ଗୋବିନ୍ଦ ଚନ୍ଦ୍ର, ଶିବ ସ୍ୱରୋଦୟ, ଗୋରେଖ ସଂହିତା, ଅଷ୍ଟାଙ୍ଗ ଯୋଗ ଧାରଣା, ବିଭୂତି, ଟୀକା ଗୋବିନ୍ଦଚନ୍ଦ୍ର) ଉଲ୍ଲେଖ ରହିଛି। ସେହିପରି ଓଡ଼ିଆ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ସମସ୍ତ ପାଠଚକ୍ରର ବିଷୟକୁ ଅଧ୍ୟାୟୀମାନେ କିଭଳି ଗେଟିଏ ସ୍ଥାନରେ ପୁନର୍ବାର ଅନୁଧ୍ୟାନ କରିବାର ସୁଯୋଗ ପାଇବେ ତେଣୁ ସେ ତାହାକୁ ଏକତ୍ର ସଂକଳନ କରିଥିଲେ।'ପ୍ରବୋଧ ଚନ୍ଦ୍ରିକା' ପତ୍ରିକାର ସଂପାଦନା କରିବା କୌଣସି ସହଜସାଧ୍ୟ ସାଧନା ନଥିଲା।ପତ୍ରିକାଗୁଡ଼ିକ କ୍ଷୟ ଘଟିବା କାଳରେ ସେଗୁଡ଼ିକୁ ଏକାଠି ସଂପାଦନା କରିବା ଏକ ଉତ୍ତମ ଉଦ୍ୟମ ଥିଲା।ଏହିପରି ସ୍ୱାଧୀନତା ପରେ ସମାଲୋଚନାକୁ ବର୍ଣ୍ଣନାତ୍ମକ, ବିଶ୍ଳେଷଣ ଶୈଳୀରେ ପାଠକୀୟ ଆଦୃତି କରାଇବାରେ ତାଙ୍କର ଭୂମିକା ପ୍ରଶଂସନୀୟ। ଓଡ଼ିଆ ସାହିତ୍ୟରେ ଏଭଳି ଜଣେ ବିଶିଷ୍ଟ ସମାଲୋଚକଙ୍କୁ ଓଡ଼ିଆ ବିଭାଗ ୧୯୯୦ ମସିହା ଏପ୍ରିଲ ମାସରେ ହରାଇଥିଲା।

ଆସିଷ୍ଟାଣ୍ଟ ପ୍ରଫେସର, ଓଡ଼ିଆ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

ପାଟକୁରା: ରାଜନୈତିକ ପ୍ରହସନର କ୍ରୂର ପରିହାସ ଓ ବିକାଶର ଶବସତ୍କାର

ବିଭୂତି ଭୂଷଣ

ଓଡ଼ିଶାର ରାଜନୈତିକ ମାନଚିତ୍ରରେ 'ପାଟକୁରା' ଏକ ଜ୍ୱଳନ୍ତ ଅଗ୍ନିପିଣ୍ଡ, ଯାହା କେବଳ କ୍ଷମତାର ଅହଙ୍କାର ଓ ବଂଶଗତ ସଂଘର୍ଷ ପାଇଁ ବାରମ୍ବାର ଚର୍ଚ୍ଚାକୁ ଆସିଥାଏ। ଦୁର୍ଭାଗ୍ୟର ବିଷୟ, ଏହି ଚର୍ଚ୍ଚା କେବଳ ଗଣତନ୍ତ୍ରର ଶୀର୍ଷ ସ୍ତରରେ ଥିବା ନେତାଙ୍କ ମଧ୍ୟରେ ସୀମିତ ରହିଥିବା ବେଳେ, ପାଟକୁରାର ଜନମାନସରେ ଘଟୁଥିବା 'ହୃଦୟବିଦାରକ' ପରିସ୍ଥିତିକୁ କ୍ରମାଗତ ଭାବେ ଚାପି ଦିଆଯାଉଛି। ଓଡ଼ିଶା ରାଜନୀତିରେ 'ପାଟକୁରା' କେବଳ ଏକ ନିର୍ବାଚନ ମଣ୍ଡଳୀ ନୁହେଁ, ବରଂ ଏକ ସମ୍ମାନର ଲଢ଼େଇ। ଗତ ଦୁଇ ଦଶନ୍ଧି ଧରି ପାଟକୁରା ରାଜ୍ୟର ସବୁଠାରୁ ହାଇ-ପ୍ରୋଫାଇଲ୍ ଆସନ ଭାବେ ରହିଆସିଛି। କିନ୍ତୁ ରାଜନୈତିକ କଳି ଏବଂ ଶକ୍ତି ପ୍ରଦର୍ଶନ ମଧ୍ୟରେ ପାଟକୁରାର ପ୍ରକୃତ ବିକାଶ ଓ ସ୍ଥାନୀୟ ସମସ୍ୟାଗୁଡ଼ିକ କେଉଁଠି ନା କେଉଁଠି ହଜିଯାଇଥିବା ପରି ମନେହୁଏ।

କ୍ଷମତାର କାଦୁଅ ଫିଙ୍ଗା ରାଜନୀତିରେ ପାଟକୁରା ବିକାଶର ବିଚିତ୍ର ବିଡ଼ମ୍ବନା। ବିଧାୟକ ଅରବିନ୍ଦ ମହାପାତ୍ରଙ୍କୁ ବିଜେଡିରୁ ନିଲମ୍ବନ କରାଯିବା ଘଟଣା ଏବେ ରାଜ୍ୟ ରାଜନୀତିର ମୁଖ୍ୟ ପ୍ରସଙ୍ଗ। ଏହା କୌଣସି ବିକାଶମୂଳକ ତ୍ରୁଟି ପାଇଁ ନୁହେଁ, ବରଂ 'ଦଳ ବିରୋଧୀ କାର୍ଯ୍ୟ' ଓ ବିଜୟ ମହାପାତ୍ରଙ୍କ ନୂତନ ଆଞ୍ଚଳିକ ଦଳ ଗଠନର ଆଶଙ୍କାକୁ ନେଇ ସୃଷ୍ଟ ଏକ ପ୍ରତିଶୋଧମୂଳକ ପଦକ୍ଷେପ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା। ଫଳସ୍ୱରୂପ, ସମ୍ବାଦପତ୍ରର ଶିରୋନାମାଗୁଡ଼ିକ କେବଳ 'ଦଳୀୟ ଅନୁଶାସନ' ଓ 'ରାଜନୈତିକ ଷଡ଼ଯନ୍ତ୍ର' ଭଳି ଶବ୍ଦରେ ଭର୍ତ୍ତି ହୋଇ ରହିଛି। ରାଜନୀତିର ଏହି ଚକ୍ରବ୍ୟୂହ ମଧ୍ୟରେ ପାଟକୁରାର ଜନସାଧାରଣଙ୍କ ମୌଳିକ ସମସ୍ୟାଗୁଡ଼ିକ ଚର୍ଚ୍ଚାକୁ ଆସିପାରୁ ନାହିଁ। ପାଟକୁରାବାସୀଙ୍କ ପାଇଁ ସମସ୍ୟା ବିଷୟଗୁଡ଼ିକ ବେଶ୍ ଗୁରୁତ୍ୱପୂର୍ଣ୍ଣ ହେଲେ ମଧ୍ୟ ସେସବୁ ଗୌଣ ହୋଇପଡ଼ିଛି। ଏଠି ଜନମତ ଅପେକ୍ଷା 'ଇଗୋ' ବା ଅହଂକାରର ଲଢ଼େଇ ଅଧିକ। ପାଟକୁରାରେ ଚର୍ଚ୍ଚା କାହିଁକି ହୁଏନାହିଁ ଯେ, ଦଶନ୍ଧି ଦଶନ୍ଧି ଧରି ବହୁ ହାଇ-ପ୍ରୋଫାଇଲ୍ ନେତା ଏହି ମାଟିରୁ ପ୍ରତିନିଧିତ୍ୱ କରିଥିଲେ ହେଁ, କାହିଁକି ଆଜି ବି ଏହି ଅଞ୍ଚଳ ବନ୍ୟାର କରାଳ ରୂପରୁ ମୁକ୍ତ ହୋଇପାରି ନାହିଁ? ଚାଷୀମାନେ ନିଜ ଶ୍ରମର ମୂଲ୍ୟ ପାଇବା ପରିବର୍ତ୍ତେ ରାସ୍ତା ଉପରେ ପନିପରିବା ଫିଙ୍ଗିବାକୁ ବାଧ୍ୟ ହେଉଛନ୍ତି, ସେଚ ଜଳ ପ୍ରକଳ୍ପଟେ ନାହିଁ। ଗୋରୁ ଗୁଆଳ ଭଳି ହସ୍ପିଟାଲରେ ଡାକ୍ତର ସଂକଟ। ଯେଉଁଆଡ଼େ ଯିବେ ଖାଲ ଖମାରେ ଭର୍ତ୍ତି ରାସ୍ତାଘାଟ। ପାଟକୁରା ଏକ ନିମ୍ନ ପ୍ରବଣ ଅଞ୍ଚଳ ହୋଇଥିବାରୁ ଏଠାରେ ବର୍ଷା ଦିନେ ପାଣି ଜମି ରହିବା ଏକ ବଡ଼ ସମସ୍ୟା। କିନ୍ତୁ ନଦୀବନ୍ଧର ସ୍ଥାୟୀ ପ୍ରତିକାର ପାଇଁ ହେଉଥିବା ଦାବି କେବଳ ନିର୍ବାଚନ ସମୟର ପ୍ରତିଶ୍ରୁତିରେ ସୀମିତ ରହିଯାଏ। ଏଠାକାର ଅଧିକାଂଶ ଲୋକ କୃଷି ଉପରେ ନିର୍ଭରଶୀଳ। ଶୀତଳ ଭଣ୍ଡାରର ଅଭାବ ଯୋଗୁଁ ଚାଷୀମାନେ ନିଜ ପରିଶ୍ରମର ଉଚିତ ମୂଲ୍ୟ ପାଇପାରନ୍ତି ନାହିଁ। ଏଠି ଶିକ୍ଷା ଓ ସ୍ୱାସ୍ଥ୍ୟର କଙ୍କାଳସାର ରୂପ। କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟାଳୟ ପାଖରେ ଥାଇ ମଧ୍ୟ ପାଟକୁରାର ଗ୍ରାମାଞ୍ଚଳରେ ଉନ୍ନତ ଚିକିତ୍ସା ସୁବିଧା ଏବେ ବି ଏକ ସ୍ୱପ୍ନ ହୋଇ ରହିଛି। ପାଟକୁରାରେ ସ୍ୱାସ୍ଥ୍ୟ

ବ୍ୟବସ୍ଥା ଭୁଶୁଡ଼ି ପଡ଼ିଥିବା ବେଳେ ଏବଂ ବିଦ୍ୟାଳୟଗୁଡ଼ିକ ଶିକ୍ଷକଶୂନ୍ୟ ହୋଇ ପଡ଼ିଥିବା ବେଳେ, ରାଜନୈତିକ ସଭାଗୁଡ଼ିକରେ କେବଳ 'ଆମେ ଜିତିବୁ'ର ନାରା ଶୁଭେ। ଏହି ଅଭାବଗୁଡ଼ିକ ଜନସାଧାରଣଙ୍କ ଜୀବନଶୈଳୀକୁ ଯେଉଁଭଳି ବିଷାକ୍ତ କରୁଛି, ତାହା କୌଣସି ସମ୍ବାଦର ଶିରୋନାମା ପାଲଟୁ ନାହିଁ। ପାଟକୁରାରେ ଜଣେ ବିଧାୟକ ନିର୍ବାଚିତ ହେବା ପରେ ତାଙ୍କୁ କାମ କରିବାକୁ ସୁଯୋଗ ଦେବା ପରିବର୍ତ୍ତେ ଦଳୀୟ ଅନ୍ତଃକନ୍ଦଳରେ ଛନ୍ଦି ଦେବା, ସେହି ଅଞ୍ଚଳର ବିକାଶକୁ ଆଉ ୫ ବର୍ଷ ପଛକୁ ଠେଲି ଦେବା ସହ ସମାନ। ଲୋକେ ଭୋଟ୍ ଦେଇ ନେତା ବାଛନ୍ତି ବିକାଶ ପାଇଁ, କିନ୍ତୁ ପାଟକୁରାରେ ଲୋକେ ପାଲଟିଛନ୍ତି କେବଳ 'ରାଜନୈତିକ ପଶାପାଲିର ଗୋଟି'।

ଅନେକ ଗୁରୁତର ସମସ୍ୟା ଦେଇ ଗତି କରୁଛି ପାଟକୁରା ରାଜନୈତିକ ଅସ୍ଥିରତା: ବର୍ତ୍ତମାନ ପାଟକୁରାରେ ସବୁଠାରୁ ବଡ଼ ଚର୍ଚ୍ଚାର ବିଷୟ ହେଉଛି ଏଠାକାର ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ନିଲମ୍ବନ। ଜାନୁଆରୀ ୧୫, ୨୦୨୬ରେ ଦଳ ବିରୋଧୀ କାର୍ଯ୍ୟ ପାଇଁ ବିଜେଡି ସଭାପତି ନବୀନ ପଟ୍ଟନାୟକ ତାଙ୍କୁ ଦଳରୁ ବହିଷ୍କୃତ କରିଛନ୍ତି। ଏହାଫଳରେ ନିର୍ବାଚନ ମଣ୍ଡଳୀରେ ଏକ ପ୍ରକାର ନେତୃତ୍ୱ ଶୂନ୍ୟତା ଦେଖାଦେଇଛି ଏବଂ ଆଗାମୀ ଦିନରେ ଏଠାରେ ନୂତନ ରାଜନୈତିକ ସମୀକରଣ ସୃଷ୍ଟି ହେବାକୁ ଯାଉଛି।

କୃଷି ଓ ଜଳସେଚନ ସମସ୍ୟା: ପାଟକୁରା ମୁଖ୍ୟତଃ ଏକ କୃଷିଭିତ୍ତିକ ଅଞ୍ଚଳ ହୋଇଥିଲେ ସୁଦ୍ଧା ଏଠାକାର ଚାଷୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜଳସେଚନର ଅଭାବ: କେନାଲ୍‌ଗୁଡ଼ିକର ସଠିକ୍ ପରିଚାଳନା ଅଭାବରୁ ଚାଷ ଜମିକୁ ପାଣି ପହଞ୍ଚିପାରୁ ନାହିଁ। ପ୍ରାକୃତିକ ବିପର୍ଯ୍ୟୟ: ଉପକୂଳବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ଏଠାରେ ବାରମ୍ବାର ବନ୍ୟା ଏବଂ ବାତ୍ୟା ଯୋଗୁଁ ଫସଲ ହାନି ହେଉଛି। ଲୁଣା ଓ ଚିତ୍ରୋତ୍ପଳା ନଦୀର ବନ୍ୟା ପାଟକୁରାରେ ପ୍ରତିବର୍ଷ ବିଭୀଷିକା ସୃଷ୍ଟି କରୁଛି।

ଭିତ୍ତିଭୂମିର ଅବକ୍ଷୟ: ପାଟକୁରା ଅଞ୍ଚଳର ଅନେକ ଗ୍ରାମୀଣ ରାସ୍ତା ବର୍ତ୍ତମାନ ଶୋଚନୀୟ ଅବସ୍ଥାରେ ରହିଛି। ରାସ୍ତାରେ ବଡ଼ ବଡ଼ ଖାଲ ହେବା ଫଳରେ ସାଧାରଣ ଲୋକଙ୍କ ଯାତାୟାତରେ ଘୋର ଅସୁବିଧା ହେଉଛି। କେତେକ ପ୍ରକଳ୍ପ ଅଧାପନ୍ତରିଆ ହୋଇ ପଡ଼ିରହିଛି ଏବଂ ସରକାରୀ ଅର୍ଥର ସଠିକ୍ ବିନିଯୋଗ ହେଉ ନଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି।

ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା:ଡାକ୍ତରଖାନାରେ ଅବ୍ୟବସ୍ଥା: ଅଞ୍ଚଳର ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଆବଶ୍ୟକୀୟ ଡାକ୍ତର ଓ ପାରାମେଡିକାଲ୍ ଷ୍ଟାଫ୍‌ଙ୍କ ଅଭା

ଦେଶରେ ପ୍ରଥମ ସ୍ଲିପର ବନ୍ଦେ ଭାରତ ଟ୍ରେନର ଶୁଭାରମ୍ଭ

ହାୱଡ଼ାରୁ ଗୌହାଟୀ ଗଡ଼ିଲା

କମ ଖର୍ଚ୍ଚରେ ବିମାନ ଯାତ୍ରା ପରି ମଜା

କୋଲକାତା,୧୭।୧: ହାୱଡ଼ାରୁ ଗୌହାଟୀ ଗଡ଼ିଲା ଦେଶର ପ୍ରଥମ ସ୍ଲିପର ବନ୍ଦେ ଭାରତ ଟ୍ରେନ୍। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଉତ୍ତର ବଙ୍ଗର ମାଲଦା ଟାଉନ୍ ଷ୍ଟେସନରୁ ହାଓଡ଼ା ଏବଂ ଗୌହାଟି (କାମାଖ୍ୟା) ମଧ୍ୟରେ ଦେଶର ପ୍ରଥମ ବନ୍ଦେ ଭାରତ ସ୍ଲିପର୍ ଟ୍ରେନ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ସେହିପରି ମାଲଦାରୁ ଗୌହାଟୀ-ହାୱଡ଼ା ରିଟର୍ଣ୍ଣ ବନ୍ଦେ ଭାରତ ସ୍ଲିପର୍ ଟ୍ରେନକୁ ମଧ୍ୟ ଭର୍ଚୁଆଲ୍ ଭାବରେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏନେଇ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ, ଆଧୁନିକ ଭାରତର ବଢୁଥିବା ପରିବହନ ଆବଶ୍ୟକତାକୁ ପୂରଣ କରିବା ପାଇଁ ଏହି ଟ୍ରେନ୍ ଚଳାଯାଇଛି। ସମ୍ପୂର୍ଣ୍ଣ ଏସି ସେବା ଥିବା ଏହି ବନ୍ଦେ ଭାରତ ସ୍ଲିପର୍ ଟ୍ରେନ୍ ଯାତ୍ରୀମାନଙ୍କୁ କମ ଭଡ଼ାରେ ବିମାନ ପରି ଯାତ୍ରାର ଅଭିଜ୍ଞତା ପ୍ରଦାନ କରିବ।

ଏହି ଟ୍ରେନ ଦ୍ରୁତ ଗତିରେ ଯିବା ସହିତ ସୁରକ୍ଷିତ ଦୂରଯାତ୍ରା କରିବ। ସୁହାଇଲା ମୂଲ୍ୟରେ ବି ହେବ। ଫଳରେ ହାୱଡ଼ା ଠାରୁ ଗୌହାଟି ଯାତ୍ରା ସମୟରେ ପ୍ରାୟ ଅଢ଼େଇ ଘଣ୍ଟା ସମୟ କମିଯିବ। ଯାତ୍ରା ସୁବିଧା ହେବା ଦ୍ୱାରା ଉକ୍ତ ଅଞ୍ଚଳର ପର୍ଯ୍ୟଟନ ବିକାଶ ହେବ। ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବ। ସେପଟେ ମାଲଦାରେ ଏକ ସାଧାରଣ କାର୍ଯ୍ୟକ୍ରମରେ ୩,୨୫୦ କୋଟିରୁ ଅଧିକ ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ବେଙ୍ଗଲ ଓ ଉତ୍ତର-ପୂର୍ବରେ ସଂଯୋଗୀକରଣକୁ ସୁଦୃଢ଼ କରିବା ଏବଂ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଏହି ପ୍ରକଳ୍ପ ସବୁ କରାଯାଇଛି। ଆସାମ ଓ ପଶ୍ଚିମବଙ୍ଗରେ ନିର୍ବାଚନ ଥିବାରୁ ପ୍ରଧାନମନ୍ତ୍ରୀ ଦୁଇ ଦିନିଆ ପୂର୍ବ ଭାରତ ଗସ୍ତ କରିବାର ଯୋଜନା ରହିଛି। ନିର୍ବାଚନ ଥିବାରୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏସବୁ ପ୍ରକଳ୍ପ କରାଯାଉଛି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି।

ପଶ୍ଚିମବଙ୍ଗରେ ନିର୍ବାଚନୀ ବିଗୁଲ୍ ବଜାଇଲେ ମୋଦି

ଟିଏମ୍‌ସି ସରକାର ବଦଳାଇବାର ସମୟ ଆସିଛି

ମାଲଦା,୧୭।୧: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ପଶ୍ଚିମବଙ୍ଗର ମାଲଦାରେ ନିର୍ବାଚନୀ ବିଗୁଲ୍ ବଜାଇଛନ୍ତି। ମାଲଦାରେ ଆୟୋଜିତ ଏକ ବିଶାଳ ଜନସଭାରେ ସେ ଶାସକ ଟିଏମ୍‌ସିକୁ କଡ଼ା ଆକ୍ରମଣ କରି କହିଛନ୍ତି ଯେ, ମମତା ବାନାର୍ଜୀଙ୍କ ନିର୍ମମ ଓ ଲୁଟେରା ସରକାରକୁ ବଦଳାଇବା ସମୟ ଆସିଯାଇଛି। ପ୍ରଧାନମନ୍ତ୍ରୀ କହିଛନ୍ତି, ଟିଏମ୍‌ସି ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ପ୍ରୋତ୍ସାହିତ କରି ସେମାନଙ୍କୁ ଭୋଟର୍ ବନାଉଛି। ଏହାଦ୍ୱାରା ପଶ୍ଚିମବଙ୍ଗର ଗରିବ ଓ ମୂଳ ବାସିନ୍ଦାଙ୍କର ରାସନ, ରୋଜଗାର, ଜମି ଓ ଅନ୍ୟାନ୍ୟ ସମ୍ବଳ ଲୁଟି ନିଆଯାଉଛି।

ଜନସଭାରେ ପ୍ରଧାନମନ୍ତ୍ରୀ କହିଛନ୍ତି, ପଶ୍ଚିମବଙ୍ଗର ଗରିବମାନଙ୍କର ହକ୍ ଅନୁପ୍ରବେଶକାରୀ ଛଡ଼ାଇ ନେଉଛନ୍ତି। ବିଜେପି କ୍ଷମତାକୁ ଆସିଲେ ଏହି ଅନୁପ୍ରବେଶକାରୀଙ୍କୁ ଦେଶରୁ ବାହାର କରିବ ଏବଂ ପଶ୍ଚିମବଙ୍ଗର ମୂଳ ବାସିନ୍ଦାଙ୍କ ଅଧିକାର ରକ୍ଷା କରିବ। ସେ କହିଛନ୍ତି ଯେ, ଟିଏମ୍‌ସି ସରକାର ପଶ୍ଚିମବଙ୍ଗକୁ ଅନୁପ୍ରବେଶକାରୀଙ୍କ ଗଡ଼ ବନାଇଛି ଏବଂ ଏମାନେ ପଶ୍ଚିମବଙ୍ଗର ଯୁବକମାନଙ୍କର ରୋଜଗାର ପ୍ରତି ମଧ୍ୟ ବଡ଼ ବିପଦ ସାଜିଛନ୍ତି। ଟିଏମ୍‌ସି ପଶ୍ଚିମବଙ୍ଗକୁ ଲୁଟିବାର କାମ କରିଛି। ଗରିବଙ୍କ ରାସନ୍, ଛାତ୍ରବୃତ୍ତି ଓ ସରକାରୀ ଯୋଜନାର ଲାଭ ଅନୁପ୍ରବେଶକାରୀଙ୍କୁ ଦିଆଯିବାରୁ ଅତି ଅସ୍ୱାଭାବିକ ସ୍ଥିତି ଦେଖିବାକୁ ମିଳିଛି। ବିଜେପି ଏନ୍‌ଆରସି ଓ ସିଏଏ ମାଧ୍ୟମରେ ଅନୁପ୍ରବେଶକାରୀଙ୍କୁ ବାହାର କରିବ ଏବଂ ପଶ୍ଚିମବଙ୍ଗର ଗରିବମାନଙ୍କୁ ସେମାନଙ୍କ ଅଧିକାର ଫେରାଇବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ପ୍ରଧାନମନ୍ତ୍ରୀ ପଶ୍ଚିମବଙ୍ଗରେ ବିଜେପିର ବଢୁଥିବା ଶକ୍ତି ଉଲ୍ଲେଖ କରି କହିଛନ୍ତି ଯେ, ଜନତା ଏବେ ଜାଗ୍ରତ ହୋଇଛନ୍ତି। ଲୋକେ ଟିଏମ୍‌ସିର ଲୁଟ୍ ଓ ଭ୍ରଷ୍ଟାଚାରରେ ଅତିଷ୍ଠ ହୋଇଯାଇଛନ୍ତି। ସେ କହିଛନ୍ତି ଯେ, ବିଜେପି ପଶ୍ଚିମବଙ୍ଗରେ ସରକାର ଗଠନ କରି ବିକାଶ ଓ ସୁରକ୍ଷା ସୁନିଶ୍ଚିତ କରିବାକୁ ପ୍ରତିଶ୍ରୁତିବଦ୍ଧ। ପ୍ରଧାନମନ୍ତ୍ରୀଙ୍କ ବୟାନ ଏଭଳି ସମୟରେ ଆସିଛି ଯେତେବେଳେ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନର ପ୍ରସ୍ତୁତି ଜୋର୍‌ଦାର ହୋଇଛି। ବିଜେପି ଅନୁପ୍ରବେଶ ଓ ଭୋଟ୍ ବ୍ୟାଙ୍କ୍ ରାଜନୀତିକୁ ନିଜର ମୁଖ୍ୟ ପ୍ରସଙ୍ଗ ବନାଇଛି। ମୋଦୀ କହିଛନ୍ତି ଯେ, ପଶ୍ଚିମବଙ୍ଗର ଲୋକେ ଏବେ ପରିବର୍ତ୍ତନ ଚାହୁଁଥିବାରୁ ଟିଏମ୍‌ସି ସରକାର ପତନ ନିଶ୍ଚିତ। ଅନ୍ୟପକ୍ଷରେ ଟିଏମ୍‌ସି ମୋଦୀଙ୍କ ବୟାନକୁ ଖଣ୍ଡନ କରି କହିଛି ଯେ, ବିଜେପି ରାଜ୍ୟ ସରକାର ବିରୋଧରେ ମିଥ୍ୟା ପ୍ରଚାର ଚଳାଇଛି। ଟିଏମ୍‌ସି ପ୍ରବକ୍ତା କହିଛନ୍ତି ଯେ, ପଶ୍ଚିମବଙ୍ଗରେ କୌଣସି ଅନୁପ୍ରବେଶ ହେଉନାହିଁ। ପ୍ରଧାନମନ୍ତ୍ରୀ କେବଳ ନିର୍ବାଚନୀ ଲାଭ ପାଇଁ ମିଛ କହୁଛନ୍ତି।

ଇଣ୍ଡୋନେସିଆ ବିମାନ ମଝି ଆକାଶରୁ ନିଖୋଜ

ଜାକର୍ତ୍ତା,୧୭।୧: ୧୧ ଜଣ ଯାତ୍ରୀଙ୍କୁ ଧରି ଉଡ଼ାଣ କରୁଥିବା ଇଣ୍ଡୋନେସିଆର ଏକ ଆଞ୍ଚଳିକ ଯାତ୍ରୀବାହୀ ବିମାନ ଆଜି ହଠାତ୍ ମଝି ଆକାଶରେ ନିଖୋଜ ହୋଇଯାଇଛି। ଦକ୍ଷିଣ ସୁଲାୱେସିର ଏକ ପାର୍ବତ୍ୟାଞ୍ଚଳରେ ବିମାନଟି ଉଡ଼ୁଥିବା ବେଳେ ହଠାତ ଟ୍ରାଫିକ କଣ୍ଟ୍ରୋଲ୍ ସହ ଏହାର ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ଇଣ୍ଡୋନେସିଆ ଏୟାର ଟ୍ରାନ୍ସପୋର୍ଟ ଦ୍ୱାରା ପରିଚାଳିତ ଟର୍ବୋପ୍ରପ୍ ଏଟିଆର୍ ୪୨-୫୦୦ ଯୋଗ୍ୟକାର୍ତ୍ତାରୁ ଦକ୍ଷିଣ ସୁଲାୱେସିର ରାଜଧାନୀକୁ ଯାଉଥିବା ବେଳେ ଏହା ମଝି ଆକାଶରୁ କୁଆଡ଼େ ନିଖୋଜ ହୋଇଯାଇଛି। ପରିବହନ ମନ୍ତ୍ରାଳୟ ମୁଖପାତ୍ର ଏନଦା ପୁର୍ନମା ସାରି କହିଛନ୍ତି, ବିମାନଟିକୁ ଶେଷ ଥର ପାଇଁ ଆଜି ଅପରାହ୍ନ ୧.୧୭ରେ ମାରୋସ ଜିଲ୍ଲାର ଲିଙ୍ଗ-ଲିଙ୍ଗ ଅଞ୍ଚଳରେ ଟ୍ରାକ୍ କରାଯାଇଥିଲା। ବୁଲୁସାରାଉଙ୍ଗ ଜାତୀୟ ଉଦ୍ୟାନ ନିକଟରେ ଥିବା ଏକ ପାର୍ବତ୍ୟାଞ୍ଚଳରେ ଆଜି ଏହି ବିମାନ ନିଖୋଜ ହୋଇଛି। ବାୟୁସେନା ହେଲିକପ୍ଟର, ଡ୍ରୋନ୍ ଏବଂ ଗ୍ରାଉଣ୍ଡ ୟୁନିଟ୍ ଦ୍ୱାରା ଏବେ ଏହି ବିମାନକୁ ଖୋଜିବା ପାଇଁ ସର୍ଚ୍ଚ ଅପରେସନ୍ ଆରମ୍ଭ ହୋଇଛି।

ଚୀନରେ ବ୍ୟାପିଲା ନୋରୋ ଭାଇରସ୍ ଶତାଧିକ ସ୍କୁଲ ଛାତ୍ର ସଂକ୍ରମିତ

ନୂଆଦିଲ୍ଲୀ, ୧୭।୧ ; ଚୀନର ଉହାନ ସହରରୁ ଆରମ୍ଭ ହୋଇଥିବା କୋଭିଡ୍-୧୯ ସାରା ବିଶ୍ୱରେ ଭୟ ସୃଷ୍ଟି କରିଥିଲା। ଏହି ସଂକ୍ରମଣ ୨୦୧୯ ଶେଷ ଭାଗରେ ଆରମ୍ଭ ହୋଇଥିଲା। ସହସ୍ରାଧିକ ଲୋକ ମୃତ୍ୟୁମୁଖରେ ପଡ଼ିଥିଲେ। ଏବେ ଆଉ ଏକ ଭୟଙ୍କର ଭାଇରସ ବ୍ୟାପିଛି। ଏହି ଭାଇରସକୁ ନୋରୋ ଭାଇରସ କୁହାଯାଉଛି। ଏହା ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଛି। ବର୍ତ୍ତମାନ ଗୋଟିଏ ସ୍କୁଲରେ ୧୦୦ରୁ ଅଧିକ ଛାତ୍ରଛାତ୍ରୀ ସଂକ୍ରମିତ ହୋଇଛନ୍ତି।



ଦକ୍ଷିଣ ଚୀନର ଗ୍ୱାଙ୍ଗଡୋଙ୍ଗ ପ୍ରଦେଶର ଫୋଶାନ ସହରର ଏକ ସିନିୟର ହାଇସ୍କୁଲରେ ୧୦୩ ଜଣ ପିଲା ନୋରୋ ଭାଇରସରେ ସଂକ୍ରମିତ ହୋଇଛନ୍ତି। ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀମାନେ ଶନିବାର କହିଛନ୍ତି ଯେ, କୌଣସି ମାମଲା ଗମ୍ଭୀର ନାହିଁ କି ନା ହିଁ କାହାରି ମୃତ୍ୟୁ ହୋଇଛି। ନୋରୋ ଭାଇରସ ପେଟରେ ସଂକ୍ରମିତ ହୁଏ। ଯେପରି କି ବାନ୍ତି ଏବଂ ଡାଇରିଆ ସୃଷ୍ଟି କରେ। ଜିଙ୍ଗହୁଇ ମଧ୍ୟ ବିଦ୍ୟାଳୟର ଛାତ୍ରମାନେ ମଧ୍ୟ ସମାନ ଲକ୍ଷଣ ଅନୁଭବ କରିଥିଲେ। ସମସ୍ତ ୧୦୩ ପିଲାମାନଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଅଛି। ସ୍କୁଲ କ୍ୟାମ୍ପସକୁ ସାନେଟାଇଜ୍ କରାଯାଇଛି। ପିଲାମାନଙ୍କ ସ୍ୱାସ୍ଥ୍ୟ ଉପରେ ନଜର ରଖାଯାଇଛି। ମାମଲା ଗୁଡ଼ିକର ତଦନ୍ତ ପାଇଁ ଏକ ମହାମାରୀ ସର୍ଭେ ଚାଲିଛି। ଗ୍ୱାଙ୍ଗଡୋଙ୍ଗ ପ୍ରଦେଶ ରୋଗ ନିୟନ୍ତ୍ରଣ ବିଭାଗ ଅନୁଯାୟୀ, ପ୍ରତିବର୍ଷ ଅକ୍ଟୋବରରୁ ମାର୍ଚ୍ଚ ପର୍ଯ୍ୟନ୍ତ ନୋରୋ ଭାଇରସ ପ୍ରକୋପ ଋତୁ ହୋଇଥାଏ। ନୋରୋଭାଇରସ୍ର ଏକ ଗ୍ରୁପ ଅଛି । ଯେଉଁଥିରେ ବାନ୍ତି ଏବଂ ଝାଡ଼ା ସୃଷ୍ଟି କରେ। ଏହି ରୋଗ ବହୁତ ସାଧାରଣ ଏବଂ ଦ୍ରୁତ ଗତିରେ ବ୍ୟାପିଥାଏ। ନୋରୋ ଭାଇରସ୍ ମାମଲା ଅଧିକାଂଶ ଶୀତ ଋତୁରେ ଦେଖାଯାଏ। ଏହା ଆମେରିକାରେ ଖାଦ୍ୟଜନିତ ରୋଗର ପ୍ରଥମ କାରଣ। ପ୍ରତିବର୍ଷ ବିଶ୍ୱରେ ପ୍ରାୟ ୬୮୫ ନିୟୁତ ଲୋକ ନୋରୋ ଭାଇରସ୍ ଦ୍ୱାରା ସଂକ୍ରମିତ ହୁଅନ୍ତି। ୧୯୬୮ ମସିହାରେ ନୋରୋ ଭାଇରସ୍ ର ପ୍ରଥମ ମାମଲା ଯୁକ୍ତରାଷ୍ଟ୍ରର ଓହାଇଓର ନରୱାକ୍ ରେ ରିପୋର୍ଟ କରାଯାଇଥିଲା। ଏହି ଘଟଣା ପରେ ବୈଜ୍ଞାନିକମାନେ ରୋଗ ବିଷୟରେ ଗବେଷଣା ଆରମ୍ଭ କରିଥିଲେ।

ବିଏମସିରେ ବିରୋଧୀ ମଜଭୂତ ରହିଛି

ମୁମ୍ବାଇ, ୧୭।୧: ମହାରାଷ୍ଟ୍ର ରାଜନୀତିରେ ଠାକରେ ଭ୍ରାତାଙ୍କୁ ମୁମ୍ବାଇରେ ପରାସ୍ତ କରି ବିଜେପି ଏବେ ଉତ୍ସବରେ ମଗ୍ନ। ଅନ୍ୟପଟେ ଉଦ୍ଧବ ଠାକରେଙ୍କ ନିକଟତମ ନେତା ସଞ୍ଜୟ ରାଉତ ଶନିବାର ମୁମ୍ବାଇ ବିଏମସି ନିର୍ବାଚନ ଫଳାଫଳ ସମ୍ପର୍କରେ କହିଛନ୍ତି ଯେ, ଏମଏନଏସକୁ ୬ଟି ସିଟ୍ ମିଳିଛି। ସେମାନେ ଅନେକ ଆସନରେ ଖୁବ କମ ମାର୍ଜିନରେ ହାରିଛନ୍ତି। ଯଦି ସେ କ୍ଷେତ୍ରରେ ଆମେ ବିଜୟୀ ହୋଇଥାନ୍ତୁ ତେବେ ମୁମ୍ବାଇରେ ଆଜି ଯେଉଁ ଛବି ଦେଖାଯାଉଛି ତାହା ଆପଣ ଦେଖିନଥାନ୍ତେ। ଏହା ସତ୍ତ୍ୱେ ବିଜେପି-ସିନ୍ଦେ ମେଣ୍ଟ ପାଖରେ ଆଜି ମାତ୍ର ୪ ଟି ବହୁମତ ଅଛି। ରାଉତ କହିଛନ୍ତି ମହାନଗର ପାଲିକାର ଯେଉଁ ସଦନ ଅଛି ସେଠାରେ ବିରୋଧୀ ବହୁମତରେ ଶକ୍ତିଶାଳୀ ଅଛନ୍ତି। ଆମେ ଆପଣଙ୍କୁ ମୁମ୍ବାଇକୁ ଆଦାନୀଙ୍କ ଟୁଲିରେ ଦେଇ ଦେବୁନି କି ମହାନଗର ନିଗମରେ ଠିକାଦାର ରାଜ ଆସିବାକୁ ଦେବୁନି। ଆମର ୧୦୦ରୁ ଅଧିକ କାଉନସିଲର ସବୁ ମୋଡରେ ତୁମକୁ ଛକିବେ। ବିରୋଧୀଙ୍କ ନିକଟରେ ଏପରି ସଂଖ୍ୟାବଳ ରହିଛି, ସେମାନେ କେବେବି ଶାସନ ପରିବର୍ତ୍ତନ କରିଦେଇ ପାରିବେ। ଉଲ୍ଲେଖଯୋଗ୍ୟ ଯେ, ୨୦୧୭ ନିର୍ବାଚନରେ ବିଜେପିକୁ ବିଏମସି ନିର୍ବାଚନରେ ୮୨ଟି ଆସନ ମିଳିଥିଲା। ଏଥର ୮୯ଟି ମିଳିଛି, ଅପରପଟେ ଏକନାଥ ସିନ୍ଦେଙ୍କ ଶିବସେନାକୁ ୨୯ଟି ଆସନ ମିଳିଛି। ବିରୋଧୀଙ୍କ ନିର୍ବାଚିତ କାଉନସିଲଙ୍କ ସଂଖ୍ୟା ୧୦୯ରୁ ଅଧିକ। ଏଥିରେ ଶାସକ ଦଳଙ୍କ ପାଖରେ ମୋଟ କାଉନସିଲରଙ୍କ ସଂଖ୍ୟା ୧୧୮। ଏଣୁ ଶାସକ ଦଳଙ୍କୁ ବୃହନ୍ମୁମ୍ବାଇ ମହାନଗର ନିଗମ ଚଳାଇବା ଏଥର ଏତେ ସହଜ ହେବନି।

ବିଶ୍ୱର ସବୁଠୁ ବଡ଼ ସହସ୍ର ଶିବଲିଙ୍ଗ ସ୍ଥାପିତ

୩୩ ଫୁଟ ଉଚ୍ଚ ଓ ୨୧୦ ଟନ ଓଜନ

ଉପସ୍ଥିତ ଥିଲେ ବିହାର ମୁଖ୍ୟମନ୍ତ୍ରୀ

କଲ୍ୟାଣପୁର, ୧୭।୧: ବିହାର ପୂର୍ବ ଚମ୍ପାରଣ ଜିଲ୍ଲା କଲ୍ୟାଣପୁର ବ୍ଲକ କ୍ୟଥଭଲିଆ ଜାନକୀ ନଗରରେ ଶନିବାର ଭାରତର ଇତିହାସ ପୃଷ୍ଠାରେ ସ୍ଥାନ ପାଇଛି। ଏଠାକାର ବୃହତ ରାମାୟଣ ମନ୍ଦିରରେ ବିଶ୍ୱର ସବୁଠୁ ବଡ଼ ସହସ୍ର ଶିବଲିଙ୍ଗ ସ୍ଥାପିତ ହୋଇଛି। ଏହି ଭବ୍ୟ ଆୟୋଜନ ବିହାରକୁ ଭକ୍ତି ଭାବରେ ନିମଗ୍ନ କରିଛି। ସହସ୍ର ଶିବଲିଙ୍ଗ ସ୍ଥାପନା ନିମନ୍ତେ ମନ୍ଦିରରେ ସକାଳରୁ ଭକ୍ତଙ୍କ ସମାଗମ ଜାରିଥିଲା। ତେବେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଉପସ୍ଥିତିରେ ଶିବଲିଙ୍ଗ ସ୍ଥାପିତ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ବିରାଟ ରାମାୟଣ ମନ୍ଦିରର ଏହି ଗୌରବଶାଳୀ କ୍ଷଣ ଦୀର୍ଘ ବର୍ଷର ପରିଶ୍ରମ ପରେ ସାମ୍ନାକୁ ଆସିଛି। ମନ୍ଦିରର ନିର୍ମାଣ ନିମନ୍ତେ ୨୦ ଜୁନ ୨୦୨୩ରେ ଶିଳାନ୍ୟାସ ହୋଇଥିଲା। ଆଚାର୍ଯ୍ୟ କିଶୋର କୁଣାଳ ମନ୍ଦିର ନିର୍ମାଣର ନେତୃତ୍ୱ ନେଇଥିଲେ। ଦୀର୍ଘ ଦେଢବର୍ଷ ଧରି ଶହଶହ ଶ୍ରମିକ ପରିଶ୍ରମ କରି ମନ୍ଦିରର ନିଅଁ ପକାଇଥିଲେ। ଏବେ ତାମିଲନାଡୁର ମହାବଳିପୁରମରେ ନିର୍ମିତ ୩୩ ଫୁଟ ଉଚ୍ଚା ଓ ୨୧୦ ଟନ ଓଜନର ସହସ୍ର ଲିଙ୍ଗମର ସ୍ଥାପନା ମନ୍ଦିରର ଭବ୍ୟତାକୁ ଆହୁରି ବଢାଇ ଦେଇଛି। ଏହି ପବିତ୍ର ଅନୁଷ୍ଠାନରେ ସମସ୍ତିପୁର ସାଂସଦ ଶାମ୍ଭୁବୀ ଚୌଧୁରୀ ଓ ତାଙ୍କ ସ୍ୱାମୀ ସାୟଣ କୁଣାଳ ମନ୍ଦିର ପ୍ରତିଷ୍ଠାରେ ଯଯମାନ ରୂପେ ଯୋଗ ଦେଇଛନ୍ତି। କାଶୀରୁ ଆସିଥିବା ବିଦ୍ୱାନ ଆଚାର୍ଯ୍ୟମାନେ ପୀଠ ପୂଜା ପ୍ରସ୍ତୁତି ଦାୟିତ୍ୱ ନେଇଛନ୍ତି। ମନ୍ଦିର ପରିସରରେ ଯଜ୍ଞ ଓ ବୈଦିକ ମନ୍ତ୍ରୋଚାରଣ ବାତାବରଣକୁ ଭକ୍ତି ଓ ଆଧ୍ୟାତ୍ମିକ ଉର୍ଜାରେ ଭରି ଦେଇଛି। ବିଶାଳ ଶିବଲିଙ୍ଗ ସ୍ଥାପନା ଅବସରରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ନିଜେ ମନ୍ଦିର ପହଞ୍ଚି ସ୍ଥାପନାର ସମ୍ପୂର୍ଣ୍ଣ ପ୍ରକ୍ରିୟା ନିରୀକ୍ଷଣ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ଅନେକ ବରିଷ୍ଠ ନେତା ଓ ରାଜ୍ୟ ପ୍ରଶାସନର ଅଧିକାରୀମାନେ ମଧ୍ୟ ଥିଲେ।

ଭାରତରେ ହୋଇପାରେ ବଡ଼ ଧରଣର ଆତଙ୍କୀ ଆକ୍ରମଣ

ଦିଲ୍ଲୀ ସମେତ ଏକାଧିକ ରାଜ୍ୟରେ ହାଇ ଆଲର୍ଟ

ଖଲିସ୍ତାନୀ ଓ ବାଂଲାଦେଶୀ ଆତଙ୍କବାଦୀ ସକ୍ରିୟ

ନୂଆଦିଲ୍ଲୀ,୧୭।୧: ଗଣତନ୍ତ୍ର ଦିବସ ପାଳନ (ଜାନୁଆରୀ ୨୬) ପୂର୍ବରୁ ସୁରକ୍ଷା ଏଜେନ୍ସିଗୁଡ଼ିକ ଏକ ବଡ଼ ସତର୍କତା ଜାରି କରିଛନ୍ତି। ଗୁଇନ୍ଦା ସୂତ୍ରରୁ ଜଣାପଡିଛି ଯେ, ଖଲିସ୍ତାନୀ ଆତଙ୍କବାଦୀ ସଂଗଠନ ଏବଂ ବାଂଲାଦେଶ-ଭିତ୍ତିକ ଆତଙ୍କବାଦୀ ଗୋଷ୍ଠୀ ଦିଲ୍ଲୀ ସମେତ ଦେଶର ପ୍ରମୁଖ ସହରଗୁଡ଼ିକୁ ଟାର୍ଗେଟ କରିବାକୁ ଚେଷ୍ଟା କରିପାରନ୍ତି। ଗୁଇନ୍ଦା ସତର୍କତା ଅନୁଯାୟୀ, ପଞ୍ଜାବର ଗ୍ୟାଙ୍ଗଷ୍ଟରମାନେ ବିଦେଶରେ କାର୍ଯ୍ୟ କରୁଥିବା ଖଲିସ୍ତାନୀ ଏବଂ ମୌଳବାଦୀ ହ୍ୟାଣ୍ଡଲରଙ୍କ ପାଇଁ ଫୁଟ ସୋଲଜର ଭାବରେ କାର୍ଯ୍ୟ କରୁଛନ୍ତି। ଅଭିଯୋଗ ହୋଇଛି ଯେ, ଏହି ହ୍ୟାଣ୍ଡଲରମାନେ ସେମାନଙ୍କର ଏଜେଣ୍ଡାକୁ ଆଗକୁ ବଢାଇବା ଏବଂ ଦେଶର ଆଭ୍ୟନ୍ତରୀଣ ସୁରକ୍ଷାକୁ ଦୁର୍ବଳ କରିବା ପାଇଁ ଅପରାଧିକ ନେଟୱାର୍କ ବ୍ୟବହାର କରୁଛନ୍ତି।

ସୁରକ୍ଷା ଏଜେନ୍ସିଗୁଡ଼ିକ ଦ୍ୱାରା ଜାରି କରାଯାଇଥିବା ସତର୍କତାରେ କୁହାଯାଇଛି ଯେ, ଏହି ଗ୍ୟାଙ୍ଗଷ୍ଟରମାନେ ହରିୟାଣା, ଦିଲ୍ଲୀ-ଏନସିଆର, ଉତ୍ତର ପ୍ରଦେଶ ଏବଂ ରାଜସ୍ଥାନରେ ସକ୍ରିୟ ଅଛନ୍ତି ଏବଂ ଧୀରେ ଧୀରେ ଖଲିସ୍ତାନୀ ଆତଙ୍କବାଦୀ ଉପାଦାନଗୁଡ଼ିକ ସହିତ ସମ୍ପର୍କ ସ୍ଥାପନ କରୁଛନ୍ତି। ଜାନୁଆରୀ ୨୬ରେ ଗଣତନ୍ତ୍ର ଦିବସ ପରେଡ ପୂର୍ବରୁ, ଉତ୍ତର ଜିଲା ପୁଲିସ ବିଭିନ୍ନ ଅଂଶୀଦାର ଏବଂ ଏଜେନ୍ସିଗୁଡ଼ିକର ପ୍ରସ୍ତୁତି ଏବଂ ପ୍ରତିକ୍ରିୟା ସମୟ ପରୀକ୍ଷା କରିବା ପାଇଁ ସମ୍ବେଦନଶୀଳ ଏବଂ ଜନଗହଳିପୂର୍ଣ୍ଣ ସ୍ଥାନରେ ମକ ଡ୍ରିଲର ଏକ ଶୃଙ୍ଖଳା ପରିଚାଳନା କରିଥିଲା। ଜାନୁଆରୀ ୨୦୨୬ ପ୍ରଥମ ପକ୍ଷ ମଧ୍ୟରେ ଉତ୍ତର ଦିଲ୍ଲୀର ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ଚାରୋଟି ମକ ଡ୍ରିଲ କରାଯାଇଥିଲା, ଯେଉଁଥିରେ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ, ଐତିହାସିକ ସ୍ଥାନ, ପ୍ରମୁଖ ବଜାର ଏବଂ ପରିବହନ ହବ ଅନ୍ତର୍ଭୁକ୍ତ। ଲାଲକିଲ୍ଲା, ଆଇଏସବିଟି କଶ୍ମୀର ଗେଟ, ଚାନ୍ଦନୀ ଚୌକ, ଖାରି ବାଓଲି, ସଦର ବଜାର ଏବଂ ମେଟ୍ରୋ ଷ୍ଟେଶନ ସମେତ ଏହି ଅଞ୍ଚଳଗୁଡ଼ିକୁ ସୁରକ୍ଷା ଦୃଷ୍ଟିକୋଣରୁ ଅତ୍ୟନ୍ତ ସମ୍ବେଦନଶୀଳ ବୋଲି ବିବେଚନା କରାଯାଏ। ଏହି ଅଭ୍ୟାସର ଉଦ୍ଦେଶ୍ୟ ଥିଲା ଆତଙ୍କବାଦ ବିରୋଧୀ ପଦକ୍ଷେପକୁ ବୃଦ୍ଧି କରିବା ଏବଂ ସମ୍ଭାବ୍ୟ ଆତଙ୍କବାଦୀ ଘଟଣା ସମୟରେ ସଜାଗ ରହିବା ପାଇଁ ଜନସାଧାରଣ ଏବଂ ଏଜେନ୍ସିଗୁଡ଼ିକୁ ସଚେତନ କରିବା।

ବାଂଲାଦେଶରେ ପୁଣି ଜଣେ ହିନ୍ଦୁଙ୍କୁ ହତ୍ୟା

ଯୁବକଙ୍କ ଉପରେ ଗାଡ଼ି ଚଢ଼େଇ ଦେଲେ ବିଏନ୍‌ପି ନେତା

**ଢାକା, ୧୭

SANCHAR ସଂଚାର

ହକି ଇଣ୍ଡିଆ ଲିଗ୍‌ର ଭୁବନେଶ୍ୱର ପର୍ଯ୍ୟାୟ

ଖେଳୁଆଡ଼ ମନୋଭାବକୁ ପ୍ରଶଂସା କଲେ ରାଜ୍ୟପାଳ

ଭୁବନେଶ୍ୱର, ୧୭।୧ (ସଂଚାର ବ୍ୟୁରୋ): ଓଡ଼ିଶାର ରାଜ୍ୟପାଳ ଡ଼କ୍ଟର ହରିବାବୁ କମ୍ଭମପାଟି ଆଜି କଳିଙ୍ଗ ଷ୍ଟାଡିୟମରେ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍) ୨୦୨୬ର ଭୁବନେଶ୍ୱର ପର୍ଯ୍ୟାୟର ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଷ୍ଟାଡିୟମରେ ପହଞ୍ଚିବା ପରେ ରାଜ୍ୟପାଳଙ୍କୁ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ଅନ୍ୟ ବିଶିଷ୍ଟ ଅତିଥିମାନେ ସ୍ୱାଗତ କରିଥିଲେ। ଏହାପରେ ରାଜ୍ୟପାଳ ଖେଳ ପଡ଼ିଆକୁ ଯାଇ ବେଦାନ୍ତ କଳିଙ୍ଗ ଲାନ୍‌ସର୍ସ ଓ ଦିଲ୍ଲୀ ଏସ୍‌ଜି ପାଇପର୍ସ ଦଳର ଖେଳାଳିମାନଙ୍କ ସହ ପରିଚୟ ହେବା ସହିତ ଭାବ ବିନିମୟ କରି ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

ରାଜ୍ୟପାଳ ମ୍ୟାଚକୁ ଉତ୍ସାହର ସହିତ ଦେଖିଥିଲେ ଏବଂ ଉଭୟ ଦଳର ଖେଳାଳିମାନଙ୍କ ଦ୍ୱାରା ପ୍ରଦର୍ଶିତ ଉଚ୍ଚସ୍ତରୀୟ କ୍ରୀଡା ଓ ଖେଳୱାଡ଼ ମନୋଭାବକୁ ପ୍ରଶଂସା କରିଥିଲେ । ଏହି ମ୍ୟାଚ ବେଦାନ୍ତ କଳିଙ୍ଗ ଲାନ୍‌ସର୍ସ ବିଜୟୀ ହୋଇଥିବା ବେଳେ ରାଜ୍ୟପାଳ 'ପ୍ଲେୟାର ଅଫ ଦ ମ୍ୟାଚ' ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ହକି ଇଣ୍ଡିଆ ଲିଗ୍‌ର ଭୁବନେଶ୍ୱର ପର୍ଯ୍ୟାୟର ଏକ ଉଜ୍ଜ୍ୱଳ ଆରମ୍ଭକୁ ପ୍ରଦର୍ଶିତ କରିବା ସହିତ ଦେଶରେ ହକିର ପ୍ରଚାର ଓ ବିକାଶରେ ଓଡ଼ିଶାର କ୍ରମବର୍ଦ୍ଧିଷ୍ଣୁ ମର୍ଯ୍ୟାଦାକୁ ସୂଚିତ କରୁଛି। ରାଜ୍ୟପାଳ କହିଥିଲେ ଯେ, ହକି ଓଡ଼ିଶାରେ ଏକ ବିଶେଷ ସ୍ଥାନ ଅଧିକାର କରିଛି ଏବଂ ରାଜ୍ୟର ନିରନ୍ତର ସମର୍ଥନ ଏହି ଖେଳକୁ ଆଗେଇ ନେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି। ଏହି ଅବସରରେ ସଭାପତି ଦିଲୀପ କୁମାର ତିର୍କୀ, କୋଷାଧକ୍ଷ ଶେକର ଜେ. ମନୋହରନ, ଡ଼ାଇରେକ୍ଟର ଜେନେରାଲ କମାଣ୍ଡର ଆର୍ କେ ଶ୍ରୀବାସ୍ତବ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ସଚିନ ରାମଚନ୍ଦ୍ର ଜାଧୱ ମଧ୍ୟ ଉପସ୍ଥିତ ଥିଲେ ।

ହାଇୱା ଚାପାରେ ସାଇକେଲ ଚାଳକ ମୃତ୍ୟୁ

● ଉତ୍ୟକ୍ତ ଲୋକେ ଗାଡି ଜାଳିଦେଲେ

ଧର୍ମଶାଳା, ୧୭।୧ (ସଂଚାର ବ୍ୟୁରୋ): ଯାଜପୁର ଜିଲା ଜେନାପୁର ଥାନା ଅଞ୍ଚଳରେ ପୁଣି ହାଇୱା ଧକ୍କାରେ ଜଣେ ସାଇକେଲ ଚାଳକଙ୍କ ମୃତ୍ୟୁ ଘଟିଛି। ଏହି ଘଟଣା ଘଟିବା ପରେ ସ୍ଥାନୀୟ ଉତ୍ୟକ୍ତ ଲୋକେ ହାଇୱାରେ ନିଆଁ ଲଗାଇ ଦେଇଥିବା ଜଣାପଡିଛି। ଏଭଳି ଦୁଃଖଦ ଘଟଣା ଘଟିଛି ଜେନାପୁର ଥାନା ଅନ୍ତର୍ଗତ କାଦୁଆମାଗୁରା ଛକ ନିକଟରେ। କାଦୁଅମୁଗୁରା ଗ୍ରାମର ବାସୁଦେବ ସାହୁ(୭୫) ସାଇକେଲ ଯୋଗେ ଯିବା ସମୟରେ ତାଙ୍କ ଉପରେ ହାଇୱା ଚଢି ଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଜେନାପୁର ପୁଲିସ ଘଟଣାସ୍ଥଳରେ ଖବର ପାଇ ତଦନ୍ତ ଜାରି ରଖିଛି। ଉତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିବା ଫଳରେ ଯାତାୟାତ ଠପ୍ ହୋଇଯାଇଛି।

● କେନ୍ଦୁଝରରେ ବେଆଇନ ଗୋରୁ ଚାଲାଣ

୪୬ ସ୍ଥାନରେ ପୁଲିସର ଚଢ଼ାଉ

କେନ୍ଦୁଝର, ୧୭।୧ (ସଂଚାର ବ୍ୟୁରୋ): ଦିନକୁ ଦିନ ରାଜ୍ୟରେ ବେଆଇନ ଗୋରୁ ଚାଲାଣ ବୃଦ୍ଧି ପାଇଛି। ଆଜି ସକାଳୁ ଏନେଇ କେନ୍ଦୁଝର ପୋଲିସ ଜିଲ୍ଲାର ୪୬ ଟି ବେଆଇନ ଗୋରୁ ଚାଲାଣ କରୁଥିବା ଠିକଣା ଉପରେ ଚଢାଉ କରିଛି। କେନ୍ଦୁଝର ସାନ୍ତରାପୁର, କଳିଆହତା, ତେଲକୋଇ, ଘଷିପୁରା, ତୁରୁମୁଙ୍ଗା ଆଦି ସ୍ଥାନରେ ଚଢାଉ ଜାରୀ ରଖିଛି। ଚଢାଉରେ ଜିଲ୍ଲା ପୁଲିସର ପାଞ୍ଚ ଡିଏସପି, ପଚିଶ ଇନ୍ସପେକ୍ଟର, ଛତିଶ ଏସଆଇ ସହ ଅଠର ପ୍ଲାଟୁନ ପୁଲିସ ମୁତୟନ ହୋଇଛନ୍ତି। ଏହି ଚଢାଉରେ ବ୍ୟାପକ ଟଙ୍କା, ସୁନାଗହଣା, ଗାଡ଼ି ସହ ଚାଲାଣ ପାଇଁ ଥିବା ଗୋରୁ ଜବତ କରିଛି ପୁଲିସ।

ବ୍ରାଉନସୁଗର ଜବତ, ୨ ଗିରଫ

ଖୋର୍ଦ୍ଧା, ୧୭।୧ (ସଂଚାର ବ୍ୟୁରୋ): ବ୍ରାଉନସୁଗର କାରବାର ଅଭିଯୋଗରେ ଆଦର୍ଶ ଥାନା ପୁଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଦ୍ୱୟ ହେଲେ କୋଣାର୍କ ନଗରର ସିଦ୍ଧାର୍ଥ ଶଙ୍କର ଦାସ(୨୬) ଏବଂ ଖ୍ରୀଷ୍ଟିଆନ ସାହିର ସୁନିଲ କୁମାର ସାହୁ(୨୬)। ଏମାନଙ୍କ ଠାରୁ ପୁଲିସ ୨୦ଗ୍ରାମ ବ୍ରାଉନସୁଗର ,ଦୁଇଟି ବାଇକ୍, ୪ଟି ମୋବାଇଲ ସମେତ ନଗଦ ୩୯ହଜାର ଟଙ୍କା ଜବତ କରିଛି। ପୁଲିସ ସୁଚନା ମୁତାବକ ଶନିବାର ମଧ୍ୟାହ୍ନରେ ଖୋର୍ଦ୍ଧା ସହରର ଗାନ୍ଧୀ ପଡ଼ିଆରେ ବ୍ରାଉନସୁଗର କାରବାର ହେଉଥିବା ନେଇ ଖୋର୍ଦ୍ଧା ଆଦର୍ଶ ଥାନା ପୁଲିସ ବିଶେଷ ସୁତ୍ରରୁ ଖବର ପାଇ ଉକ୍ତ ସ୍ଥାନରେ ଚଢ଼ାଉ କରି ଦୁଇଜଣଙ୍କୁ ଏନଡିପିଏସରେ ଗିରଫ କରିଥିବା ଥାନାଧିକାରୀ ସଞ୍ଜୟ ନାୟକ ସୂଚନା ଦେଇଛନ୍ତି।

ସମ୍ପତ୍ତି ଲୋଭରେ ଭାଇକୁ ହତ୍ୟା

ବଲାଙ୍ଗୀର, ୧୭।୧ (ସଂଚାର ବ୍ୟୁରୋ): ସମ୍ପତ୍ତି ଲୋଭରେ ଭାଇକୁ ମାରିଲା ଭାଇ। ଆଉ ଘଟଣାର ପର୍ଦ୍ଦାଫାସ କରିଛି ବଲାଙ୍ଗୀର ପୁଲିସ। ତୁଷୁରା ତେଲନଦୀ ବ୍ରିଜ ତଳୁ ଗତ ଜାନୁଆରୀ ୨ ତାରିଖରେ ମୃତଦେହ ଉଦ୍ଧାର କରାଯାଇଥିବା ଘଟଣାରେ ସାନ ଭାଇକୁ ବଡ଼ ଭାଇ ହିଁ ହତ୍ୟା କରିଛି ବୋଲି ବଲାଙ୍ଗୀର ଏସ୍‌ପି ସୂଚନା ଦେଇଛନ୍ତି । ଏସ୍‌ପିଙ୍କ ସୂଚନା ଅନୁଯାୟୀ, ବ୍ରିଜ ତଳୁ ଦେଉଳଗୁଡ଼ି ଗାଁର ବ୍ୟବସାୟୀ ନଟରାଜ ଥାନପତିଙ୍କ ମୃତଦେହ ଉଦ୍ଧାର କରଯାଇଥିବା ବେଳେ କିଛିମାସ ତଳେ ନଟରାଜଙ୍କ ବିବାହ ଠିକ ହୋଇଥିଲା। ଏପରିକି ନଟରାଜଙ୍କ ବିବାହ କାର୍ଡ ବଣ୍ଟନ ମଧ୍ୟ କରି ସାରିଥିବା ପରିବାର ଲୋକେ କହିଥିଲେ। ଦୀର୍ଘ ୧୫ଦିନ ପରେ ପୋଲିସ ମୃତକଙ୍କ ବଡ଼ ଭାଇକୁ ଉଠାଇଆଣି ପଚରାଉଚୁରା କରିବା ପରେ ହତ୍ୟା ଘଟଣାର ରହସ୍ୟ ଉଠିଛି। ନଟରାଜଙ୍କ ବଡ଼ଭାଇ ହିଁ ତାଙ୍କୁ ମାରିବା ପାଇଁ କରିଥିଲା ଷଡ଼ଯନ୍ତ୍ର। କିଲରମାନଙ୍କୁ ସାନଭାଇକୁ ହତ୍ୟା କରିବା ପାଇଁ ସୁପାରୀ ଦେଇଥିଲା ବଡ଼ ଭାଇ।

ବଲେରୋ ଧକ୍କାରେ ଜଣେ ମୃତ

ଚମ୍ପୁଆ, ୧୭।୧ (ସଂଚାର ବ୍ୟୁରୋ): ଚାରି ସାଙ୍ଗ ସାନ୍ଧ୍ୟ ଭ୍ରମଣରେ ଯାଉଥିବା ବେଳେ ପଛପଟୁ ବଲେରୋ ଧକ୍କା ଦେବାରୁ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ତିନିଜଣ ଗୁରୁତର ଆହତ ହୋଇଛନ୍ତି। ଆଜି ସନ୍ଧ୍ୟାରେ ଚମ୍ପୁଆ ଥାନା ଅନ୍ତର୍ଗତ ଚମ୍ପୁଆ- ବାସୁଦେବପୁର ପୂର୍ତ୍ତ ବିଭାଗ ରାସ୍ତାରେ ଚାଲିଚାଲି ଆସୁଥିବା ଚାରି ସାଙ୍ଗଙ୍କୁ ମଥୁରାପୁର ନିକଟରେ ବାସୁଦେବପୁରରୁ ଚମ୍ପୁଆ ପଟକୁ ଦ୍ରୁତଗତିରେ ଆସୁଥିବା ଏକ ବୋଲେରୋ ପଛପଟୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଜଡ଼ିପଦା ଗ୍ରାମର ସୁବାସ ଚନ୍ଦ୍ର ମହାନ୍ତଙ୍କ ପୁଅ ଯୁଧିଷ୍ଠିର ମହାନ୍ତ(୧୭)ଙ୍କ ମୃତ୍ୟୁ ଘଟିଛି।

ଜନ୍ମଦିନ ଓ ବିବାହ ଉତ୍ସବରେ ବ୍ୟବହାର କରନ୍ତୁ ହସ୍ତତନ୍ତ

● ଓରମାସ-ସିପିସିଆରଆଇ ମଧ୍ୟରେ ଏମଓୟୁ ସ୍ୱାକ୍ଷର

● ନଡ଼ିଆ ଚାଷୀଙ୍କ ପାଇଁ ଆର୍ଥିକ ସଶକ୍ତିର ପଥ ପ୍ରଶସ୍ତ କରିବ

● ଶିଶିର ସରସରେ ଗ୍ରାମୀଣ ପ୍ରତିଭାକୁ ସମ୍ମାନ, ସିବିଓ ଓ ଏସଏଚଜି ପୁରସ୍କୃତ

● ଲୋକସମାଗମକୁ ଦୃଷ୍ଟିରେ ରଖି ମେଳାର ଅବଧି ଆଉ ଦୁଇଦିନ ବୃଦ୍ଧି

ଭୁବନେଶ୍ୱର, ୧୭।୧ (ସଂଚାର ବ୍ୟୁରୋ): ଓରମାସ ଓ ସୁଭଦ୍ରା ଶକ୍ତିର ମିଳିତ ଉଦ୍ୟମରେ ଇଡକୋ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ମେଗା ମେଳା 'ଶିଶିର ସରସ-୨୦୨୬' ଏହାର ଅଷ୍ଟମ ଦିନରେ ପହଞ୍ଚିଛି। ଏହି ଅବସରରେ ଓରମାସ ଓ ଭାରତୀୟ କୃଷି ଗବେଷଣା ପରିଷଦ ଅଧୀନସ୍ଥ ସେଣ୍ଟ୍ରାଲ ପ୍ଲାଣ୍ଟେସନ୍ କ୍ରପ୍ସ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ, କେରଳ ମଧ୍ୟରେ ଏକ ବୁଝାମଣାପତ୍ର (ଏମଓୟୁ) ସାକ୍ଷରିତ ହୋଇଛି, ଯାହା ଗ୍ରାମୀଣ ଜୀବିକା ବିକାଶକୁ ନୂଆ ଦିଗ ଦେବ। ଏହି ବୁଝାମଣାପତ୍ର ମାଧ୍ୟମରେ ସିପିସିଆରଆଇ ପକ୍ଷରୁ ଓରମାସକୁ ଆବଶ୍ୟକ ପ୍ରଯୁକ୍ତି ହସ୍ତାନ୍ତର କରାଯିବ, ଯାହା ଦ୍ୱାରା ନଡ଼ିଆ ଚାଷ ସମ୍ପର୍କିତ ବିଭିନ୍ନ ମୂଲ୍ୟବର୍ଦ୍ଧିତ ଉତ୍ପାଦର ବାଣିଜ୍ୟିକ ଉତ୍ପାଦନ ସମ୍ଭବ ହେବ।

ଏହି ଅବସରରେ ଆଇସିଏଆର-ସିପିସିଆରଆଇର ନିର୍ଦ୍ଦେଶକ ଡ. କେ. ବି. ହେଜ୍ଜାର କହିଥିଲେ ଯେ, ବଜାର ସମ୍ଭାବନାକୁ ଧ୍ୟାନରେ ରଖି କେନ୍ଦ୍ର ସରକାର ଓଡ଼ିଶାକୁ ନଡ଼ିଆ ଚାଷ ପାଇଁ ଦେଶର ଦୁଇଟି ସବୁଠୁ ଉପଯୁକ୍ତ ରାଜ୍ୟ ମଧ୍ୟରେ ଚିହ୍ନଟ କରିଛନ୍ତି। ଓରମାସ ସହିତ ଏହି ସହଯୋଗ ମାଧ୍ୟମରେ ଚାଷୀମାନଙ୍କ ଆୟ ବୃଦ୍ଧି ପାଇଁ ବିପୁଳ ସମ୍ଭାବନା ରହିଛି ବୋଲି ସେ ଉଲ୍ଲେଖ କରିଥିଲେ।

ଏହି ଅବସରରେ ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ 'ଶିଶିର ସରସ'କୁ କେବଳ କିଛି ଦିନର ମେଳାରେ ସୀମିତ ନ ରଖିବାକୁ ଆହ୍ୱାନ ଦେଇଥିଲେ ପୋଷାକ, ଘରସଜ୍ଜା ଓ ଦୈନନ୍ଦିନ ଜୀବନରେ ହସ୍ତତନ୍ତ ଓ ସ୍ୱଦେଶୀ ଉତ୍ପାଦର ବ୍ୟବହାର ବଢ଼ାଇବା ସହ, ଜନ୍ମଦିନ, ବିବାହ ବାର୍ଷିକ ଓ ପର୍ବପର୍ବାଣୀ ପରି ଅବସରରେ ହସ୍ତତନ୍ତ ଉପହାର ଦେଇ କାରିଗର ଓ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କ ସଶକ୍ତିକରଣରେ ଭାଗୀଦାର ହେବା ସହ 'ଭୋକାଲ୍ ଫର୍ ଲୋକାଲ୍'କୁ ଜୀବନଶୈଳୀର ଅଂଶ କରିବା ଉପରେ ଗୁରୁତ୍ୱ ଦେଇଥିଲେ। 'ଶିଶିର ସରସ-୨୦୨୬' ଅବସରରେ ବିଭିନ୍ନ ବର୍ଗରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ସିବିଓ ଓ ସ୍ୱୟଂସହାୟକ ଗୋଷ୍ଠୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

● ଏଆଇଏଡିଏମ୍‌କେ ନିର୍ବାଚନୀ ପ୍ରତିଶ୍ରୁତି

ପୁରୁଷଙ୍କୁ ମାଗଣା ବସ୍‌ଯାତ୍ରା, ମହିଳାଙ୍କୁ ମାସକୁ ୨ ହଜାର

ଚେନ୍ନାଇ, ୧୭।୧: ଚଳିତ ବର୍ଷ ତାମିଲନାଡୁରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ଏଆଇଏଡିଏମକେ ଏହାର ନିର୍ବାଚନୀ ପ୍ରତିଶ୍ରୁତି ଘୋଷଣା କରିଛି। ଏଆଇଏଡିଏମ୍‌କେ ମହାସଚିବ ଏଡପ୍ପାଦି କେ ପଲାନିସ୍ୱାମୀ ଶନିବାର ତାମିଲନାଡୁ ଲୋକଙ୍କ ପାଇଁ ୫ ଟି ନିର୍ବାଚନୀ ପ୍ରତିଶ୍ରୁତି ଘୋଷଣା କରିଛନ୍ତି। ଦଳର ନିର୍ବାଚନୀ ଇସ୍ତାହାର କମିଟି ରାଜ୍ୟ ସାରା ବୈଠକ ଶେଷ କରିବା ପରେ ଅଧିକ ପ୍ରତିଶ୍ରୁତି ଘୋଷଣା କରାଯିବ ବୋଲି ସେ କହିଛନ୍ତି। ପଲାନିସ୍ୱାମୀ ଘୋଷଣା କରିଥିବା ୫ଟି ନିର୍ବାଚନୀ ଇସ୍ତାହାରରେ ପ୍ରତ୍ୟେକ ପରିବାରର ମୁଖ୍ୟ ମହିଳାଙ୍କ ବ୍ୟାଙ୍କ ଖାତାକୁ ପ୍ରତି ମାସ ୨୦୦୦ ଟଙ୍କା ପ୍ରଦାନ କରିବା। ମହିଳାଙ୍କ ପରି ପୁରୁଷଙ୍କୁ ସିଟି ବସ୍‌ରେ ମାଗଣା ଯାତ୍ରା ସୁବିଧା ପ୍ରଦାନ କରିବା ରହିଛି। ଏହାବ୍ୟତୀତ ଅମ୍ମା ଆବାସ ଯୋଜନାରେ ଗ୍ରାମାଞ୍ଚଳରେ ଯେଉଁମାନଙ୍କର ଘର ନାହିଁ ସେମାନଙ୍କୁ ଜମି ଓ କୋଠା ଘର ପ୍ରଦାନ କରିବା, ସହରାଞ୍ଚଳରେ ସରକାର ଜମି କିଣି ବହୁତଳ ଆବାସ କରି ଘର ନଥିବା ଲୋକଙ୍କୁ ଯୋଗାଇ ଦେବାକୁ ଘୋଷଣା କରିଛନ୍ତି। ଜନଜାତି ସମୁଦାୟର ବିବାହିତଙ୍କ ପାଇଁ ସରକାର ଜମି କିଣିବା ସହିତ କୋଠା ଘର ନିର୍ମାଣ କରିବେ। ଚତୁର୍ଥରେ ୧୦୦ ଦିନ ବଦଳରେ ୧୫୦ ଦିନର କର୍ମନିଯୁକ୍ତି ଗ୍ୟାରେଣ୍ଟି। ଅମ୍ମା ଦୁଇ ଚକିଆ ଯୋଜନାରେ ୫ ଲକ୍ଷ ମହିଳାଙ୍କୁ ଦୁଇଚକିଆ ଗାଡ଼ି ପାଇଁ ୨୫,୦୦୦ ଟଙ୍କା ଲେଖାଏଁର ସବସିଡି ଯୋଗାଇ ଦେବାକୁ ଘୋଷଣା କରିଛନ୍ତି।

ଆଜି ସକାଳୁ ବନ୍ଦ ରହିବ ହୁଗୁଳି ସେତୁ

କୋଲକାତା, ୧୭।୧ (ସଂଚାର ବ୍ୟୁରୋ): ପୁଣି ବନ୍ଦ ରହିବ ହୁଗୁଳି ସେତୁ। ଜାନୁଆରୀ ୧୮ ତାରିଖ ଅର୍ଥାତ ରବିବାର ସକାଳଠାରୁ ଦ୍ୱିତୀୟ ହୁଗୁଳି ସେତୁ କିଛି ଘଣ୍ଟା ପାଇଁ ବନ୍ଦ ରହିବ। ମରାମତି କାର୍ଯ୍ୟ ପାଇଁ ସକାଳଠାରୁ ୮ ଘଣ୍ଟା ପାଇଁ ବନ୍ଦ ରହିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି।

ଦୀର୍ଘକାଳୀନ ସେତୁ ନିର୍ମାଣ କାର୍ଯ୍ୟ ଚାଲିଛି। ସେହି କାର୍ଯ୍ୟର ଏକ ଅଂଶ ସ୍ୱରୂପ, ଏହି ଦିନ ଯାତାୟାତ ଉପରେ ପ୍ରତିବନ୍ଧକ ରହିବ ବୋଲି ପୁଲିସ ଘୋଷଣା କରିଛି। ବିଦ୍ୟାସାଗର ସେତୁର କେବୁଲ ଏବଂ ବିୟରିଂ ଇତ୍ୟାଦି ବଦଳାଇବା ସମେତ ବିଭିନ୍ନ କାର୍ଯ୍ୟ ଯୋଗୁଁ ଦ୍ୱିତୀୟ ହୁଗୁଳି ସେତୁରେ ଯାତାୟାତ ବନ୍ଦ ରହିବ। ମରାମତି ସମୟ ମଧ୍ୟରେ, ହାଓଡ଼ାରୁ କୋଲକାତା ଏବଂ ସେହିପରି କୋଲକାତାରୁ ବିଦ୍ୟାସାଗର ସେତୁ ବା ଦ୍ୱିତୀୟ ହୁଗୁଳି ସେତୁ ଦେଇ ହାଓଡ଼ାକୁ ଯାତାୟାତ ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ପ୍ରତିବନ୍ଧିତ ରହିବ। ଏଚ୍‌ଆର୍‌ବିସିଏସ୍ ସଂସ୍ଥା ସେତୁର ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ଯାନ ଚଳାଚଳ ବନ୍ଦ ରଖିବ। କୋଲକାତା ପୁଲିସ ଏବଂ ହାଓଡା ସିଟି ପୁଲିସ ପକ୍ଷରୁ ଏମିତି ସୂଚନା ଦିଆଯାଇଛି। ମେଦିନୀପୁର ଏବଂ ହୁଗୁଳି ବର୍ଦ୍ଧମାନ ସମେତ ବିଭିନ୍ନ ଜିଲ୍ଲାରୁ ଆସୁଥିବା ଯାନବାହନଗୁଡ଼ିକ ଏହି ନିର୍ଦ୍ଦିଷ୍ଟ ସମୟରେ ହାଓଡା ଦେଇ କୋଲକାତା ପହଞ୍ଚିବା ପାଇଁ ଦ୍ୱିତୀୟ ସେତୁ ବ୍ୟବହାର କରିପାରିବେ ନାହିଁ। ଦ୍ୱିତୀୟ ସେତୁ ବଦଳରେ, ଯାନବାହନଗୁଡ଼ିକ ନିବେଦିତା ସେତୁ ଏବଂ ରବୀନ୍ଦ୍ର ସେତୁ ବ୍ୟବହାର କରି ଯାତ୍ରା କରିପାରିବେ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

'ପୂର୍ବୋଦୟ'...

ପ୍ରମୁଖ କ୍ଷେତ୍ରର ୧୩ଠଜଣ ନିବେଶକଙ୍କ ସହ ମୁଖ୍ୟମନ୍ତ୍ରୀ ରାଉଣ୍ଡ ଟେବୁଲ ଆଲୋଚନା କରିଛନ୍ତି। ପୋଷାକ, ବୟନ ଶିଳ୍ପର ୧୮ ପ୍ରତିଷ୍ଠିତ ନିବେଶକଙ୍କ ସହ ମୁଖ୍ୟମନ୍ତ୍ରୀ ଆଲୋଚନା କରିଥିଲେ। ସେହିଭଳି ୨୨ଜଣ ଧାତବ୍ୟ ସମ୍ପର୍କିତ ଆନୁସଙ୍ଗିକ ଶିଳ୍ପ ନିବେଶକ ଏବଂ ପ୍ଲାଷ୍ଟିକ, ରସାୟନ, ପ୍ୟାକେଜିଂ ଶିଳ୍ପ ସମ୍ପର୍କିତ ୨୪ କମ୍ପାନୀର ନିବେଶକଙ୍କ ସହ ମୁଖ୍ୟମନ୍ତ୍ରୀ ୱାନ ଟୁ ୱାନ ଆଲୋଚନା କରିଥିଲେ। ଔଷଧ ଓ ମେଡିକାଲ ଯନ୍ତ୍ରପାତି ସମ୍ପର୍କିତ ୨୪ ନିବେଶକଙ୍କ ସହ ମଧ୍ୟ ମୁଖ୍ୟମନ୍ତ୍ରୀ ଓଡ଼ିଶାରେ ନିବେଶ ସମ୍ଭାବନା ସମ୍ପର୍କରେ ଚର୍ଚ୍ଚା କରିଥିଲେ।

ଏହାଦ୍ୱାରା ରାଜ୍ୟରେ ପୁଞ୍ଜିନିବେଶ ପାଇଁ ୨୭ଟି ବୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ୨୭ ନିବେଶକ ରାଜ୍ୟରେ ଏବେ ୮୧ ହଜାର ୮୬୪ କୋଟି ଟଙ୍କାର ନିବେଶ କରିବେ। ଏହାଦ୍ୱାରା ୬୩ ହଜାର ୧୬୧ ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଛି। ଏଥିସହ ଆଉ ୧୯ ଶିଳ୍ପପତି ରାଜ୍ୟରେ ୧୮ ହଜାର ୪୫୩ କୋଟି ଟଙ୍କା ନିବେଶ ପାଇଁ ପ୍ରତିଶ୍ରୁତି ବି ଦେଇଛନ୍ତି। ଏହି ୧୯ଟି ଶିଳ୍ପରୁ ଆଉ ୨୭ ହଜାର ୫୯୧ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। କୋଲକାତା ନିବେଶକ ସମ୍ମିଳନୀର ପରେ ଆସନ୍ତା ୨୭ ଓ ୨୮ ତାରିଖରେ ରାଉରକେଲାରେ ଆୟୋଜିତ ହେବାକୁ ଥିବା ଏଣ୍ଟରପ୍ରାଇଜ ଓଡ଼ିଶାରେ ରାଜ୍ୟ ଶିଳ୍ପାୟନକୁ ନେଇ ବ୍ୟାପକ ଆଲୋଚନା ହେବ। ଏହି ଅବସରରେ ରାଜ୍ୟରେ ଏମଏସଏମଇ ଶିଳ୍ପର ଅଭିବୃଦ୍ଧି, ଷ୍ଟାର୍ଟଅପ, ବୃହତ ଶିଳ୍ପର ସ୍ଥିତି ନେଇ ବିସ୍ତୃତ ଆଲୋଚନା ହେବ ବୋଲି ଜଣାପଡ଼ିଛି।

କୋଲକାତାଠାରେ ଆୟୋଜିତ ନିବେଶକ ସମ୍ମିଳନୀରେ ବିଭିନ୍ନ କ୍ଷେତ୍ରର ପ୍ରାୟ ୫୦୦ରୁ ଅଧିକ ଶିଳ୍ପପତି ଯୋଗଦେଇଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଶିଳ୍ପ ପାଇଁ ଥିବା ଅନୁକୂଳ ବାତାବରଣ, ରାଜ୍ୟର ବିଭିନ୍ନ କ୍ଷେତ୍ର ପାଇଁ ଥିବା ସ୍ୱତନ୍ତ୍ର ନୀତି ଓ ପ୍ରଶାସନିକ ସହଯୋଗ ବାବଦରେ ବିସ୍ତୃତ ବିବରଣୀ ଦିଆଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ବିକଶିତ ଓଡ଼ିଶା ୨୦୩୬ର ଭିଜନ ଡକ୍ୟୁମେଣ୍ଟ ଉପସ୍ଥାପନ କରିଥିଲେ। ରାଜ୍ୟରେ ଉତ୍ପାଦନଭିତ୍ତିକ ଓ ସେବା ସମ୍ପର୍କିତ ଶିଳ୍ପର ବିକାଶକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହ ଅକ୍ଷୟ ଶକ୍ତି, ବୟନ ଶିଳ୍ପ, ଆଇଟି, ଡାଟା ସେଣ୍ଟର, ଇଲେକ୍ଟ୍ରୋନିକ୍ସ ଓ ଔଷଧ ଶିଳ୍ପ ସମ୍ପର୍କିତ ଶିଳ୍ପରେ ନିବେଶ ପାଇଁ ଥିବା ପର୍ଯ୍ୟାପ୍ତ ସୁଯୋଗ ସମ୍ପର୍କରେ ଶିଳ୍ପପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପଶ୍ଚିମବଙ୍ଗ ସହ ଝାଡ଼ଖଣ୍ଡ ଓ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟରୁ ନିବେଶକଙ୍କୁ ଓଡ଼ିଶାରେ ନିବେଶ ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ଏହି ଅବସରରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ 'ପୂର୍ବୋଦୟ ମିଶନ'ରେ ଓଡ଼ିଶାର ଭୂମିକା ସମ୍ପର୍କରେ ନିବେଶକଙ୍କୁ ଅବଗତ କରିଥିଲେ। ଶିଳ୍ପାୟନ ପାଇଁ ରାଜ୍ୟର ଭି

ୱାଚ ଟାୱାର ନିର୍ମାଣ କାର୍ଯ୍ୟ ବିଳମ୍ବକୁ ନେଇ ଅସନ୍ତୋଷ

ଠିକାଦାରର ମନମୁଖୀ କାର୍ଯ୍ୟ

ଆନନ୍ଦପୁର,୧୭।୧ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ୟାରେଜ୍ ନିକଟରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ବ୍ୟାରେଜ୍ ଡ଼ିଭିଜନ ପକ୍ଷରୁ ୱାଚ ଟାୱାର ନିର୍ମାଣ କରାଯାଉଛି। ତେବେ ୱାଚ ଟାୱାର ନିର୍ମାଣ କାର୍ଯ୍ୟ ଧିମା ଗତିରେ ଚାଲୁଥିବା ଅଭିଯୋଗ ହୋଇଛି। ତଥାପି ବିଭାଗୀୟ ଅଧିକାରୀ ଏବଂ ପ୍ରଶାସନ ନୀରବ। ପରିତାପର ବିଷୟ ପ୍ରକଳ୍ପ ସ୍ଥଳରେ ନାହିଁ ସୂଚନା ଫଳକ, କେବେ ଆରମ୍ଭ ହେଲା ପ୍ରକଳ୍ପ, କେବେ ସମାପ୍ତ ହେବ, କେତେ ଟଙ୍କାର ପ୍ରକଳ୍ପ, କେଉଁ ଠିକାଦାର? ଏ ପର୍ଯ୍ୟନ୍ତ ସ୍ପଷ୍ଟ ସୂଚନା କିଛି ମିଳୁନାହିଁ।

ନିୟମ ଅନୁସାରେ, ପ୍ରତ୍ୟେକ ସରକାରୀ ପ୍ରକଳ୍ପରେ ସୂଚନା ଫଳକ ଲାଗିବା ଦରକାର କିନ୍ତୁ ଏଠାରେ ସେହି ନିୟମକୁ ଉଲଂଘନ କରୁଛି ଠିକାଦାର। ଅଞ୍ଚଳବାସୀଙ୍କ ଅସନ୍ତୋଷ "ପ୍ରଶାସନ କାହିଁକି ଦେଉନାହାନ୍ତି ଦୃଷ୍ଟି? କାହିଁକି ନାହିଁ ସ୍ପଷ୍ଟତା? ବିଭାଗୀୟ ଅଧିକାରୀମାନେ କାହିଁକି ନୀରବ। ଏପରି ଅବସ୍ଥାରେ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ସ୍ପଷ୍ଟତା ନାହିଁ ମାନେ ଠିକାଦାର କିଛି ଲୁଚାଉଛି ବୋଲି ସନ୍ଦେହ ସୃଷ୍ଟି ହୋଇଛି। ତେବେ ୱାଚ ଟାୱାର ନିର୍ମାଣ କାମ ଧାରାବାହିକ ଭାବେ ଚାଲୁନାହିଁ। ପର୍ଯ୍ୟାପ୍ତ ଶ୍ରମିକ ନାହିଁ, ପର୍ଯ୍ୟାପ୍ତ ସାମଗ୍ରୀ ନାହିଁ। ଜବାବ ମିଳୁନାହିଁ ସମ୍ପର୍କିତ ବିଭାଗ ଠାରୁ ମଧ୍ୟ। ଏପରି ଧିମା ଗତିକୁ ନେଇ ତୀବ୍ର ଅସନ୍ତୋଷ ଝାଡ଼ିଲେଣୀ ଅଞ୍ଚଳବାସୀ।

ତେବେ ୱାଚ ଟାୱାର ଉଚ୍ଚତା ୫୦ ଫୁଟରୁ ଊର୍ଦ୍ଧ୍ୱ ହୋଇଥିବା ବେଳେ କାର୍ଯ୍ୟରେ ନିୟୋଜିତ ଶ୍ରମିକ ମାନଙ୍କର କୌଣସି ସୁରକ୍ଷା ନାହିଁ। ଶ୍ରମିକ ମାନଙ୍କ ସୁରକ୍ଷାକୁ ନେଇ ରାଜ୍ୟ ସରକାର ପ୍ରତି ବର୍ଷ ବିଭିନ୍ନ ପ୍ରକାର ସଚେତନତା କରାଉଥିବା ବେଳେ ଠିକାଦାର ଏଠି ଶ୍ରମିକଙ୍କ ସୁରକ୍ଷା କଥା ଭୁଲି ଯାଉଛି। ଏହି ଠିକାଦାର ଲାଇସେନ୍ସକୁ ରଦ୍ଦ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବୀ ହୋଇଥିବା ବେଳେ ୱାଚ ଟାୱାର ନିର୍ମାଣ କାର୍ଯ୍ୟ ଶୀଘ୍ର ସାରିବାକୁ ଦାବୀ ହୋଇଛି।

ନୀଳଗିରି ସରସ୍ୱତୀ ଶିଶୁମନ୍ଦିରରେ ଅଘଟଣ

ଗରମ ପେଜ ପଡ଼ି ଛାତ୍ରୀ ଗୁରୁତର

ନୀଳଗିରି,୧୭।୧ (ସଂଚାର ବ୍ୟୁରୋ): ସରସ୍ୱତୀ ଶିଶୁମନ୍ଦିର ନୀଳଗିରିରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଗରମ ପେଜ ଢାଳିଯିବା କାରଣରୁ ଜୈନିକ ଚତୁର୍ଥ ଶ୍ରେଣୀ ଛାତ୍ରୀ ଗୁରୁତର ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ ନୀଳଗିରି ସାନଅତା ଅଞ୍ଚଳର ଜୈନିକ ଛାତ୍ରୀ ପ୍ରତିଦିନ ଭଳି ଶିଶୁମନ୍ଦିରକୁ ପଢିବାକୁ ଯାଇଥିଲେ। ମଧ୍ୟାହ୍ନ ପ୍ରାୟ ୧୨.୩୦ ସମୟରେ ପରିସ୍ରା କରି ଫେରୁଥିବା ସମୟରେ ଶିଶୁମନ୍ଦିରର ରାନ୍ଧୁଣିଆ ଗରମ ପେଜ ନିକଟସ୍ଥ ନାଳରେ ଫିଙ୍ଗିବାକୁ ଯାଉଥିବା ସମୟରେ ଛାତ୍ରୀଜଣଙ୍କ ଦେହରେ ଉକ୍ତ ପେଜଢାଳଟି ବାଜିଯିବାରୁ ଛାତ୍ରୀଙ୍କ ବେକ ପାଖରେ ପୋଡିଯାଇଥିଲା। ଫଳରେ ଛାତ୍ରୀଜଣକ ଗୁରୁତର ହୋଇ ଚିତ୍କାର କରିଥିଲେ। ତୁରନ୍ତ ଶିଶୁମନ୍ଦିର କତୃପକ୍ଷ ନୀଳଗିରି ହସ୍ପିଟାଲ ଆଣି ଚିକିତ୍ସା କରିଥିଲେ। ପରେ ତାଙ୍କୁ ବାଲେଶ୍ୱର ମେଡିକାଲ କଲେଜ ନିଆଯାଇଥିବା ସୂଚନା ମିଳିଛି।

ଏନେଇ ଶିଶୁମନ୍ଦିରର ପ୍ରଧାନଗୁରୁଜୀ ଜୟକୃଷ୍ଣ ବାରିକ ଘଟଣାରେ ସତ୍ୟତା ସ୍ୱୀକାର କରିବା ସହିତ ଛାତ୍ରୀଙ୍କ ସୁସ୍ଥ କାମନା କରିଥିଲେ।

ମଣିଷର ଅହଂକାର କେବଳ ଏକ ମାନସିକ ଭାବନା

ସୋଆ ମେଡିକାଲ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କଲେ ପ୍ରଖ୍ୟାତ ଦାର୍ଶନିକ ଏବଂ ଲେଖକ ଆଚାର୍ଯ୍ୟ ପ୍ରଶାନ୍ତ

ଭୁବନେଶ୍ୱର, ୧୭।୧ (ସଂଚାର ବ୍ୟୁରୋ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍‌ସେସ ଆଣ୍ଡ ସମ୍ ହସ୍ପିଟାଲରେ ବୁଧବାର ଆୟୋଜିତ ଏକ ସ୍ୱତନ୍ତ୍ର ଅଧିବେଶନରେ ଛାତ୍ର ଏବଂ ଅଧ୍ୟାପକମାନଙ୍କୁ ସମ୍ବୋଧିତ କରିଛନ୍ତି ପ୍ରଖ୍ୟାତ ଦାର୍ଶନିକ ଏବଂ ଲେଖକ ଆଚାର୍ଯ୍ୟ ପ୍ରଶାନ୍ତ। ଏହି ଅବସରରେ ସେ କହିଛନ୍ତି ମଣିଷର ଅହଂକାର କେବଳ ଏକ ମାନସିକ ଭାବନା ଏବଂ ବାସ୍ତବତା ନୁହେଁ। ସଫଳତା କିମ୍ବା ସଫଳତା ପାଇଁ ଅହଂକାର ଆବଶ୍ୟକ ବୋଲି ବ୍ୟାପକ ଧାରଣାକୁ ଭୁଲ ବୋଲି କହିଥିଲେ ଆଚାର୍ଯ୍ୟ ପ୍ରଶାନ୍ତ। ଅହଂକାରର ଆବଶ୍ୟକତା ନାହିଁ। ଅହଂକାର ବିନା ସବୁକିଛି ବହୁତ ସୁନ୍ଦର ଭାବରେ ଘଟିପାରେ" ବୋଲି ସେ କହିଥିଲେ। ସେ ଆହୁରି କହିଥିଲେ ଯେ ଆଧୁନିକ ଜୀବନ ମୁଖ୍ୟତଃ ଲକ୍ଷ୍ୟ, ସଫଳତା ଏବଂ ଉପଭୋଗ ଉପରେ ସଂରଚିତ। "ସମସ୍ତେ ସଫଳ ହେବାକୁ ଚାହାଁନ୍ତି। ଅଧିକାଂଶ ଲୋକ ଏହା ପଛରେ ନିଜର ସମଗ୍ର ଜୀବନ ବିତାଇ ଦିଅନ୍ତି" ବୋଲି ସେ କହିଥିଲେ। "ଅହଂକାରର କୌଣସି ଅସ୍ତିତ୍ୱ ନାହିଁ। ଏହା ଜଳନ୍ତା କୋଇଲାକୁ ହାତରେ ଧରିବା ଭଳି ସଦୃଶ। ଏହା ନିଜକୁ ହିଁ ଆଘାତ ଦେଇଥାଏ। ଆମେ ତଥାପି ଏହାକୁ ଛାଡୁ ନାହିଁ।

ଏହି କାର୍ଯ୍ୟକ୍ରମ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନସ୍ ଏବଂ ସମ୍ ହସ୍ପିଟାଲ ଏବଂ ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫ୍ୟାଶନ୍ ଟେକନୋଲୋଜି (ଏନଆଇଏଫ୍‌ଟି), ଭୁବନେଶ୍ୱର ଦ୍ୱାରା ମିଳିତ ଭାବରେ ଆୟୋଜିତ ହୋଇଥିଲା। ଏହି ଅବସରରେ ଆଚାର୍ଯ୍ୟ ପ୍ରଶାନ୍ତଙ୍କୁ ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର ଏବଂ ଭୁବନେଶ୍ୱର ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫ୍ୟାଶନ୍ ଟେକନୋଲୋଜି (ଏନଆଇଏଫ୍‌ଟି) ର ପ୍ରଫେସର ଗୌତମ ସାହା ସମ୍ମାନିତ କରିଥିଲେ।

ଦୁଇ ବାଇକ ମୁହାଁମୁହିଁ ଧକ୍କା; ଜଣେ ମୃତ, ଜଣେ ଗୁରୁତର

ଫୁଲବାଣୀ, ୧୭।୧ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଗୋଛାପଡା ଥାନା ଲୁଇସିଂ ନିକଟରେ ଦୁଇଟି ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣକର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ତେବେ ମୃତ ବାଇକ ଆରୋହୀ ଦିଲୀପ ବଗର୍ତି ବୋଲି ଜଣାପଡିଛି। ତାଙ୍କ ଘର ବୌଦ୍ଧ ଜିଲ୍ଲା କଣ୍ଟାମଲ ଥାନା କାଣିସେମେଲି ଗାଁରେ। ଗୁରୁତର ଆହତ ବାଇକ ଆରୋହୀ ଜଣକ ଗୋଛାପଡା ଥାନା ବାଲାନ୍ଦାପଡାର ସାନୁ ସାହୁ ବୋଲି ଜଣାପଡିଛି।

ଗାଁ ରାସ୍ତାକୁ ତାଡ଼ି ଠିକାଦାର ଛୁ'

ମେଗା ପ୍ରୋଜେକ୍ଟ ପାଇଁ ଯାତାୟାତରେ ବ୍ୟାହତ

ଆନନ୍ଦପୁର, ୧୭।୧ (ସଂଚାର ବ୍ୟୁରୋ): ମେଗା ପ୍ରୋଜେକ୍ଟ ପାଣି ପାଇପ ଲାଇନ ପାଇଁ ଆରଡି ରାସ୍ତାକୁ ତାଡ଼ିବା ପରେ ମରାମତି ନକରି ଠିକାଦାର ଛୁ। ଫଳରେ ରାସ୍ତା ମଝିରେ ଦବୁଛି ଗାଡି, ସ୍କୁଲ କଲେଜ ଛାତ୍ରଛାତ୍ରୀ ଯିବା ଆସିବାରେ ଭୋଗୁଛନ୍ତି ଅସୁବିଧା। ଆନନ୍ଦପୁର ବ୍ଲକ ବେଲବାହାଳି ଉପରସାହି ରାସ୍ତା ଆଣ୍ଠୁଏ ଖାଲଖମା ହୋଇପଡିଛି।

ମେଗା ପ୍ରୋଜେକ୍ଟ ପାଣି ସପ୍ଲାଏ କରୁଥିବା ଠିକାଦାର ବିନା ପରିମିଶନରେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥିବା କଂକ୍ରିଟ୍ ରାସ୍ତାକୁ ତାଡି ଖାଲଖମା କରି ଛାଡ଼ି ଚାଲିଯାଉଛି। ଫଳରେ ଲୋକେ ଯାତାୟତରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ଉପରୁ ୫୦୦ମିଟର ଦୂର ପର୍ଯ୍ୟନ୍ତ ରାସ୍ତାକୁ ଖୋଳି ମରାମତି ନକରି ଠିକାଦାର ଛୁ ମାରିଛି। ତେବେ ଠିକାଦାର କାହା ଅନୁମତିରେ ଭଲ ରାସ୍ତାକୁ ତାଡି ନଷ୍ଟ କରୁଛି ବୋଲି ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି।

ଘଟଣା ସଂପର୍କରେ ବେଲବାହାଳି ସରପଞ୍ଚ ଦୀପ୍ତି ସାହୁ କହିଛନ୍ତି ଏହି ସମସ୍ୟା ବିଷୟରେ ଉକ୍ତ ଠିକାଦାରକୁ ମୁଁ ତାଗିଦ୍ କରିଛି ଶୀଘ୍ର କାମ ସାରିବା ପାଇଁ ହେଲେ ସେ କୌଣସି ପଦକ୍ଷେପ ଗ୍ରହଣ ନକରିବାରୁ ମୁଁ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛି। ଜିଲ୍ଲାପାଳ ଏହି ସମସ୍ୟା ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଏଥିପ୍ରତି ବିଭାଗୀୟ ଅଧିକାରୀ ଓ ଜିଲ୍ଲାପାଳ ତୁରନ୍ତ ଦୃଷ୍ଟି ଦେଇ ଯଥାଶୀଘ୍ର ସମସ୍ୟାର ସମାଧାନ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

ସାରୁ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ

ହିଞ୍ଜିଳିକାଟୁ, ୧୭।୧ (ସଂଚାର ବ୍ୟୁରୋ): ହିଞ୍ଜିଳିକାଟୁ ବ୍ଲକ ଅନ୍ତର୍ଗତ ସାରୁ ଉଚ୍ଚ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସତ୍ୟ ନାରାୟଣ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ବାର୍ଷିକ କ୍ରୀଡା ଉତ୍ସବ ଶୁଭାରମ୍ଭ ହୋଇଯାଇଛି। ଏହି ଉତ୍ସବରେ ଅତିଥି ରୂପେ ଉକ୍ତ ଗ୍ରାମର ସରପଞ୍ଚ ନୀଳାଞ୍ଚଳ ସାହୁ ଯୋଗ ଦେଇ କ୍ରୀଡ଼ାବିତଙ୍କୁ କ୍ରୀଡାର ଉପକାରିତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଉତ୍ସବକୁ କ୍ରୀଡା ଶିକ୍ଷକ ସମୀର କୁମାର ବେହେରା ପରିଚାଳନା କରିଥିବାବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ।

ବିଗତ ପାଞ୍ଚ ବର୍ଷ ଧରି ଅଞ୍ଚଳକୁ ପଶିପାରୁ ନଥିଲା ପୁଲିସ

ଚବିଶ ଘଣ୍ଟାରେ ଗଞ୍ଜେଇ ଗଛ ସଫା କରିଦେଲେ ନୂତନ ଥାନାଧିକାରୀ

ଫୁଲବାଣୀ,୧୭।୧ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲାର ବିଭିନ୍ନ ଥାନା ତରଫରୁ ଅପରେସନ ନୀଳ ଜହର ବା ଗଞ୍ଜେଇ ଗଛ କଟା ଅଭିଯାନ ଜାରି ରହିଥିବା ବେଳେ ଅନୁରୂପ ଭାବରେ ଜିଲ୍ଲାରେ ଗଞ୍ଜେଇ ମାମଲାକୁ ନେଇ ସବୁବେଳେ ଚର୍ଚ୍ଚାରେ ରହି ଆସିଥିବା ଫିରିଙ୍ଗିଆ ଥାନା ତରଫରୁ ମଧ୍ୟ ଏହି ଅପରେସନ ଜାରି ରହିଛି।

ଏହି ଥାନା ଅଧୀନରେ ଏମିତି ଏକ ଅଞ୍ଚଳ ରହିଥିଲା ଯେଉଁଠିକୁ ବିଗତ ପାଞ୍ଚ ବର୍ଷ ଧରି ପୁଲିସ ଯାଇନଥିବା ବେଳେ ଚଳିତ ବର୍ଷ ଥାନାରେ ନୂତନ ଭାବରେ ଯୋଗ ଦେଇଥିବା ଥାନା ଅଧିକାରୀ ଚବିଷ ଘଣ୍ଟା ଭିତରେ ନିଜ ଟିମ ସହ ସେହି ଅଞ୍ଚଳରେ ପଶି ବିପୁଳ ପରିମାଣରେ ବେଆଇଆନ ଭାବରେ ଚାଷ ହୋଇଥିବା ଗଞ୍ଜେଇ ଗଛ ଗୁଡିକୁ କାଟି ନଷ୍ଟ କରିଦେଇଛନ୍ତି।

ଏହି ପାଙ୍ଗା ଉପର ସାହି ପଞ୍ଚାୟତର ବିଭିନ୍ନ ଜଙ୍ଗଲ ଜମିରେ ବେଆଇନ ଭାବରେ ପ୍ରାୟ ୯୫ ଏକର ଜମିରେ ଚାଷ ହୋଉଥିବା ଗଞ୍ଜେଇ ଗଛ ଗୁଡିକୁ କାଟି ନଷ୍ଟ କରିଦେଇଛନ୍ତି । ତେବେ ଶୁକ୍ରବାର ଏହି ଅଭିଯାନରେ ଖୋଦ ଥାନା ଅଧିକାରୀ ମୁରଲୀଧର ସାହୁଙ୍କ ସହ ଏସଆଇ ଅଜୟ କୁମାର ସାହୁ, ଏସଆଇ ଦିପକ କୁମାର ରାଉତ, ଏସଆଇ ପ୍ରମୋଦ କୁମାର ବେହେରାଙ୍କ ସହ ସମସ୍ତ କାର୍ଯ୍ୟରତ ଅଫିସର ଉପସ୍ଥିତ ଥିବା ବେଳେ ଗଞ୍ଜେଇ କାଟିବା ପାଇଁ ପ୍ରାୟ ଚାଳିଶ ଜଣ ଶ୍ରମିକ ନିୟୋଜିତ ହୋଇଥିଲା । ସେପଟେ ସୁରକ୍ଷା ଦୃଷ୍ଟିକୁ ଆଖି ଆଗରେ ରଖି ବ୍ୟାପକ ପୋଲିସ ଫୋର୍ସ ମଧ୍ୟ ମୁତୟନ କରାଯାଇଥିଲା ।

ଅନ୍ୟପରେ ଶୁକ୍ରର ବାର ଦିନର ଏହି ଅଭିଯାନ ରେ ଏହି ପାଙ୍ଗା ଉପରସାହି ପଞ୍ଚାୟତ ଅଧୀନରେ ଥିବା ତାଳ ମେଳେ ସିପାଞ୍ଜୁରୀ ଓ ଡାମି ଗାଁ ନିକଟବର୍ତ୍ତୀ ଜଙ୍ଗଲ ଜମି ମାନଙ୍କରେ ଚାଷ ହୋଇଥିବା ଗଞ୍ଜେଇ ଗଛ ଗୁଡିକୁ କାଟି ନଷ୍ଟ କରିଦିଆଯାଇଥିବା ବେଳେ ଏହୁ ଘଟଣାକୁ ନେଇ ଫିରିଙ୍ଗିଆ ଥାନାରେ ୧୮/୨୦୨୬ ରେ ଏକ ମାମଲା ମଧ୍ୟ ରୁଜୁ ହୋଇଥିବା ସୂଚନା ଦେଇଛନ୍ତି ଥାନାରେ ଅତିରିକ୍ତ ଥାନା ଅଧିକାରି ଅଜୟ କୁମାର ସାହୁ ।

ଜମି ବିକ୍ରିରେ ବାଧକ ଆଧାର କାର୍ଡର ତ୍ରୁଟି

'ଆଧାର' ସଂଶୋଧନ ପାଇଁ ସହଯୋଗ ମିଳୁନି, ଜିଲ୍ଲାପାଳଙ୍କ ନିକଟରେ ଫେରାଦ

ଛତ୍ରପୁର, ୧୭।୧ (ସଂଚାର ବ୍ୟୁରୋ): ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ ପୋଇରାସୀ ପଞ୍ଚାୟତର ବଡ଼ଚକଡ଼ା ଗ୍ରାମର କବିରାଜ ସ୍ୱାଇଁ (୬୬)। ଆଧାର କାର୍ଡରେ ନାମ ଭୁଲ ହେବାରୁ ନିଜ ଜମି ବିକ୍ରି କରିପାରୁନାହାଁନ୍ତି। ବର୍ତ୍ତମାନ କବିରାଜଙ୍କ ପରିବାର ଏବେ ଗମ୍ଭୀର ଆର୍ଥିକ ସମସ୍ୟା ଦେଇ ଗତି କରୁଛି, ଯାହା ପରିବାର ଜୀବନର ସ୍ଥିରତାକୁ ପ୍ରଭାବିତ କରୁଛି। ଝିଅର ବାହାଘର ପାଇଁ ଧାର ନେଇଥିବା ଟଙ୍କା ପରିଶୋଧ କରିବାକୁ ସେ ଜମି ବିକ୍ରି କରିବାକୁ ଚାଁହୁଛନ୍ତି, ଯାହା ପରିବାର ପାଇଁ ଏକ ଅନିବାର୍ଯ୍ୟ ଆବଶ୍ୟକତା। ଏହାଛଡା କବିରାଜଙ୍କ ପାଖରେ ଅନ୍ୟ କୌଣସି ବିକଳ୍ପ ନାହିଁ। କିନ୍ତୁ ଆଧାର କାର୍ଡର ଭୁଲ ନାମ ସମସ୍ୟାରୁ ଜମି ବିକ୍ରି କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଧାର ସଂଶୋଧନ ପାଇଁ ଆଧାର କେନ୍ଦ୍ରକୁ ଯାଇଥିଲେ ବି ସହଯୋଗ ମିଳୁନାହିଁ। ଏହି ପରିସ୍ଥିତିକୁ ସମାଧାନ କରିବା ପାଇଁ ୬୬ ବର୍ଷୀୟ କବିରାଜ, ଗଞ୍ଜାମ ଜିଲ୍ଲପାଳ ନିକଟରେ ଫେରାଦ ହୋଇଛନ୍ତି । ସେ ଗଞ୍ଜାମ ସବ୍ ରେଜିଷ୍ଟର କାର୍ଯ୍ୟାଳୟକୁ ଜମି ବିକ୍ରିରେ ସହଯୋଗ କରିବାକୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଛନ୍ତି। ସୂଚନାନୁସାରେ କବିରାଜାଙ୍କର ସମସ୍ତ ଡକ୍ୟୁମେଣ୍ଟରେ ନାମ "କବିରଜା ସ୍ୱାଇଁ " ଅଛି। କିନ୍ତୁ ତାଙ୍କର ଆଧାର କାର୍ଡରେ "ଋଷିଆ ସ୍ୱାଇଁ " ନାମ ରହିଛି। ଡକ୍ୟୁମେଣ୍ଟ ଓ ଆଧାର କାର୍ଡର ତଥ୍ୟ ସମ୍ପୂର୍ଣ୍ଣ ମେଳ ଖାଉନାହିଁ।ତେବେ ଘଟଣାକୁ ଗୁରୁତ୍ୱ ଦିଆଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି।

ଆଜି ମା' ବିରଜାଙ୍କ ସ୍ୱନକ୍ଷତ୍ର-ତ୍ରିବେଣୀ ଅମାବାସ୍ୟା

ଯାଜପୁର, ୧୭।୧ (ସଂଚାର ବ୍ୟୁରୋ): ଆଜି ତ୍ରିବେଣୀ ଅମାବାସ୍ୟା,ସନାତନ ଧର୍ମରେ ଏକ ଅତ୍ୟନ୍ତ ପବିତ୍ର ତିଥି। ଏହି ପୁଣ୍ୟତିଥିରେ ଓଡ଼ିଶାର ପ୍ରାଚୀନ ଶକ୍ତିପୀଠ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା ବିରଜାଙ୍କ ମହିମା ଆହୁରି ଉଜ୍ଜ୍ୱଳ ହୋଇଉଠେ। ଭାରତବର୍ଷର ଶକ୍ତିପୀଠମାନଙ୍କ ମଧ୍ୟରେ ବିରଜା କ୍ଷେତ୍ର ତାହାର ଦର୍ଶନତତ୍ତ୍ୱ, ଉପାସନା ପରମ୍ପରା ଓ ଆଧ୍ୟାତ୍ମିକ ଗଭୀରତା ପାଇଁ ଅନନ୍ୟ। ଶାସ୍ତ୍ରମତେ: ଯାହାଙ୍କଠାରୁ ରଜୋଗୁଣ ବିଲୁପ୍ତ, ସେହି ଦେବୀ ହେଉଛନ୍ତି ବିରଜା। ସତ୍ତ୍ୱ, ରଜଃ ଓ ତମ,ଏହି ତ୍ରିଗୁଣ ମଧ୍ୟରୁ ରଜୋଗୁଣ ଓ ତମୋଗୁଣକୁ ନିରସନ କରି, କେବଳ ଶୁଦ୍ଧ ସତ୍ତ୍ୱଗୁଣରେ ଅବସ୍ଥିତ ଥିବାରୁ ମା ବିରଜା ଶୁଦ୍ଧ ସତ୍ତ୍ୱମୟୀ ଓ ପରମ ବୈଷ୍ଣବୀ ରୂପେ ଉପାସିତ। ଯଦିଓ ବିରଜା ମନ୍ଦିରରେ ଶିବଙ୍କ ମୂର୍ତ୍ତି ସଂଲଗ୍ନ ନୁହେଁ, ତଥାପି ଈଶାନେଶ୍ୱରଙ୍କ ସହ ଦେବୀଙ୍କ ଏକାତ୍ମତାର ପୌରାଣିକ ଗାଥା ସର୍ବଜନବିଦିତ। ଏହି କାରଣରୁ ବିରଜା କ୍ଷେତ୍ର 'ଅବିମୁକ୍ତ କ୍ଷେତ୍ର' ଭାବେ ସନାତନ ଧର୍ମରେ ପରିଚିତ। ମା ବିରଜା ତ୍ରିବିଧ ରୂପରେ ପୂଜିତା—ଦୈନିକ ବୈଷ୍ଣବୀ ରୂପେ, ଜନ୍ମସୋବ ଓ ସାବିତ୍ରୀ ଅମାବାସ୍ୟାରେ ସାବିତ୍ରୀ ରୂପେ ଏବଂ ଦୁର୍ଗୋତ୍ସବ—ବିରଜା ରଥଯାତ୍ରାରେ ମାହେଶ୍ୱରୀ ରୂପେ। ତ୍ରିବେଣୀ ଅମାବାସ୍ୟାରେ ଗାୟତ୍ରୀ ମନ୍ତ୍ରରେ ମା ବିରଜାଙ୍କ ଉପାସନା ଅତ୍ୟନ୍ତ ପୁଣ୍ୟଫଳଦାୟୀ ବୋଲି ଶାସ୍ତ୍ରମତ। ମୂର୍ତ୍ତିତତ୍ତ୍ୱ, ଉପାସନା ପଦ୍ଧତି, ଐତିହ୍ୟ ଓ ପରମ୍ପରାରେ ମା ବିରଜା ଅସାଧାରଣ ଓ ବିରଳ। ଏହାହିଁ ତାଙ୍କୁ ଭାରତବର୍ଷର ଶକ୍ତିପୀଠମାନଙ୍କ ମଧ୍ୟରେ ଏକ ଅଦ୍ୱିତୀୟ ସ୍ଥାନ ଦେଇଛି।

ଗ୍ରାସୀମ କେମିକାଲ ପକ୍ଷରୁ କମ୍ବଳ ବଣ୍ଟନ

ଏନଏସି ସହଯୋଗରେ ୧୫୦୦ ବୃଦ୍ଧ, ବିଧବା ଓ ବିକଳାଙ୍ଗଙ୍କୁ ସହାୟତା

ଛତ୍ରପୁର,୧୭।୧ (ସଂଚାର ବ୍ୟୁରୋ): ତୀବ୍ର ଶୀତ ପରିସ୍ଥିତିରେ ଗରିବ ଏବଂ ଅସହାୟ ବର୍ଗଙ୍କୁ ସହାୟତା ପହଞ୍ଚାଇବାକୁ ଗ୍ରାସୀମ କେମିକାଲ ପକ୍ଷରୁ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଗଞ୍ଜାମ ବିଜ୍ଞାପିତ ଅଂଚଳ ପରିଷଦର ସହଯୋଗରେ ବିଜ୍ଞାପିତ କାର୍ଯ୍ୟାଳୟ ପରିସରରେ ହୋଇଥିବା ଏହି ସମାଜସେବାମୂଳକ ଉଦ୍ୟମରେ ବୃଦ୍ଧ, ବିଧବା ଓ ବିକଳାଙ୍ଗ ହିତାଧିକାରୀଙ୍କୁ ପ୍ରାଥମିକତା ଦେଇ ମୋଟ ୧୫୦୦ ଜଣଙ୍କୁ କମ୍ବଳ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ଗଞ୍ଜାମ ଏନଏସି ଅଧକ୍ଷା ପ୍ରତିଭା ପାଢ଼ୀ, କାର୍ଯ୍ୟନିର୍ବାହୀ ଅଧିକାରୀ ଅପର୍ଣ୍ଣା ଡାଙ୍ଗୁଆ, ଗ୍ରାସୀମ କେମିକାଲ ୟୁନିଟ୍ ହେଡ୍ ଅଜୟ ଗୁପ୍ତା, ଏଚଆର ମୁଖ୍ୟ ନିରୋଜା ପଟ୍ଟନାୟକ, ଫାଇନାନ୍ସ ମୁଖ୍ୟ ବିଜୟ ବର୍ମା ଓ ସିଏ

ମୁଖ୍ୟମନ୍ତ୍ରୀଙ୍କ ଦୁଇଦିନିଆ କୋଲକାତା ଗସ୍ତ

ପ୍ରବାସୀ ଓଡ଼ିଆ ସଂଗଠନକୁ ଭେଟିଲେ

କୋଲକାତା, ୧୭।୧ (ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଇଦିନିଆ କୋଲକାତା ଗସ୍ତରେ ଆସି ପ୍ରମୁଖ ଓଡ଼ିଆ ସଂଗଠନର ଏକ ପ୍ରତିନିଧି ଦଳକୁ ଆଇଟିସି ସୋନାର ବାଂଲା ସମ୍ମିଳନୀ କକ୍ଷରେ ଭେଟିଛନ୍ତି। ଶିଳ୍ପପତି ସରୋଜ କୁମାର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବୈଠକର ଉଦ୍ଦେଶ୍ୟ ଥିଲା ପ୍ରବାସୀ ଓଡ଼ିଆ ଲୋକଙ୍କୁ ସମର୍ଥନ କରିବା ଏବଂ ଓଡ଼ିଆ ସଂସ୍କୃତି, ସାହିତ୍ୟ ଏବଂ ଭାଷାକୁ ପ୍ରୋତ୍ସାହିତ କରିବା ପାଇଁ ଆଲୋଚନା କରିବା। ଶ୍ରୀ ଜଗନ୍ନାଥ ସେବା ସମିତି ଖିଦିରପୁର, ଓଡିଶା ଆଟ୍ କୋଲକାତା ୱେଲଫେୟାର ଆସୋସିଏସନ, ଓଡ଼ିଶା ପ୍ରଫେସନାଲ ଆସୋସିଏସନ, କୋଲକାତା ଓଡ଼ିଆ ବନ୍ଧୁ, ଉତ୍କଳୀୟ ମିଳିତ ମଞ୍ଚ, ଉତ୍କଳ ରାଧା ଗୋବିନ୍ଦ ସେବା ସମିତି, ଶ୍ରୀ ଶ୍ରୀ ଜଗନ୍ନାଥ ରଥ କମିଟି, ଉତ୍କଳ ସଂଘ, ବୀଣାପାଣି ସମିତି, ଖଡଦହ ଉତ୍କଳ ଓଡ଼ିଆ ସମାଜ ଏବଂ ଉତ୍କଳ ପାଠାଗାର, ରେଳ କର୍ମଚାରୀ ସାଂସ୍କୃତିକ ସଂଘ ଖଡଗପୁର, ରାଧା ପ୍ରେମ ଲୀଳା ନାଟ୍ୟ ସଂଘ ଟିଟାଗଡ଼, ହାଲିଶହର ଶ୍ରୀ ଶ୍ରୀ ଜଗନ୍ନାଥ ସେବା ସମିତି, ବାଲି ଜଗନ୍ନାଥ ମନ୍ଦିର, ଶ୍ରୀ ଜଗନ୍ନାଥ ଫାଉଣ୍ଡେସନ ଝିଞ୍ଜିରା ବଜାର, ଉତ୍କଳ ଯାଦବ ମହାସଭା, କୋଲକାତା ପ୍ରବାସୀ ଓଡିଆ କଲ୍ୟାଣ ସମିତି ପ୍ରମୁଖ ବିଭିନ୍ନ ସଂଗଠନର ପ୍ରତିନିଧିମାନେ ସେମାନଙ୍କର ଚିନ୍ତାଧାରା ପ୍ରକାଶ କରିଥିଲେ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ, ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ଓଡ଼ିଶାର ମୁଖ୍ୟ ସଚିବ ଅନୁ ଗର୍ଗ ପ୍ରମୁଖ ପ୍ରତିନିଧିମାନଙ୍କ ସହିତ ଯୋଗଦାନ କରି ଶିକ୍ଷା, ସୁରକ୍ଷା, ସଂସ୍କୃତି ଭଳି କ୍ଷେତ୍ରରେ ସମସ୍ତ ପ୍ରକାରର ସମର୍ଥନର ପ୍ରତିଶ୍ରୁତି ଦେଇଥିଲେ ଏବଂ ଶିଳ୍ପରେ ନିବେଶ ପାଇଁ ଲୋକଙ୍କୁ ଓଡ଼ିଶାକୁ ଆମନ୍ତ୍ରଣ କରିଥିଲେ। ପ୍ରବାସୀ ଓଡ଼ିଆମାନଙ୍କୁ ସମର୍ଥନ, ଓଡ଼ିଆ ଐତିହ୍ୟ ସଂରକ୍ଷଣ ଏବଂ ସହଯୋଗୀ ପଦକ୍ଷେପ ଉପରେ ମୁଖ୍ୟ ଆଲୋଚନା ହୋଇଥିଲା।

ଶିଳ୍ପରେ ନିବେଶ ପାଇଁ ଓଡ଼ିଶାକୁ ଆମନ୍ତ୍ରଣ

ସଂଗଠନଗୁଡ଼ିକ ସେମାନଙ୍କ ଉଦ୍ଦେଶ୍ୟ ପ୍ରତି ସେମାନଙ୍କର ପ୍ରତିବଦ୍ଧତା ପ୍ରକାଶ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀ ସେମାନଙ୍କ ପ୍ରୟାସକୁ ପ୍ରଶଂସା କରି ସହଯୋଗର ପ୍ରତିଶ୍ରୁତି ଦେଇଥିଲେ। ଭବିଷ୍ୟତର ସହଯୋଗ ପାଇଁ ଯୋଜନା ସହିତ ବୈଠକ ଏକ ସକାରାତ୍ମକ ଭାବରେ ଶେଷ ହୋଇଥିଲା। ପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀଙ୍କୁ ସମର୍ଥନ ପାଇଁ ଧନ୍ୟବାଦ ଜଣାଇଥିଲେ, ଯାହା ଓଡ଼ିଆ ସମ୍ପ୍ରଦାୟକୁ ସୁଦୃଢ଼ କରିବା ଏବଂ କଲ୍ୟାଣମୂଳକ ପଦକ୍ଷେପ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

● ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ମାଲକାନଗିରି ଜିଲ୍ଲା ଗସ୍ତ

ଉନ୍ନୟନମୂଳକ ପ୍ରକଳ୍ପର କଲେ ସମୀକ୍ଷା

ମାଲକାନଗିରି/ଭୁବନେଶ୍ୱର, ୧୭।୧ (ସଂଚାର ବ୍ୟୁରୋ): ଗୃହ ଓ ନଗର ଉନ୍ନୟନ, ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଦିନିକିଆ ମାଲକାନଗିରି ଜିଲ୍ଲା ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଗୃହ ଓ ନଗର ଉନ୍ନୟନ ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି ଶ୍ରୀମତୀ ପାଢ଼ୀ। ଜିଲ୍ଲାରେ ପହଞ୍ଚିବା ପରେ ସର୍ବପ୍ରଥମେ ଗୋବିନ୍ଦପାଲି ଗସ୍ତ କରି ବସ୍ ଷ୍ଟାଣ୍ଡର ସ୍ଥିତି ସମୀକ୍ଷା କରିଥିଲେ। ତତ୍ ପରେ ମାଥିଲି ସ୍ଥିତ ନୂତନ ଭାବେ ନିର୍ମାଣାଧୀନ ବସ୍ ଷ୍ଟାଣ୍ଡ ବୁଲି ଦେଖିଛନ୍ତି।

ମାଲକାନଗିରି ପହଞ୍ଚିବା ପରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଗସ୍ତ କରି ଅଧିକାରୀଙ୍କ ସହ ଆଲୋଚନା କରିବା ସହ ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଛନ୍ତି। ପରେ ପୌର ପରିଷଦର ନୂତନ ଭାବେ ନିର୍ମିତ ହେଉଥିବା କୋଠା ବୁଲି ଦେଖିଛନ୍ତି। ସେହିପରି ପୌର ପରିଷଦର ଏମଭି ୪୨ ସ୍ଥିତ ଜବରଦସ୍ତି କଲୋନୀରେ ସ୍ୱଚ୍ଛ ଭାରତ ଅଧୀନରେ କାର୍ଯ୍ୟ କରୁଥିବା କମ୍ପୋଷ୍ଟ ସେଣ୍ଟର୍ ଠାରେ କାର୍ଯ୍ୟରତ ସ୍ୱଚ୍ଛ କର୍ମଚାରୀଙ୍କ ସହ କଥାବାର୍ତ୍ତା କରିଛନ୍ତି ଶ୍ରୀମତୀ ପାଢ଼ୀ। ସ୍ୱଚ୍ଛ କର୍ମଚାରୀଙ୍କ କଣ ସବୁ ସମସ୍ୟା ରହିଛି, ସେମାନଙ୍କର ଜୀବନ ଜୀବିକାରେ କିଭଳି ଉନ୍ନତି ହୋଇପାରିବ ସେଥିନିମନ୍ତେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ବି ବି ଗୁଡା ଟ୍ୟାଙ୍କ ପରିଦର୍ଶନ କରି ଜଳ ସଂରକ୍ଷଣ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ପୌର ପରିଷଦର ଅଧିକାରୀ ଏଥି ନିମନ୍ତେ ୨ କୋଟି ଟଙ୍କାର ଆର୍ଥିକ ପାଣ୍ଠି ଆବଶ୍ୟକତା ରହିଛି ବୋଲି ସଚିବଙ୍କୁ ଅବଗତ କରାଇଥିଲେ। ତୁରନ୍ତ ଡିପିଆର ପ୍ରସ୍ତୁତ କରି ଗୃହ ଓ ନଗର ଉନ୍ନୟନ ବିଭାଗକୁ ପଠାଇବାକୁ ନିର୍ଦ୍ଦେଶ ଦେବା ସହ ପାଣ୍ଠି ମଞ୍ଜୁର କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ପ୍ରମୁଖ ଶାସନ ସଚିବ। ବସ୍ ଷ୍ଟାଣ୍ଡ ନିକଟରେ ଥିବା ଆହାର କେନ୍ଦ୍ର ପରିଦର୍ଶନରେ ଯାଇ ଲୋକଙ୍କ ସହ କଥାବାର୍ତ୍ତା ହୋଇଥିଲେ। ସେହିପରି ଏୟାରଷ୍ଟ୍ରିପ ପରିଦର୍ଶନରେ ଯାଇ ରାସ୍ତା ଓ କୋଠାବାଡ଼ି ବିଭାଗ ଯନ୍ତ୍ରୀଙ୍କ ସହ ଏହାର ସ୍ଥିତି ଓ ସମସ୍ୟା ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। କିଭଳି ଶୀଘ୍ର ଏୟାର ଷ୍ଟ୍ରିପ କାର୍ଯ୍ୟକ୍ଷମ ହେବ ସେଥିପ୍ରତି ଗୁରୁତ୍ୱାରୋପ କରିଥିଲେ।

ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

ଦ୍ୱିତୀୟ ପତ୍ନୀ ପାଇବେନି ପେନସନ୍

କଟକ, ୧୭।୧ (ସଂଚାର ବ୍ୟୁରୋ): ଦ୍ୱିତୀୟ ପତ୍ନୀଙ୍କୁ ମିଳିବନି ସରକାରୀ ପେନ୍‌ସନ। କୌଣସି ସରକାରୀ କର୍ମଚାରୀ ମୃତ୍ୟୁବରଣ କରିବା ପରେ ତାଙ୍କର ଦ୍ୱିତୀୟ ପତ୍ନୀ ଥିଲେ, ସେ କୌଣସି ପ୍ରକାର ପରିବାର ପେନସନ ବା 'ଫ୍ୟାମିଲି ପେନସନ' ପାଇବା ପାଇଁ ହକଦାର୍ ହେବେ ନାହିଁ ବୋଲି ଆଜି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି। ପ୍ରଥମ ସ୍ତ୍ରୀ ଜୀବିତ ଥିବା ସମୟରେ କୌଣସି ସରକାରୀ କର୍ମଚାରୀ ଯଦି ଦ୍ୱିତୀୟ ବିବାହ କରନ୍ତି, ତା'ହେଲେ ଉକ୍ତ ବିବାହ ଗ୍ରହଣୀୟ ନୁହେଁ। ଏପରି ସ୍ଥିତିରେ ଦ୍ୱିତୀୟ ପତ୍ନୀ ପେନସନ ଦାବି କରିପାରିବେ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ହିନ୍ଦୁ ବିବାହ ଆଇନ-୧୯୫୫ ଅନୁସାରେ ଜଣେ ବ୍ୟକ୍ତି ପ୍ରଥମ ପତ୍ନୀଙ୍କ ସହ ସମ୍ପର୍କ ଥାଇ ଦ୍ୱିତୀୟ ବିବାହ କରିବା ଏକ ଅପରାଧ।। ଯାହା ଆରମ୍ଭରୁ ବେଆଇନ, ତାହାକୁ ପରବର୍ତ୍ତୀ ସମୟରେ ଆଇନଗତ ବା ବୈଧ ଭାବେ ଗ୍ରହଣ କରାଯାଇ ପାରିବ ନାହିଁ। ଓଡ଼ିଶା ସିଭିଲ ସର୍ଭିସେସ (ପେନସନ) ନିୟମାବଳୀ-୧୯୯୨ ଅନୁସାରେ, ପେନସନ ପାଇଁ ଜଣେ 'ବୈଧ ପତ୍ନୀ' ହେବା ନିହାତି ଜରୁରୀ। ଯେଉଁ ବିବାହ ଆରମ୍ଭରୁ ହିଁ ଅସିଦ୍ଧ, ତାହା ପ୍ରଥମ ପତ୍ନୀଙ୍କ ମୃତ୍ୟୁ ପରେ ମଧ୍ୟ ବୈଧ ହୋଇପାରିବ ନାହିଁ। ଦ୍ୱିତୀୟ ପତ୍ନୀଙ୍କୁ ପେନସନ୍ ଦେବା ପାଇଁ ଅନୁମତି ଦେବା ଅର୍ଥ ବେଆଇନ କାର୍ଯ୍ୟକୁ ପ୍ରୋତ୍ସାହନ ଦେବା ସହ ସମାନ ବୋଲି ହାଇକୋର୍ଟ ତାଙ୍କ ରାୟରେ କହିଛନ୍ତି।

ଅଖିଳେଶଙ୍କ ସ୍ୱାସ୍ଥ୍ୟ ମନ୍ତ୍ର

ସାମଗ୍ରିକ ସ୍ୱାସ୍ଥ୍ୟସେବା ପ୍ରଦାନ ଆମ କାର୍ଯ୍ୟକ୍ରମ ହେଉ

ଭୁବନେଶ୍ୱର, ୧୭।୧ (ସଂଚାର ବ୍ୟୁରୋ): ଓଡ଼ିଶା ସମେତ ସାରା ଭାରତ ବର୍ଷରେ ସାମଗ୍ରିକ ସ୍ୱାସ୍ଥ୍ୟ ସେବା ସମ୍ପୂର୍ଣ୍ଣ ଭାବେ ଉପଲବ୍ଧ ହେବା ଉଚିତ । ଏହା ଏକ ସ୍ଲୋଗାନ ନ ହୋଇ କାର୍ଯ୍ୟକ୍ରମ ହେବା ଉଚିତ । ଭିଜନ ଇଣ୍ଡିଆ କାର୍ଯ୍ୟକ୍ରମରେ ଯୋଗଦେଇ ଉତ୍ତର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ କହିଛନ୍ତି । ସ୍ଥାନୀୟ ତାଜ ଭିଭାନ୍ତାରେ ଆୟୋଜିତ ଏକ ଜାତୀୟ କର୍ମଶାଳାରେ ଭାଗ ନେଇ ଶ୍ରୀ ଯାଦବ ଭାରତର ବୃଦ୍ଧି ପାଉଥିବା ଜନସଂଖ୍ୟା ଓ ତାହା ସହ ସଂପୃକ୍ତ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାକୁ ଦୃଷ୍ଟିରେ ରଖି, ସ୍ୱାସ୍ଥ୍ୟ ଓ ସୁସ୍ଥତାର ସମ୍ପୂର୍ଣ୍ଣ ଆକାର ଉପରେ ଧ୍ୟାନ ଦେବାର ଆବଶ୍ୟକତା ଉଲ୍ଲେଖ କରିଥିଲେ। ସେ ଆହୁରି କହିଥିଲେ ଯେ, ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେଲେ ଚିକିତ୍ସା ସେବା ଉପରେ ଚାପ କମିପାରିବ।

ଅବସରପ୍ରାପ୍ତ ଆଇଏଏସ ଅଧିକାରୀ ଆଲୋକ ରଞ୍ଜନ କହିଥିଲେ ଯେ, ସମାଜର ସାମଗ୍ରିକ ସ୍ୱାସ୍ଥ୍ୟ ପାଇଁ ଅଖିଳେଶ ଯାଦବ ଇଚ୍ଛାଧୀନ ବଜେଟ୍ ବ୍ୟବହାର କରିଥିଲେ। ସମାଜବାଦୀ ପାର୍ଟି ସରକାର ଅଧୀନରେ ଆମ୍ବୁଲାନ୍ସ ସେବା ଗୋଟିଏ କ୍ରାନ୍ତିକାରୀ ପଦକ୍ଷେପ ଥିଲା। ପ୍ରସିଦ୍ଧ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ଆଲ୍କା ଦାହିୟା କହିଥିଲେ, କର୍କଟ ରୋଗ ମୃତ୍ୟୁ ନୁହେଁ କିନ୍ତୁ ଏହା ଏକ ଭ୍ରମ। ସମୟରେ ଚିହ୍ନଟ କଲେ ଜୀବନ ରକ୍ଷା ପାଇପାଏ। ଡାକ୍ତର ପଙ୍କଜ ଭାରତୀ କହିଥିଲେ, ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ କଥା କହିଲେ ଶାରୀରିକ, ମାନସିକ, ସାମାଜିକ ଓ ଆଧ୍ୟାତ୍ମିକ -ସମସ୍ତ ପାର୍ଶ୍ୱକୁ ଅନ୍ତର୍ଭୁକ୍ତ କରିବା ଆବଶ୍ୟକ। ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ଆଶୁତୋଷ ବର୍ମା କହିଥିଲେ, ଶିଶୁ ଚିକିତ୍ସକମାନେ ଲକ୍ଷଣ ନୁହେଁ, ସଙ୍କେତ ଖୋଜନ୍ତି। ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ଶିଶୁ ରୋଗୀଙ୍କ ପାଇଁ ଗୋଟିଏ ମୂଳ ଆଧାର। ଏହି କାର୍ଯ୍ୟକ୍ରମଟି ସାଂସଦ ଡାକ୍ତର ରାଜୀବ ରାୟଙ୍କ ଦ୍ୱାରା ଆହ୍ୱାନ କରାଯାଇଥିଲା ଏବଂ ଆଇଆଇଏମର ପ୍ରଫେସର ଓ ଉତ୍ତର ପ୍ରଦେଶର ପୂର୍ବତନ କୌଶଳ ବିକାଶ ମନ୍ତ୍ରୀ ଏବଂ ପୂର୍ବତନ ବିଧାୟକ ଅଭିଷେକ ମିଶ୍ରଙ୍କ ଦ୍ୱାରା ସଂଚାଳିତ ହୋଇଥିଲା।

ଜଳିଗଲା ୩ ତୁଳା ଗୋଦାମ

ବାଲେଶ୍ୱର, ୧୭।୧ (ସଂଚାର ବ୍ୟୁରୋ) : ବାଲେଶ୍ୱର ଜିଲ୍ଲା ହଳଦୀପଦା ବାଇପାସ ନିକଟରେ ଜଳିଯାଇଛି ଗଦି ତିଆରି ପାଇଁ ରଖାଯାଇଥିବା ଲକ୍ଷାଧିକ ଟଙ୍କାର ତୁଳା। ତିନିଟି ଗୋଦାମ ଭସ୍ମୀଭୂତ ହୋଇଯାଇଛି। ଘଟଣାସ୍ଥଳରେ ରୂପସା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ନିଆଁ କେମିତି ଲାଗିଲା, ସ୍ପଷ୍ଟ ହୋଇ ପାରିନାହିଁ। ତୁଳା ଫ୍ୟାକ୍ଟ୍ରି ବାଲିଆପାଳ ଅଞ୍ଚଳର ମନ୍ମଥ ପ୍ରଧାନଙ୍କର ବୋଲି ସୂଚନା ମିଳିଛି। ଏଠାରେ ଗଛରୁ କଞ୍ଚା ତୁଳା ଆସି ରିଫାଇନିଂ ହୋଇ ସ୍ୱଚ୍ଛ ତୁଳା ତିଆରି ହୋଇଥାଏ। ଆଜି ଫ୍ୟାକ୍ଟ୍ରିକୁ ଦୁଇଟି କଣ୍ଟେନରରେ ଦୁଇଗାଡ଼ି କଞ୍ଚା ତୁଳା ଆସିଥିଲା। ଏହାକୁ ରଖାଯାଇଥଇବା ବେଳେ କୌଣସି କାରଣବଶତଃ ଏଥିରେ ନିଆଁ ଲାଗି ସବୁ ଭସ୍ମୀଭୂତ ହୋଇଯାଇଛି।

ଆଜି ଭିତରକନିକାରେ ପକ୍ଷୀ ଗଣନା

ରାଜନଗର, ୧୭।୧ (ସଂଚାର ବ୍ୟୁରୋ): ରାଜ୍ୟର ଅନ୍ୟତମ ପକ୍ଷୀବିହାର ରୂପେ ପରିଚିତ ଭିତରକନିକା ଜାତୀୟ ଉଦ୍ୟାନ ବିଦେଶାଗତ ପକ୍ଷୀଙ୍କ କାକାଳିରେ ମୁଖରିତ ହେବାରେ ଲାଗିଛି। ରବିବାର ଆଗନ୍ତୁକ ବିଦେଶାଗତ ପକ୍ଷୀମାନଙ୍କ ଗଣନା ହେବ। ଏଥିପାଇଁ କନିକା ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜନଗର ଡିଏଫଓ ଭରଦରାଜ ଗାଓଁଙ୍କର, ପକ୍ଷୀ ବିଶାରଦ ଡକ୍ଟର ଶିବ ପ୍ରସାଦ ପରିଡା, ଏସିଏଫ ମାନସ କୁମାର ଦାସ ପ୍ରଶିକ୍ଷଣ ଦେବା ସହିତ ଆଗନ୍ତୁକ ପକ୍ଷୀମାନଙ୍କ ଗଣନା କରିବା ସମୟରେ ସେମାନଙ୍କର ଜୀବନ ଶୈଳୀ ଏବଂ କେଉଁ କେଉଁ ସ୍ଥାନରୁ ଆସିଛନ୍ତି, ସେମାନଙ୍କର ଖାଦ୍ୟ ସଂପର୍କରେ ଟିକିନିକି ତଥ୍ୟ ସଂଗ୍ରହ କରିବା ପାଇଁ ସୂଚନା ଦେଇଥିଲେ। ବିଦେଶାଗତ ପକ୍ଷୀଙ୍କ ଗଣନା ପାଇଁ ୧୮ଟି ଟିମ୍ ଗଠନ କରାଯାଇଛି। ପ୍ରତ୍ୟେକ ଟିମରେ ୪ ରୁ ୫ ଜଣ ନିଯୋଜିତ ହୋଇ ଗଣନା କରିବେ।

● ଦୁର୍ଘଟଣାରେ ଜଳିଗଲା କାର ଓ ଅଟୋ

ଅଟୋ ଡ୍ରାଇଭର ଜୀବନ୍ତ ଦଗ୍ଧ

ଫୁଲବାଣୀ, ୧୭।୧ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଫୁଲବାଣୀ ସଦର ଥାନା ଅଧୀନ ଗୁଦାରୀ ପଞ୍ଚାୟତର ଦାତପାଙ୍କୁ ଗାଁ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଏକ କାର ଓ ଅଟୋ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଦୁଇଟି ଗାଡ଼ି ଜଳି ଯାଇଥିବା ବେଳେ ଅଟୋ ଚାଳକ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଅଟୋରେ ବସିଥିବା ଅନ୍ୟ ଦୁଇଜଣ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ସେପଟେ ନିଆଁ ଲାଗିବା ପରେ କୌଶଳ କ୍ରମେ କାର ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ସୂଚନା ମିଳିଛି । ତେବେ ମୃତ ଅଟୋ ଚାଳକ ଜଣକ ଫୁଲବାଣୀ ସଦର ଥାନା ତୁଡ଼ିପାଙ୍କୁ ପଞ୍ଚାୟତ ଅଧୀନ ମିଣିଆକାଠି ଗାଁର ବରୁଣ ମଲିକ ବୋଲି ଜଣାପଡ଼ିଛି। ଗୁରୁତର ଆହତଙ୍କ ମଧ୍ୟରୁ ଜଣେ ସେହି ମିଣିଆକାଠି ଗାଁର ବାବୁଲା

ମଲିକ ଓ ଅନ୍ୟଜଣେ ଦଡ଼କି ପଞ୍ଚାୟତ ସିଙ୍ଗାପଡା ଗାଁର ଶୈଳେନ୍ଦ୍ର କହଁର ବୋଲି ଜଣାପଡିଛି। ସୂଚନା ଅନୁସାରେ ଶନିବାର ସନ୍ଧ୍ୟା ୫ଟାରେ ଧକ୍କା ଦେଇଥିଲା । ଘଟଣାସ୍ଥଳରେ ଫୁଲବାଣୀରୁ ଦୁଇଟି ଦମକଳ ସହ ସ୍ଥାନୀୟ ପୁଲିସ ଆସି ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁକୁ ଆୟତ୍ତ କରି ଗୁରୁତରଙ୍କୁ ଫୁଲବାଣୀ ମେଡିକାଲକୁ ନେଇଥିଲେ ।

ସ୍କୁଲରେ ୨ ଶିକ୍ଷୟିତ୍ରୀ ପିଟାପିଟି

● ତଦନ୍ତ ନିର୍ଦ୍ଦେଶ ଦେଲେ ବିଇଓ

ସମ୍ବଲପୁର, ୧୭।୧ (ସଂଚାର ବ୍ୟୁରୋ): ବୁର୍ଲା କିର୍ବା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ କୌଣସି କାରଣକୁ କେନ୍ଦ୍ରକରି ୨ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ହୋଇଥିଲା। ସଂଘର୍ଷରେ ଜଣେ ଶିକ୍ଷୟିତ୍ରୀ ଗୁରୁତର ଆହତ ହୋଇଥିବା ବେଳେ ତାଙ୍କ ମୁହଁରୁ ରକ୍ତସ୍ରାବ ହେଉଥିବାର ଏକ ଭାଇରାଲ ଭିଡିଓ ଘୂରି ବୁଲୁଛି। ଉକ୍ତ ଭିଡିଓରେ ଉଭୟ ଶିକ୍ଷୟିତ୍ରୀ ନିଜ ନିଜ ମୋବାଇଲ ଛାତ୍ରୀଙ୍କୁ ଦେଇ ଘଟଣାର ଦୃଶ୍ୟ ଉତ୍ତୋଳନ କରିବାକୁ କହୁଥିବା ଦେଖାଯାଇଛି। ବିଦ୍ୟାଳୟରେ କୌଣସି ସଫେଇ କାର୍ଯ୍ୟକୁ ନେଇ ଉଭୟ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ପ୍ରଥମେ କଥା କଟାକଟି ଓ ପରବର୍ତ୍ତୀ ସମୟରେ ଉଗ୍ର ରୂପ ଧାରଣ କରି ମାଡ଼ପିଟରେ ରୂପାନ୍ତରିତ ହୋଇଥିଲା। ତେବେ ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଖବର ମିଳିଛି। ଅପରପକ୍ଷରେ ଘଟଣାର ତଦନ୍ତ କରି ତିନିଦିନ ମଧ୍ୟରେ ରିପୋର୍ଟ ଦେବାକୁ ବିଆରସିସିଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ବିଇଓ କରନ ଶର୍ମା କହିଛନ୍ତି। ରିପୋର୍ଟ ଆସିବା ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

ଖଣ୍ଡଗିରି କୁମ୍ଭ ମେଳା ପାଇଁ ପ୍ରସ୍ତୁତି

ସୁରକ୍ଷା ପାଇଁ ଲାଗିବ ୧୦୦ ସିସିଟିଭି

ଭୁବନେଶ୍ୱର, ୧୭।୧ (ସଂଚାର ବ୍ୟୁରୋ): ଚଳିତ ବର୍ଷ ଖଣ୍ଡଗିରି କୁମ୍ଭ ମେଳା ଜାନୁଆରୀ ୨୭ରୁ ଆରମ୍ଭ ହୋଇ ଫେବୃଆରୀ ୭ ପର୍ଯ୍ୟନ୍ତ ଚାଲିବ। ମଇଦାନକୁ ଓହ୍ଲାଇବେ ୧୪ ଯାତ୍ରା ପାର୍ଟି। ବିଭିନ୍ନ ଯାତ୍ରା କମିଟି

୨୭ରୁ ମେଳା ଆରମ୍ଭ, ମଇଦାନକୁ ଓହ୍ଲାଇବେ ୧୪ ଯାତ୍ରା ପାର୍ଟି

ପକ୍ଷରୁ ପ୍ରସ୍ତୁତିକୁ ବୃଡ଼ାନ୍ତ ରୂପ ଦିଆଯାଉଛି। ଏହାକୁ ନେଇ ବିଏମସି କାର୍ଯ୍ୟାଳୟରେ ଖଣ୍ଡଗିରି କୁମ୍ଭ ମେଳା ପାଇଁ ସମୀକ୍ଷା ଶେଷ ହୋଇଛି। ସୁରକ୍ଷା ଦୃଷ୍ଟିରୁ ଚଳିତ ବର୍ଷ ବ୍ୟାପକ ପୁଲିସ ବ୍ୟବସ୍ଥା ରହିବ। ମେଳା ଅଞ୍ଚଳରେ ୧୦୦ଟି ସିସିଟିଭି ଲାଗିବ। ବିଭିନ୍ନ ସ୍ଥାନରେ ପୁଲିସ ଓ ବିଏମ୍ ସି ଏନଫୋର୍ସମେଣ୍ଟ ମୁତୟନ ରହିବେ।

ଟ୍ରାଫିକ ପୁଲିସକୁ ସହାୟତା କରିବା ପାଇଁ ଟ୍ରାଫିକ ୱାର୍ଡେନ ମୁତୟନ ହେବେ। ଯାନବାହାନ ପାର୍କିଂ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଫାୟର, ପୁଲିସ, ବିଏମ୍ ସି, ମେଡିକାଲ କଣ୍ଟ୍ରୋଲ ରୁମ୍, ପାନୀୟ ଜଳ, ଆଲୋକ ଓ ଅନ୍ୟାନ ବ୍ୟବସ୍ଥା ରହିଛି। ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ବୈଠକ। ଏହି ବୈଠକରେ ଏକାମ୍ର ବିଧାୟକ ବାବୁ ସିଂ, ଷ୍

ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୩,୧୮୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୧,୨୫୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୩,୧୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୩୧,୨୫୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୪୩,୧୮୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୩୧,୨୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୪୩,୩୩୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୩୧,୪୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୪,୯୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୨,୯୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୩,୧୮୦ ଓ, ୧,୩୧,୨୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୯୫,୦୦୦ ଟଙ୍କା ହୋଇଛି ।

ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୬ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୪ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୧ ଟଙ୍କା ୦୬ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୬୧ ପଇସା ରହିଛି ।

ଗୋଟିଏ ଏଗ୍ରିମେଣ୍ଟରେ ଡଲାର ମୁଦ୍ରାର ରାଜା!

ନୂଆଦିଲ୍ଲୀ, ୧୭।୧: ଗୋଟିଏ ଏଗ୍ରିମେଣ୍ଟ। ଡଲାର ହୋଇଗଲା ମୁଦ୍ରାର ରାଜା। ଆମେରିକାକୁ କରିଦେଲା ସୁପରପାୱାର। ଆମେରିକା ଆଜି ନିଜ ମୁଦ୍ରା ଉପରେ ଗର୍ବ କରେ। କିନ୍ତୁ ଏପରି ଏକ ସମୟ ଥିଲା ଯେତେବେଳେ ଗମ୍ଭୀର ମୁଦ୍ରା ସଙ୍କଟର ସମ୍ମୁଖୀନ ହୋଇଥିଲା ଆମେରିକା। ସୁନା ଏବଂ ରୂପାରେ କାରବାର କରାଯାଉଥିଲା। ବ୍ରିଟିଶ ଏବଂ ସ୍ପାନିସ୍ ମୁଦ୍ରା ବ୍ୟବହାର କରାଯାଉଥିଲା। ଯେତେବେଳେ ସୁନା ଏବଂ ରୂପାର ଅଭାବ ବଢ଼ିବାକୁ ଲାଗିଲା, ଦେଶର ନିଜସ୍ୱ ମୁଦ୍ରାର ଆବଶ୍ୟକତା ଉପରେ ପ୍ରଶ୍ନ ଉଠାଇଲା। ଆଇନଗତ ଦୃଷ୍ଟିକୋଣରୁ ମୁଦ୍ରାର ମୂଳଦୁଆ ସ୍ଥାପନ କରିବାକୁ ପ୍ରୟାସ ଆରମ୍ଭ କଲା ଆମେରିକା।

ମୁଦ୍ରା ପ୍ରତିଷ୍ଠା ପାଇଁ ୧୭୯୨ ଏପ୍ରିଲ ୨ରେ ମୁଦ୍ରା ଆଇନ ପାସ୍ କଲା ଆମେରିକା କଂଗ୍ରେସ। ଏହି ଆଇନଗତ ଅନୁମୋଦନ ପରେ ଆମେରିକାରେ ମୁଦ୍ରା ପ୍ରତିଷ୍ଠା ହୋଇଥିଲା। ଆମେରିକୀୟ ମୁଦ୍ରା ପ୍ରଚଳନ କରାଯାଇଥିଲା, କିନ୍ତୁ ଏହା ରୂପାରେ ତିଆରି ହୋଇଥିଲା। ଏହିଠାରୁ ରୂପା ଡଲାର ମୁଦ୍ରା ବ୍ୟବହାର ହେବା ଆରମ୍ଭ ହେଲା। ସେହି ସମୟରେ ଲୋକମାନେ ଘରୁ ରୂପା ମୁଦ୍ରା ଆଣି ମୁଦ୍ରାରେ ପରିଣତ କରୁଥିଲେ। ମୁଦ୍ରା ଆଇନର ଉଦ୍ଦେଶ୍ୟ ଥିଲା ଲୋକଙ୍କ ସମସ୍ୟାକୁ ଦୂର କରିବା, କିଣାବିକାକୁ ସରଳ କରିବା କିନ୍ତୁ ସଫଳ ହୋଇପାରିଲା ନାହିଁ। ରୂପା ମୁଦ୍ରା କ୍ୱଚିତ୍ ତିଆରି ହେଉଥିଲା ଏବଂ ବଜାରରେ ଏହାର ଯୋଗାଣ ଯଥେଷ୍ଟ ନଥିଲା। ଆମେରିକାର ସ୍ଥାନୀୟ ବ୍ୟାଙ୍କଗୁଡ଼ିକ ନିଜସ୍ୱ ମୁଦ୍ରା ପ୍ରଚଳନ କରିଥିଲେ।

ରୂପା ମୁଦ୍ରା ପ୍ରଚଳନ ପରେ ମୁଦ୍ରା ସଙ୍କଟ ସମ୍ପୂର୍ଣ୍ଣ ଭାବରେ ଶେଷ ହୋଇନଥିଲା। ରୂପା ଅଭାବର ସମାଧାନ ଖୋଜିବା ପାଇଁ ପ୍ରୟାସ ଆରମ୍ଭ ହୋଇଥିଲା। ଏଇଠୁ ଆରମ୍ଭ ହୋଇଥିଲା କାଗଜ ମୁଦ୍ରା। ୧୮୬୧ ମସିହା। ଆମେରିକୀୟ କଂଗ୍ରେସ କାଗଜ ମୁଦ୍ରା ଜାରି କରିବାକୁ ନେଇଥିଲା ନିଷ୍ପତ୍ତି। ସରକାର କାଗଜ ମୁଦ୍ରା ଜାରି କରିଥିଲେ, ଯାହାକୁ ଡିମାଣ୍ଡ ନୋଟ୍ସ କୁହାଯାଏ, ଯାହା ଗୃହଯୁଦ୍ଧ ସମୟରେ ନେଣଦେଣର ମାଧ୍ୟମ ପାଲଟିଥିଲା। ପ୍ରାରମ୍ଭରେ ୫ ଡଲାର, ୧୦ ଆହତ ଏବଂ ୨୦ ଡଲାର ନୋଟ୍ ମୁଦ୍ରିତ ହେଉଥିଲା। ସେଗୁଡ଼ିକୁ ଗ୍ରୀନ୍ ବକ୍ସ ନୋଟ୍ କୁହାଯାଉଥିଲା। କାରଣ ଏହାର ପଛପଟେ ଏକ ରଙ୍ଗ ମୁଦ୍ରିତ ଥିଲା। ଏହି ଫିଚର ସିକ୍ୟୁରିଟି ସହିତ ଜଡିତ ଥିଲା, ଯାହା ଦ୍ୱାରା ନକଲି ମୁଦ୍ରଣକୁ ରୋକାଯାଇପାରିବ। ଏକ ବିଶେଷ ରାସାୟନିକ ପଦାର୍ଥ ବ୍ୟବହାର କରି ଡଲାରରେ ସବୁଜ ଆବରଣ ପ୍ରୟୋଗ କରାଯାଇଥିଲା। ପରେ, ଏହାକୁ ଏକ ସୁରକ୍ଷିତ ମୁଦ୍ରଣ କରିବା ପାଇଁ ଅନେକ ପରିବର୍ତ୍ତନ କରାଯାଇଥିଲା। ତଥାପି, ଏହି ନୋଟଗୁଡିକ ପାଇଁ ମାନକ ମୁଦ୍ରଣ ପ୍ରଣାଳୀ ପ୍ରଥମେ ୧୮୬୯ରେ ବିକଶିତ ହୋଇଥିଲା।

୧୯୪୪ ମସିହାରେ, ବ୍ରେଟନ୍ ଉଡ୍ସ ଚୁକ୍ତିନାମା ମାଧ୍ୟମରେ ପ୍ରଥମ ଥର ପାଇଁ ଆମେରିକୀୟ ଡଲାରକୁ ବିଶ୍ୱ ମୁଦ୍ରଣ ଭାବରେ ସ୍ୱୀକୃତି ଦିଆଯାଇଥିଲା। ଏହି ନିଷ୍ପତ୍ତି ଆମେରିକୀୟ ମୁଦ୍ରା ପାଇଁ ଏକ ମୋଡ଼ ପାଲଟିଥିଲା। ଏହି ଚୁକ୍ତିନାମା ପରେ, ୪୪ଟି ଦେଶ ସେମାନଙ୍କର ମୁଦ୍ରାକୁ ଡଲାର ସହିତ ସଂଯୋଗ କରିବାକୁ ନିଷ୍ପତ୍ତି ନେଇଥିଲେ। ତଥାପି, ୧୯୭୦ ମସିହାରେ, ଡଲାରକୁ ଗୋଲ୍ଡ ଷ୍ଟାଣ୍ଡାର୍ଡରୁ ହଟାଇ ଦିଆଯାଇଥିଲା ଏବଂ ମୂଲ୍ୟରେ ପରିବର୍ତ୍ତନ ପାଇଁ ଅନୁମତି ଦିଆଯାଇଥିଲା। ବ୍ରେଟନ୍ ଉଡ୍ସ ଚୁକ୍ତିନାମା ପରେ ଅଧିକାଂଶ ଦେଶ ଡଲାର ସହିତ ସଂଯୁକ୍ତ ହୋଇଗଲେ। ଦେଶଗୁଡ଼ିକ ସେମାନଙ୍କର ବୈଦେଶିକ ମୁଦ୍ରା ଭଣ୍ଡାରରେ ଡଲାର ଆବଣ୍ଟନ କରିବା ଆରମ୍ଭ କଲେ। ପରେ, ଡଲାର ଆଇଏମଏଫ ଏବଂ ବିଶ୍ୱ ବ୍ୟାଙ୍କ ଭଳି ସଂସ୍ଥାଗୁଡ଼ିକର ମଧ୍ୟ କେନ୍ଦ୍ର ଥିଲା। ଅନ୍ତର୍ଜାତୀୟ ଋଣ ହେଉ କି ଆର୍ଥିକ କ୍ଷେତ୍ରରେ, ଡଲାରକୁ ପ୍ରାଥମିକତା ଦିଆଗଲା। ବାଣିଜ୍ୟରେ ଡଲାରର ବ୍ୟବହାର ବଢ଼ିବାକୁ ଲାଗିଲା। ଏହା ପରେ ଏହା ଇତିହାସ ସୃଷ୍ଟି କଲା। ୧୯୭୦ ଦଶକର ପେଟ୍ରୋଡଲାର ବ୍ୟବସ୍ଥା ଏହାକୁ ନୂତନ ଉଚ୍ଚତାରେ ପହଞ୍ଚାଇଲା। ତେଲ କେବଳ ଡଲାରରେ ବିକ୍ରି ହେବା ଆରମ୍ଭ ହେଲା। ଏହିପରି ଡଲାର ବିଶ୍ୱ ଆର୍ଥିକ ବଜାରରେ ବାଦଶାହ ହୋଇଗଲା। ବର୍ତ୍ତମାନ ଆମେରିକା ଅନ୍ୟ ଦେଶଗୁଡ଼ିକ ଉପରେ ନଜର ରଖିଥିବାରୁ ଡଲାର ଆଲୋଚନାର ପ୍ରସଙ୍ଗ ହୋଇଛି। ଭେନେଜୁଏଲା ପରେ ଟ୍ରମ୍ପ ଗ୍ରୀନଲ୍ୟାଣ୍ଡକୁ ନିୟନ୍ତ୍ରଣ କରିବାକୁ ଚାହୁଁଛନ୍ତି। ଇରାନ ସହିତ ସମ୍ପର୍କ ପୂର୍ବରୁ ତିକ୍ତ ହୋଇସାରିଛି। ଏହି ସମସ୍ତ ଘଟଣାକ୍ରମ ମଧ୍ୟରେ ଆମେରିକା ଡଲାର କ'ଣ ରେକର୍ଡ ସ୍ଥାପନ କରିବ ନା ତଳକୁ ଖସିବ, ତାହା ଦେଖିବାକୁ ବାକି ରହିଲା।



ୟୁନିଅନ ବ୍ୟାଙ୍କ ଅଫ ଇଣ୍ଡିଆ ଓ ବ୍ୟାଙ୍କ ଅଫ ଇଣ୍ଡିଆର ହେବ ମିଶ୍ରଣ

ନୂଆଦିଲ୍ଲୀ,୧୭।୧: ସରକାର ଦୁଇଟି ବଡ଼ ସାର୍ବଜନୀନ କ୍ଷେତ୍ରର ବ୍ୟାଙ୍କକୁ ମିଶ୍ରଣ କରିବାକୁ ପ୍ରସ୍ତୁତ ହେଉଛନ୍ତି। ବ୍ୟାଙ୍କଗୁଡ଼ିକୁ ମଜବୁତ କରିବା ଏବଂ ସେମାନଙ୍କର ଦକ୍ଷତା ବୃଦ୍ଧି କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଉଛି। ସରକାର ୟୁନିଅନ ବ୍ୟାଙ୍କ ଅଫ ଇଣ୍ଡିଆ ଏବଂ ବ୍ୟାଙ୍କ ଅଫ ଇଣ୍ଡିଆକୁ ମିଶ୍ରଣ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଏହି ବିଷୟ ସହିତ ପରିଚିତ ଲୋକମାନେ କହିଛନ୍ତି ଯେ ସରକାର ଏହି ପ୍ରସ୍ତାବ ଉପରେ କାମ କରୁଛନ୍ତି। ଯଦି ଏହି ମିଶ୍ରଣ ହୁଏ, ତେବେ ଏହା ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ (ଏସବିଆଇ) ପରେ ଦେଶର ଦ୍ୱିତୀୟ ବୃହତ ସାର୍ବଜନୀନ କ୍ଷେତ୍ରର ବ୍ୟାଙ୍କ ହୋଇଯିବ।

ପୂର୍ବରୁ, ଅନେକ ଗଣମାଧ୍ୟମ ରିପୋର୍ଟ ପ୍ରକାଶ କରିଥିଲା ଯେ ଅର୍ଥ ମନ୍ତ୍ରଣାଳୟ ଚେନ୍ନାଇ-ଭିତ୍ତିକ ଦୁଇଟି ସାର୍ବଜନୀନ କ୍ଷେତ୍ରର ବ୍ୟାଙ୍କ – ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ଏବଂ ଇଣ୍ଡିଆନ ବ୍ୟାଙ୍କକୁ ମିଶ୍ରଣ କରିବାର ବିକଳ୍ପ ଉପରେ ବିଚାର କରୁଛି। ଏହା ସହିତ, ପଞ୍ଜାବ ଏବଂ ସିନ୍ଧ ବ୍ୟାଙ୍କ ଏବଂ ବ୍ୟାଙ୍କ ଅଫ ମହାରାଷ୍ଟ୍ର ପାଇଁ ଯୋଜନା ଚାଲିଛି। ଏହି ବ୍ୟାଙ୍କଗୁଡ଼ିକର ଅନ୍ୟ ବଡ଼ ସାର୍ବଜନୀନ କ୍ଷେତ୍ରର ବ୍ୟାଙ୍କ ତୁଳନାରେ କମ ସମ୍ପତ୍ତି ଅଛି, ତେଣୁ ସରକାର ଭବିଷ୍ୟତରେ ସେଗୁଡ଼ିକୁ ଘରୋଇକରଣ ପାଇଁ ବିଚାର କରିପାରନ୍ତି।

୨୦୧୭ ରୁ ୨୦୨୦ ମଧ୍ୟରେ, ସରକାର ୧୦ ଟି ସାର୍ବଜନୀନ କ୍ଷେତ୍ରର ବ୍ୟାଙ୍କକୁ ଚାରିଟି ବଡ଼ ବ୍ୟାଙ୍କରେ ମିଶ୍ରଣ କରିଥିଲେ। ପରବର୍ତ୍ତୀ ସମୟରେ, ୨୦୧୭ରେ ୨୭ଟି ସାର୍ବଜନୀନ କ୍ଷେତ୍ରର ବ୍ୟାଙ୍କ ସଂଖ୍ୟା ହ୍ରାସ ପାଇ ୧୨କୁ ଗଲା। ଯଦି ସରକାରଙ୍କ ୟୁନିଅନ ବ୍ୟାଙ୍କ ଅଫ ଇଣ୍ଡିଆ ଏବଂ ବ୍ୟାଙ୍କ ଅଫ ଇଣ୍ଡିଆର ମିଶ୍ରଣ ଯୋଜନା କାର୍ଯ୍ୟକାରୀ ହୁଏ, ତେବେ ମିଶ୍ରିତ ବ୍ୟାଙ୍କ ପ୍ରାୟ ୨୫.୬୭ ଲକ୍ଷ କୋଟି ସମ୍ପତ୍ତି ସହିତ ଦେଶର ଦ୍ୱିତୀୟ ସର୍ବବୃହତ ସାର୍ବଜନୀନ କ୍ଷେତ୍ରର ବ୍ୟାଙ୍କ ହୋଇଯିବ। ଏହା ବ୍ୟାଙ୍କ ଅଫ ବରୋଦାକୁ ପଛରେ ପକାଇବ, ଯାହାର ସମ୍ପତ୍ତି ୧୮.୬୨ ଲକ୍ଷ କୋଟି। ବର୍ତ୍ତମାନ, ଦେଶର ସର୍ବବୃହତ ସାର୍ବଜନୀନ କ୍ଷେତ୍ରର ବ୍ୟାଙ୍କ ହେଉଛି ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ (SBI)।

ଏହା ବ୍ୟାଙ୍କିଂ କ୍ଷେତ୍ରରେ ପ୍ରତିଯୋଗିତା ବୃଦ୍ଧି କରିବ ଏବଂ ଗ୍ରାହକମାନଙ୍କୁ ଉତ୍ତମ ସେବା ପ୍ରଦାନ କରିବ। ପୂର୍ବରୁ, ୨୦୧୯-୨୦୨୦ରେ ୟୁନିଅନ ବ୍ୟାଙ୍କ ସହିତ ଆନ୍ଧ୍ର ବ୍ୟାଙ୍କ ଏବଂ କର୍ପୋରେସନ ବ୍ୟାଙ୍କର ମିଶ୍ରଣ ଭଳି ପ୍ରମୁଖ ମିଶ୍ରଣ ହୋଇଥିଲା, ଯାହା ବ୍ୟାଙ୍କଗୁଡ଼ିକୁ ମଜବୁତ କରିଥିଲା। ଏହି ନୂତନ ପଦକ୍ଷେପ ସମାନ ଦିଗରେ। ଯଦିଓ ଏହା ଏପର୍ଯ୍ୟନ୍ତ ଏକ ଆଲୋଚନା ପର୍ଯ୍ୟାୟ ଏବଂ କୌଣସି ସରକାରୀ ଘୋଷଣା କରାଯାଇ ନାହିଁ, ଯଦି ଏହା ହୁଏ, ତେବେ ଏହା ବ୍ୟାଙ୍କିଂ ଜଗତରେ ନୂତନ ଇତିହାସ ସୃଷ୍ଟି କରିବ। ଛୋଟ ବ୍ୟାଙ୍କଗୁଡ଼ିକୁ ବଡ଼ ବ୍ୟାଙ୍କରେ ମିଶ୍ରଣ କରିବା ଦ୍ୱାରା ଓଭରଲାପିଂ ହ୍ରାସ ହେବ, ଖର୍ଚ୍ଚ ସଞ୍ଚୟ ହେବ ଏବଂ ଲାଭ ବୃଦ୍ଧି ହେବ।

ଫେବୃଆରୀ ୧ ରବିବାର ଖୋଲା ରହିବ ସେୟାର ବଜାର





ବିଏସ୍ଇ ଏବଂ ଏନ୍ଏସ୍ଇ ପକ୍ଷରୁ ଘୋଷଣା

ନୂଆଦିଲ୍ଲୀ,୧୭।୧: ପ୍ରତିବର୍ଷ ପରି ଏଥର ବି ଫେବୃଆରୀ ୧ ତାରିଖରେ ସାଧାରଣ ବଜେଟ ଆଗତ ହେବ। ଯଦିଓ ଏ ବର୍ଷ ଫେବୃଆରୀ ୧ ରବିବାର ପଡୁଛି, ଏହାସତ୍ତ୍ୱେ ସେୟାର ବଜାର ସାଧାରଣ ଦିନ ପରି ଖୋଲିବ। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍ଇ) ଏବଂ ନ୍ୟାସ୍ନାଲ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍ଏସ୍ଇ) ଶୁକ୍ରବାର ଏକ ସର୍କୁଲାର ଜାରି କରି ଏ ସୂଚନା ଦେଇଛନ୍ତି। ଏକ୍ସଚେଞ୍ଜ ଅନୁସାରେ, ବଜେଟ୍ ଦିନ ନିବେଶକ ଏବଂ ଟ୍ରେଡର ବଜାରର ପ୍ରତିକ୍ରିୟା ଦେଖିବେ, ସେଥିପାଇଁ ରବିବାର ସ୍ୱତନ୍ତ୍ର ଟ୍ରେଡିଂ ସେସନ୍ ରଖିବାର ନିଷ୍ପତ୍ତି ନିଆଯାଇଛି। ବିଏସ୍ଇ ଏବଂ ଏନ୍ଏସ୍ଇ ପକ୍ଷରୁ ଜାରି ହୋଇଥିବା ସର୍କୁଲାର ଅନୁସାରେ, ଫେବୃଆରୀ ୧ ରବିବାର ବଜାରର ସମୟସୂଚୀ ସାଧାରଣ ଦିନଗୁଡ଼ିକ ଭଳି ରହିବ। ସକାଳ ୯ଟାରୁ ୯ଟା ୮ ପର୍ଯ୍ୟନ୍ତ ପ୍ରୀ-ଓପନ୍ ସେସନ୍ ହେବ। ଏହାପରେ ସକାଳ ୯.୧୫ରୁ ସାଧାରଣ ଟ୍ରେଡିଂ ଆରମ୍ଭ ହେବ, ଯାହା ଅପରାହ୍ନ ୩.୩୦ଯାଏ ଚାଲିବ। ଇକ୍ୱିଟି ସହ ଡେରିଭେଟିଭ୍ସ (ଏଫ୍ ଆଣ୍ଡ୍ ଓ) ସେଗ୍‌ମେଣ୍ଟରେ ବି ସମାନ ସମୟରେ କାରବାର ହେବ।

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ମୋଟ ରାଜସ୍ୱ ୧୦% ବୃଦ୍ଧି

ଜିଓ ପ୍ଲାଟ୍‌ଫର୍ମସର ନେଟ୍ ଲାଭ ୭୬୨୯ କୋଟି ଟଙ୍କା

ମୁମ୍ବାଇ/ଭୁବନେଶ୍ୱର ୧୭।୧: ଦେଶର ସର୍ବବୃହତ ଦୂରସଂଚାର ଓ ଡିଜିଟାଲ ସେବା ପ୍ରଦାନକାରୀ କମ୍ପାନୀ ଜିଓ ପ୍ଲାଟଫର୍ମସ ଲିମିଟେଡ଼ର ନେଟ ଲାଭ ୨୦୨୫-୨୬ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକରେ ପୂର୍ବ ବର୍ଷ ସମାନ ସମୟ ତୁଳନାରେ ୧୧.୩ ପ୍ରତିଶତ ବୃଦ୍ଧି ପାଇ ୭୬୨୯ କୋଟି ଟଙ୍କା ହୋଇଛି। ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକ ପାଇଁ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ପକ୍ଷରୁ ଘୋଷଣା କରାଯାଇଥିବା ଆର୍ଥିକ ଫଳାଫଳରେ ଏହି ସୂଚନା ଦିଆଯାଇଛି। ଜିଓ ପ୍ଲାଟଫର୍ମସର ଡିଜିଟାଲ ସେବା ମୋଟ ରାଜସ୍ୱ ଗତବର୍ଷ ସମାନ ଅବଧି ତୁଳନାରେ ୧୨.୭ ପ୍ରତିଶତ ବୃଦ୍ଧି ପାଇ ୪୩,୬୮୩ କୋଟି ଟଙ୍କା ହୋଇଥିବା ଜଣାପଡିଛି। ଡିସେମ୍ବର ୨୦୨୫ ଶେଷ ସୁଦ୍ଧା ଜିଓର ମୋଟ ଗ୍ରାହକ ସଂଖ୍ୟା ୫୧ କୋଟି ୫୩ ଲକ୍ଷ ଅତିକ୍ରମ କରିବା ସହିତ ଜିଓ ୫ଜି ଗ୍ରାହକ ସଂଖ୍ୟା ୨୫ କୋଟି ୩୦ ଲକ୍ଷ ଅତିକ୍ରମ କରିଥିବା କମ୍ପାନୀ ପକ୍ଷରୁ ପ୍ରକାଶ କରାଯାଇଛି। ସେହିଭଳି ଜିଓ ଫିକ୍ସଡ୍ ବ୍ରଡବ୍ୟାଣ୍ଡ ଗ୍ରାହକ ସଂଖ୍ୟା ୨.୫୩ କୋଟି ଅତିକ୍ରମ କରିଥିବା ବେଳେ ଜିଓଏୟାରଫାଇବର ଏକ କୋଟି ଗ୍ରାହକ ସଂଖ୍ୟା ଅତିକ୍ରମ କରିବାରେ ବିଶ୍ୱରେ ପ୍ରଥମ ଏଫଡବ୍ଲୁଏ ସେବା ପ୍ରଦାନକାରୀ ହେବାର ଗୌରବ ହାସଲ କରିଛି। ଡ଼ିସେମ୍ବର ଶେଷ ସୁଦ୍ଧା ଜିଓଏୟାରଫାଇବର ଗ୍ରାହକ ସଂଖ୍ୟା ୧୧ କୋଟି ୧୫ ଲକ୍ଷ ଅତିକ୍ରମ କରିଛି। ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକରେ ଜିଓର ପ୍ରତି ଗ୍ରାହକ ପିଛା ମାସିକ ଡାଟା ବ୍ୟବହାର ଗତବର୍ଷ ସମାନ ସମୟ ତୁଳନାରେ ୩୪ ପ୍ରତିଶତ ବୃଦ୍ଧି ସହିତ ୪୦.୭ ଜିବିକୁ ବୃଦ୍ଧି ପାଇଛି। ଏହି ତ୍ରୈମାସିକରେ ଜିଓ ପକ୍ଷରୁ ଜିଓ-ଜେମିନି ଅଫର ଆରମ୍ଭ କରାଯାଇଛି ଏବଂ ସମସ୍ତ ଅସୀମିତ ୫ଜି ଉପଭୋକ୍ତାଙ୍କ ପାଇଁ ଏହାକୁ ମାଗଣା ଉପଲବ୍ଧ କରାଯାଇଛି। ରିଲାଏନ୍ସ ଜିଓ ଇନଫୋକମର ଅଧ୍ୟକ୍ଷ ଆକାଶ ଏମ୍ ଅମ୍ବାନୀ କହିଛନ୍ତି, "ଜିଓ ଭାରତୀୟ ଉପଭୋକ୍ତାଙ୍କ ପାଖରେ ବିଶ୍ୱର ସର୍ବୋତ୍ତମ ପ୍ରଯୁକ୍ତି ପ୍ଲାଟଫର୍ମ ଉପଲବ୍ଧ କରାଇବା ସହିତ ଭାରତର ଡିଜିଟାଲ୍ କ୍ରାନ୍ତିର ବାହକ ହୋଇଛି। ଜିଓର ୫୦ କୋଟିରୁ ଅଧିକ ଗ୍ରାହକ ସଂଖ୍ୟା, ଗ୍ରାହକକୈନ୍ଦ୍ରିକ ସେବା ଅଏବଂ ସାରା ଦେଶରେ ବିସ୍ତୃତ ନେଟୱାର୍କ ରିଲାଏନ୍ସ ଇଣ୍ଟେଲିଜେନ୍ସକୁ ଭାରତକୁ ଏଆଇ-ସକ୍ଷମ ସହିତ ଏଆଇ-ସଶକ୍ତ କରିବା ପାଇଁ ଏହାର ଲକ୍ଷ୍ୟ ହାସଲ ଦିଗରେ ସହାୟକ ହେବ, ଯାହା ଦ୍ୱାରା ପ୍ରତ୍ୟେକ ନାଗରିକ ଏବଂ ଉଦ୍ୟୋଗ ଏଆଇ ଉପକରଣ (ଟୁଲସ) ଜରିଆରେ ନୂତନ ସୃଷ୍ଟି, ନବସୃଜନ ଏବଂ ଅଭିବୃଦ୍ଧି ହାସଲ କରିପାରିବେ। ଏହା ଆଗାମୀ ବର୍ଷଗୁଡ଼ିକରେ ସମସ୍ତ ସେୟାରହୋଲଡ଼ରମାନଙ୍କ ପାଇଁ ଦୀର୍ଘକାଳୀନ ମୂଲ୍ୟ ସୃଷ୍ଟିକୁ ତ୍ୱରାନ୍ୱିତ କରିବ।" ଘୋଷଣା କରାଯାଇଥିବା ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ତ୍ରୈମାସିକ ଆର୍ଥିକ ଫଳାଫଳ ଅନୁଯାୟୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ମୋଟ ରାଜସ୍ୱ ଗତ ବର୍ଷ ସମାନ ଅବଧି ତୁଳନାରେ ୧୦ ପ୍ରତିଶତ ବୃଦ୍ଧି ପାଇ ୨୯୩,୮୨୯ କୋଟି ଟଙ୍କା ହୋଇଛି।

ବିଜୁ ଜନତା ଦଳର ସାଂଗଠନିକ ବୈଠକ

ଦଳକୁ ମଜଭୂତ କରିବା, ଲୋକଙ୍କ ପାଇଁ କାମ କରିବା

ଜନପ୍ରତିନିଧିଙ୍କୁ ଗୁରୁମନ୍ତ୍ର ଦେଲେ ଅରୁଣ

ନୟାଗଡ଼,୧୭।୧ (ସଂଚାର ବ୍ୟୁରୋ): ନୟାଗଡ଼ ଜିଲ୍ଲା ବିଜୁ ଜନତା ଦଳ ସାଂଗଠନିକ ବୈଠକ ତଥା ବନ୍ଧୁ ମିଳନ ବଲାଙ୍ଗୀ ପାର୍କ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ବିଜେଡି ସଭାପତି ତଥା ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ନୟାଗଡ଼ ବିଧାୟକ ଡ଼ ଅରୁଣ କୁମାର ସାହୁ ବିଜୁ ଜନତା ଦଳ ସମର୍ଥିତ ସମସ୍ତ ନିର୍ବାଚିତ ପ୍ରତିନିଧିଙ୍କୁ ସାଂଗଠନିକ ମନ୍ତ୍ର ଦେଇଛନ୍ତି। ଜିଲ୍ଲାରେ ବିଜୁ ଜନତା ଦଳକୁ ମଜବୁତ୍ କରିବା, ଲୋକଙ୍କ ପାଇଁ କାମ କରିବା, ରାଜନୀତିକୁ ସମାଜସେବା ଭାବେ ଗ୍ରହଣ କରିବା ସେ ମତ ରଖିଛନ୍ତି। ଦୀର୍ଘଦିନ ବ୍ୟବଧାନରେ ଆୟୋଜିତ ଏହି ସାଂଗଠନିକ ବୈଠକରେ ରଣପୁର ବିଧାୟକ ପ୍ରାର୍ଥୀ ସତ୍ୟ ନାରାୟଣ ପ୍ରଧାନ, ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ ନେତା ବେଣୁଧର ପ୍ରଧାନ, ଜିଲ୍ଲା ପରିଷଦ ଅଧକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ପୌର ପରିଷଦ ଅଧକ୍ଷା ନିରୂପମା ଖଟେଇ, କେନ୍ଦ୍ର ସମବାୟ ବ୍ୟାଙ୍କସ ସଭାପତି ରବୀନ୍ଦ୍ର କୁମାର ସାହୁ ଯୋଗ ଦେଇଥିଲେ। ଡବଲ ଇଞ୍ଜିନ ସରକାର ପ୍ରତିଶ୍ରୁତି ପୂରଣ କରି ପାରୁନଥିବା ବେଳେ ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ ବିଭିନ୍ନ ଷଡ଼ଯନ୍ତ୍ର କରୁଥିବା। ବିକାଶ ମୂଳକ କାର୍ଯ୍ୟରେ ମନ୍ଥରତା, ଜନହିତକର ଯୋଜନା ଗୁଡ଼ିକୁ କୋମାକୁ ଠେଲି ଦିଆଯାଉଥିବା ନେଇ ଅନେକ ନେତା ମତ ଦେଇଥିଲେ। ଏପରିକି ଜନପ୍ରତିନିଧିଙ୍କୁ ପ୍ରଶାସନିକ ଅଣଦେଖାକୁ ନେଇ ଅନେକ ମତ ଦେଇଥିଲେ। ଏହାକୁ ପ୍ରତିହତ କରିବାକୁ ଆବଶ୍ୟକ ପଡ଼ିଲେ ବିଜୁ ଜନତା ଦଳ ରାସ୍ତାକୁ ଓହ୍ଲାଇବାକୁ ପଛାଇବ ନାହିଁ ବୋଲି ମତ ପ୍ରକାଶ ପାଇଥିଲା। ନୟାଗଡ଼ ଜିଲ୍ଲା ଏବେ ବି ବିଜୁ ଜନତା ଦଳ ଗଡ଼ ଭାବେ ପରିଚିତ ରହିଛି। ସରପଞ୍ଚଙ୍କଠାରୁ ଜିଲ୍ଲା ପରିଷଦ ଅଧକ୍ଷ ପର୍ଯ୍ୟନ୍ତ ସବୁ ଆସନରେ ବିଜେଡି ସମର୍ଥିତ ପ୍ରାର୍ଥୀମାନେ ନିର୍ବାଚିତ ହୋଇ କାର୍ଯ୍ୟ କରୁଛନ୍ତି। କୌଣସି ପରିସ୍ଥିତିରେ ଦଳ ପଛକୁ ଘୁଞ୍ଚିବ ନାହିଁ ବୋଲି ଉପସ୍ଥିତ ନେତାମାନେ ମତ ବ୍ୟକ୍ତ କରିଥିଲେ।

ଦେବୀ ନଦୀ ଅଞ୍ଚଳରୁ ରାଜ୍ୟ ବାହାରକୁ ଯାଆଁଳ ଚାଲାଣ

- ନିଷିଦ୍ଧ ସତ୍ତ୍ୱେ ସରୁ ମଶାରୀ ଓ ଆଲିମ ଜାଲ ବ୍ୟବହାର
- ପୋଲିସ ଓ ନେତା ସାଜିଛନ୍ତି ହାତ ବାରିସୀ
- ଜୀବିକା ହରାଉଛନ୍ତି ମତ୍ସ୍ୟଜୀବି, ମାଫିଆ ମାଲାମାଲ

କାକଟପୁର/ଅସ୍ତରଙ୍ଗ,୧୭।୧ (ସଂଚାର ବ୍ୟୁରୋ): ରାଜ୍ୟ ସରକାର ପୁରୀ ଜିଲ୍ଲା ଅସ୍ତରଙ୍ଗ ଦେବୀ ନଦୀ ଅଞ୍ଚଳରେ ଯାଆଁଳ ନିଷିଦ୍ଧ କରିଥିବା ବେଳେ କିନ୍ତୁ ସ୍ଥାନୀୟ ଅଞ୍ଚଳର ମାଫିଆ ପଶ୍ଚିମବଙ୍ଗ ରୁ ଶ୍ରମିକ ଆଣି ଦେବୀ ନାସି ଅଞ୍ଚଳରେ ସରୁ ମଶାରୀ ଓ ଆଲିମ୍ ଜାଲ ମାଧ୍ୟମରେ ଖଇଂଗା ଯାଆଁଳ ଧରି ରାଜ୍ୟ ବାହାରକୁ ଚାଲାଣ କରୁଛନ୍ତି। କିନ୍ତୁ ସ୍ଥାନୀୟ ପୋଲିସ ସବୁ ଜାଣି ମଧ କିଛି କୁଜି ନେତା ଓ ମାଫିଆ ଙ୍କ ଚାପରେ ସବୁ ଜାଣି ଧୃତରାଷ୍ଟ୍ର ପାଲଟିଛନ୍ତି। ମାଫିଆ ମାନେ ଅର୍ଥ ଲାଳସା ରେ ଦେବୀ ନାସି ଅଞ୍ଚଳରେ ପଶ୍ଚିମବଙ୍ଗ ଲୋକଙ୍କ ସହାୟତା ରେ ଅର୍ଥ ଲାଳସା ରେ ଏହି ମଶାରୀ ଜାଲ ମାଧ୍ୟମରେ ଦୈନିକ ଲକ୍ଷ ଲକ୍ଷ ଯାଆଁଳ ମାରି ବିକ୍ରି କରିବା ସହ ରାଜ୍ୟ ବାହାରକୁ ବିଳମ୍ବିତ ରାତ୍ରରେ କାର ମାଧ୍ୟମରେ ଚାଲାଣ କରୁଛନ୍ତି। ଏହାକୁ ରୋକିବାକୁ ବିଭାଗୀୟ କର୍ତ୍ତୃପକ୍ଷ ଓ ସ୍ଥାନୀୟ ପୋଲିସ ପ୍ରଶାସନ ସଫଳ ହୋଇ ପାରୁନାହାନ୍ତି। ଏଥି ସକାଶେ ବର୍ଷକୁ ବର୍ଷ ଅସ୍ତରଙ୍ଗ ଦେବୀନଦୀ ଅଞ୍ଚଳରେ ମତ୍ସ୍ୟ ଉତ୍ପାଦନ ହ୍ରାସ ପାଇବାରେ ଲାଗିଛି। ଏବେ ଶୀତ ଋତୁ ହୋଇଥିବା ବେଳେ ଦକ୍ଷିଣା ପବନ ପ୍ରବାହିତ ହେବା ଆରମ୍ଭ ହୋଇଛି। ଏହା ସାମୁଦ୍ରିକ ମାଛ, ଚିଙ୍ଗୁଡ଼ି ପ୍ରଜନନ ଋତୁ ସହ ଯାଆଁଳ ସମୟ। ସମୁଦ୍ର କୁ ଦେବୀ ନଦୀ ସଂଯୋଗ ହୋଇଥିବା ସ୍ଥଳ ଦେବୀ ନାସି ଅଥବା ସ୍ଥଳ ଭାଗ ମୁହାଁଣ ମୁହଁ ନିକଟରେ ସରୁ ମଶାରୀ ଜାଲ ଓ ଆଲିମ୍ ଜାଲ ମାଧ୍ୟମରେ ଯାଆଁଳ ଧରି ଅସାଧୁ ମାଫିଆ କୁଜି ନେତା ଙ୍କୁ ହାତବାରିସୀ କରି ରପ୍ତାନି କରୁଛନ୍ତି। ମତ୍ସ୍ୟ ବିଭାଗ ଓ କିଛି ମତ୍ସ୍ୟଜୀବି ବାରମ୍ବାର ଚଢ଼ାଉ କରି ବସା ଭାଙ୍ଗୁଥିବା ସତ୍ତ୍ୱେ ପୋଲିସ ନିଷ୍କ୍ରିୟତା ସହ ଦଣ୍ଡ କୋହଳ ହେତୁ ଅସ୍ତରଙ୍ଗ ଥାନା ଅଞ୍ଚଳର କିଛି ଯାଆଁଳ ମାଫିଆ ମାନେ ପଶ୍ଚିମବଙ୍ଗ ରୁ ଲୋକ ଆଣି ଯାଆଁଳ ଧରି ରାଜ୍ୟ ବାହାରକୁ ଚାଲାଣ କରୁଛନ୍ତି। ଏଥିପାଇଁ ଦେବୀ ନଦୀ ଓ ସମୁଦ୍ର ଉପରେ ନିର୍ଭର କରୁଥିବା ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ନଗର, ଆଳସାହି, ନୂଆଗଡ଼, ବିଲୁଆମଣ୍ଡୁଳି, ସହନ ସମେତ ବିଭିନ୍ନ ଗ୍ରାମର ହଜାର ହଜାର ମତ୍ସ୍ୟଜୀବି ଜୀବିକା ହରାଇ ଦାଦନ ଖଟିବାକୁ ବାଧ ହେଉଛନ୍ତି। ବିଗତ ଦିନ ମାନଙ୍କ ରେ ଏ ନେଇ ରାଜ୍ୟ ପାରମ୍ପରିକ ମତ୍ସ୍ୟଜୀବି ସଙ୍ଘ ସଭାପତି ପ୍ରଶ୍ନନ ବେହେରା ଏ ନେଇ ଦାବୀ ଉପସ୍ଥାପନା କରିବା ସହ ଯାଆଁଳ ମାଫିଆ ଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରାଯାଉ ବୋଲି ଦାବୀ ମଧ କରିଛନ୍ତି।

ନଂଗା ସାଗ୍ରାମ ଯୁବକ ସଂଘ ଆନୁକୂଲ୍ୟରେ ଏକ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ

ବୈଶିଙ୍ଗା,୧୭।୧ (ସଂଚାର ବ୍ୟୁରୋ): ବୈଶିଙ୍ଗା ଥାନା ଅନ୍ତର୍ଗତ ସଇତପୁର ସ୍ଥିତ ନଂଗା ସାଗ୍ରାମ ଯୁବକ ସଂଘ ଆନୁକୂଲ୍ୟରେ ଆଜି ଶନିବାର ପୂର୍ବାହ୍ନରେ ଏକ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଆଠ ଗୋଟି ଫୁଟବଲ ଟିମ୍ ଏଥିରେ ଭାଗ ନେଇଥିଲେ। ଫାଇନାଲ ଖେଳ ରାଜଘାଟ ଫୁଟବଲ କ୍ଲବ ସହିତ ସଞ୍ଜୟ ଏଣ୍ଡ ସଞ୍ଜୟ ଫୁଟବଲ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜଘାଟ ଫୁଟବଲ ଟିମ୍ ଚମ୍ପିଆନ ହୋଇଥିଲା। ଖେଳ ଶେଷରେ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର ଯୋଗ ଦେଇ ବିଜେତା ଟିମ୍ କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ୩୭ ନଂ ଜିଲ୍ଲାପରିଷଦ ସଦସ୍ୟା ଧାନୀ କିସ୍କୁ, ଯୁବ ନେତା ବିନୋଦ ସିଂହ, ଗଙ୍ଗାଧର ଜେନା, ସୁଜିତ୍ ମହାନ୍ତି, ପୂର୍ବତନ ସରପଞ୍ଚ ରବୀନ୍ଦ୍ର କିସ୍କୁ, ନାଏବ ସରପଞ୍ଚ କାଶୀନାଥ ମହାନ୍ତି, ସମିତି ସଭ୍ୟା ନମିତା ମହାନ୍ତି, ସମାଜସେବୀ ଭଗାନ ହାଁସଦା ପ୍ରମୁଖ ଉପସ୍ଥିତ ରହି ଫୁଟବଲ ଖେଳର ଉନ୍ନତି ପାଇଁ ସରକାରୀ ସହଯୋଗ ର ଆବଶ୍ୟକତା ବୋଲି ଅଭିହିତ କରିଥିଲେ। ସଂଘର ସଭାପତି ସାଗର ବିସ୍କୁ, ଉପ ସଭାପତି ସିଙ୍ଗରାୟ ସରେନ୍, ସମାୟ ସରେନ, ଭୁଜୁ କିସ୍କୁ, ବାଡୁ ହାଁସଦା, ବିରୁ କିସ୍କ, ବିଶ୍ୱେଶ୍ୱର ହାଁସଦା ପ୍ରମୁଖ ସହଯୋଗ କରିଥିଲେ।

ଶିଶୁ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶିକାଙ୍କ ଧାମନଗର ଗ୍ରସ୍ତ

ଧାମନଗର,୧୭।୧ (ସଂଚାର ବ୍ୟୁରୋ): ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଶିଶୁ ସ୍ୱାସ୍ଥ୍ୟ ନିର୍ଦ୍ଦେଶିକା ଧାମନଗର ପରିଦର୍ଶନ କରି ରୋଗୀ ମାନଙ୍କର ବିଭିନ୍ନ ସମସ୍ୟା ଓ ସୁବିଧା ଅସୁବିଧା ପଚାରି ବୁଝିବା ସହିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଚାରିପାର୍ଶ୍ୱର ପରିବେଶ, ସୁରକ୍ଷା ଓ ସ୍ୱଚ୍ଛତା କିପରି ଅଛି ବୁଲି ଦେଖିବା ସହ ଏକ ବୈଠକରେ ସମୀକ୍ଷା କରିଛନ୍ତି। ଏହି ସମୀକ୍ଷା ବୈଠକରେ ଧାମନଗର ଭାରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ମାଝି ମାଝୀଙ୍କ ଅଧକ୍ଷତାରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଡେପୁଟି ଡାରେକଟର ଡାକ୍ତର ଅନିନ୍ଦିତା ପଟ୍ଟନାୟକ(କନସଲଟାଣ୍ଟ ଶିଶୁ ସ୍ୱାସ୍ଥ୍ୟ), ଡାକ୍ତର ସନ୍ଦିପନା ପତି (ଯୁଗ୍ମ ନିର୍ଦ୍ଦେଶିକା ତାଲିମ), ଡାକ୍ତର ଔରୁଲିପି ଗୁଣବତ୍ତା ବିଭାଗ ମୁଖ୍ୟ ଭୁବନେଶ୍ୱରରୁ ଧାମନଗର ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରି ରୋଗୀ ମାନଙ୍କୁ ଉତ୍ତମ ସେବା ଯୋଗାଇ ଦେବା, ଔଷଧ ସୁବଣ୍ଟନ କରିବା, ଏକ୍ସରେ, ମେଡିକାଲ ଡାକ୍ତର ସମସ୍ୟା, ଷ୍ଟାଫ ରହିବା ପାଇଁ କ୍ୱାଟର ସମସ୍ୟା, ପରିବେଶକୁ ଭଲଭାବରେ ସଫାସୁତୁରା ରଖିବା ଇତ୍ୟାଦି ବିଷୟରେ ଗୁରୁତ୍ୱ ଆରୋପ କରିଥିବା ବେଳେ ବିଭାଗର କାଗଜପତ୍ର ଯାଞ୍ଚ କରି ଅଧିକାରୀଙ୍କୁ ସଚେତନ ରହିବା ପାଇଁ ପରାମର୍ଶ ଦେଇଥିଲେ। ଏହି ପରିଦର୍ଶନ ସମୟରେ ଡାକ୍ତର ହିମାଂଶୁ ନାଥ, ରାକେଶ ଦାସ, ସୁବ୍ରତ ବରାଳ, ମଧୁଶ୍ରୀ ସାହୁ, ଦିବ୍ୟଜ୍ଞାନ ନାୟକ, ଆୟୁଷ ଡାକ୍ତର ସଞ୍ଜୟ କୁମାର ହୁଇଁ, ଡାକ୍ତର ଶ୍ରୀମାଧବ ସେଠୀ ଭଦ୍ରକରୁ ରାଜେଶ କୁମାର ଆଚାର୍ଯ୍ୟ (ଏ.ପି.ଏମ)ସୁଶାନ୍ତ କୁମାର ମହାପାତ୍ର (ଟିଭି ରୋଗ ବିଶେଷଜ୍ଞ)ପ୍ରମୁଖ ଉପସ୍ଥିତ ରହି ଆଲୋଚନା ରେ ଅଶଂଗ୍ରହଣ କରିଥିବା ସମସ୍ତ କାର୍ଯ୍ୟ ଉପରେ ସନ୍ତୋଷ ପ୍ରକାଶ କରିଥିଲେ ବୋଲି ଅଧିକାରୀ ମାଝ ମାଝୀ ସୂଚନା ଦେଇଛନ୍ତି। ପ୍ରକାଶ ଥାଉକି ଏହି ସ୍ୱାସ୍ଥ୍ୟ ନିର୍ଦ୍ଦେଶିକାଙ୍କ ଗ୍ରସ୍ତକୁ ଆଖିଆଗରେ ରଖି ସ୍ୱାସ୍ଥ୍ୟ ବିଭାଗର ସମସ୍ତ ଅଧିକାରୀ, ଅଧିକାରିଣୀ ଓ କର୍ମଚାରୀ ଡ୍ରେସ କୋର୍ଟ ରହି ସଜାଗ ରହିଥିବା ପରିଲକ୍ଷିତ ଦେଖାଦେଇଥିଲା।

ସ୍ୱର୍ଣ୍ଣଚୂଡ ସାହିତ୍ୟ ପରିବାରରେ ଆଞ୍ଚଳିକତା ଭେଦରେ ଗଣପର୍ବ ମକର ସଂକ୍ରାନ୍ତି ପାଠଚକ୍ର

ନୀଳଗିରି,୧୭।୧(ସଂଚାର ବ୍ୟୁରୋ): ସ୍ୱର୍ଣ୍ଣଚୂଡ ସାହିତ୍ୟ ପରିବାର ଦ୍ୱାରା ଆୟୋଜିତ ୮୭ତମ ଆଭାସୀ ଆଲୋଚନାଚକ୍ର ଓଡିଶାର ଗଣପର୍ବ ମକର ସଂକ୍ରାନ୍ତିକୁ ନେଇ ଆଲୋଚିତ ହୋଇଯାଇଛି। ଆଞ୍ଚଳିକତା ଭେଦରେ ଗଣପର୍ବ ମକର ସଂକ୍ରାନ୍ତି ନାମକ ଶୀର୍ଷକ ପାଠଚକ୍ରରେ ଅତିଥି ଭାବରେ ଶ୍ରୀମନ୍ଦିର ଛତିଶା ନିଯୋଗର ନାୟକ ଶ୍ରୀ ଜନାର୍ଦ୍ଦନ ପାଙ୍ଗଯୋଶୀ ଯୋଗଦେଇ ମହାପ୍ରଭୁଙ୍କୁ ଆଧାରକରି ଓଡିଶାର ପର୍ବପର୍ବାଣୀ ପାଳିତ ହୁଏ ବୋଲି ମତବ୍ୟକ୍ତ କରିଥିଲେ। ସମଗ୍ର ଓଡିଶାର ପୂର୍ବ ପଶ୍ଚିମ ଉତ୍ତର ଦକ୍ଷିଣ ଭେଦରେ ପ୍ରଫେସର ନଟବର ଶତପଥୀ, ପ୍ରଫେସର ଜଗତବନ୍ଧୁ ଆଚାର୍ଯ୍ୟ, ପ୍ରଫେସର ସୁନନ୍ଦା ତ୍ରିପାଠୀ, ପ୍ରଫେସର ବବ୍ରୁବାହନ ମହାପାତ୍ର ଯୋଗଦେଇ ଆଞ୍ଚଳିକତା ଭେଦରେ ନିଜନିଜ ଅଞ୍ଚଳରେ ପାଳିତ ହେଉଥିବା ମକର ସଂକ୍ରାନ୍ତି ଉପରେ ଗଭୀର ଆଲୋକପାତ କରିଥିଲେ। ଜଗନ୍ନାଥ ମହାପ୍ରଭୁଙ୍କ ଆଦ୍ୟସେବକ ମହାରାଜଙ୍କ ପୁରୋହିତ ନୀଳମଣି ଗୁରୁ ମଧ ଯୋଗଦେଇ ଜଗନ୍ନାଥଙ୍କ ମନ୍ଦିରରେ ମକର ସଂକ୍ରାନ୍ତି ପାଳନର ବିଧି ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ପରିବାରର ସମ୍ପାଦକ ଡ. ପ୍ରଦୀପ୍ତ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଆସରରେ ସୁଶ୍ରୀ ନିବେଦିତା ମହାପାତ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିବାବେଳେ ଶେଷରେ ସୁଶ୍ରୀ ମାମାଲି ସାହୁ ସମସ୍ତଙ୍କୁ ଧନ୍ୟବାଦ ପୂର୍ବକ କୃତଜ୍ଞତା ଜ୍ଞାପନ କରିଥିଲେ। ଏଥିରେ ବହୁ ସଂସ୍କୃତିପ୍ରେମୀ ଯୋଗଦାନ କରିଥିବାବେଳେ ଅବସରପ୍ରାପ୍ତ ପ୍ରାଧାପକ ପ୍ରାଧାପିକା ଅଧାପକ ଅଧାପିକାଙ୍କ ସମେତ ବହୁ ଗବେଷକ ଓ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ।

ରକ୍ତଦାନ ଶିବିର, ମୋଟ ୪୧ୟୁନିଟ ରକ୍ତ ସଂଗୃହୀତ

ବାରିପଦା,୧୭।୧(ସଂଚାର ବ୍ୟୁରୋ): ମୟୂରଭଞ୍ଜ ସାମ୍ବାଦିକ ପରିବାର ପକ୍ଷରୁ ଶନିବାର ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ମଳୟ ମହାନ୍ତଙ୍କ ନବମ ଶ୍ରାଦ୍ଧ ବାର୍ଷିକୀ ସ୍ଥାନୀୟ ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ତତସହିତ ତାଙ୍କ ସ୍ମୃତିରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ଶିବିରକୁ ଉଦଘାଟନ କରିଥିବା ବେଳେ ଶିବିରରେ ୪୧ୟୁନିଟ ରକ୍ତ ସଂଗୃହିତ ହୋଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି, ଓ ଅରୁଣ ବେହେରା ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିବା ସହିତ ଆୟୋଜକଙ୍କ ପକ୍ଷରୁ ପ୍ରମାଣପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ ।

ସାମ୍ବାଦିକ ଭବନ ପକ୍ଷରୁ ବନ୍ଧୁମିଳନ: ଶତାଧିକ ସାମ୍ବାଦିକଙ୍କ ସମାଗମ

ନୟାଗଡ଼,୧୭।୧(ସଂଚାର ବ୍ୟୁରୋ): ନୟାଗଡ଼ ସାମ୍ବାଦିକ ଭବନ ପକ୍ଷରୁ ଆଜି ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ପାଣିପୋଇଲା ଚିନିକଳ ନିକଟରେ ଥିବା ଏକ ଫାର୍ମ ହାଉସରେ ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ଭବନ ସଭାପତି ବୈଦ୍ୟଭୂଷଣ ମହାପାତ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ନୟାଗଡ଼ ବିଧାୟକ ଡ଼ ଅରୁଣ କୁମାର ସାହୁ, ଜିଲ୍ଲା ପରିଷଦ ଅଧକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ପୌର ପରିଷଦ ଅଧକ୍ଷା ନିରୂପମା ଖଟେଇ, ବ୍ଲକ ଅଧକ୍ଷ କିଶୋର ଚନ୍ଦ୍ର ସାହୁ, ଭାପୁର ବ୍ଲକ ଉପାଧକ୍ଷ ବେଣୁଧର ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ରୋଜିନା ଦାଶ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟଙ୍କ ସମେତ ଜିଲ୍ଲାର ବିଭିନ୍ନ ବ୍ଲକରୁ ପ୍ରତିନିଧିମାନେ ଯୋଗ ଦେଇଥିଲେ। ନବବର୍ଷ ଅବସରରେ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସାମ୍ବାଦିକ ଏକତାକୁ ସୁଦୃଢ଼ କରିବା, ସାମ୍ବାଦିକଙ୍କ ସୁରକ୍ଷା ପ୍ରତି ସମସ୍ତେ ଦାୟିତ୍ୱବାନ ହେବା ଉପରେ ଆଲୋଚନା ହୋଇଥିଲା। ସାମ୍ବାଦିକ ଭବନ ସମ୍ପାଦକ ଅନୀଲ କୁମାର ପଣ୍ଡା, କୋଷାଧକ୍ଷ ବିଶ୍ୱଜିତ ନାୟକ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ଉତ୍କଳ ସାମ୍ବାଦିକ ସଂଘ ସଭାପତି ଶ୍ରୀକାନ୍ତ କୁମାର ଖଟେଇ, ସାମ୍ବାଦିକ ଭବନ କାର୍ଯ୍ୟକାରିଣୀ ସଦସ୍ୟ କ୍ଷୀରୋଦ ପଟ୍ଟନାୟକ, ରବୀନ୍ଦ୍ର କୁମାର ଦାସ, ପ୍ରଶାନ୍ତ ଜେନା, ସଞ୍ଜୟ କୁମାର ସ୍ୱାଇଁ, ରଜତ କୁମାର ପଟ୍ଟନାୟକ, ରାମକୃଷ୍ଣ ରଥ, ନିହାର ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ଜିଲ୍ଲା ସାମ୍ବାଦିକ ଭବନର ସମସ୍ତ ସଦସ୍ୟ ଏବଂ ବ୍ଲକ ପ୍ରତିନିଧିଙ୍କୁ ମିଶାଇ ୧୪୦ରୁ ଉର୍ଦ୍ଧ୍ୱ ସାମ୍ବାଦିକଙ୍କ ସମାଗମ ହୋଇଥିଲା।

୩୬୭୨ ହିତାଧିକାରୀ ଭତ୍ତା ପାଇଁ ଆବେଦନ କରି ନିରାଶ

- ବଢ଼ିଲା ଭତ୍ତା ସହାୟତା, ବଢୁନି ଟାର୍ଗେଟ
- ଫାଇଲ ଭିତରେ ନୂତନ ହିତାଧିକାରୀଙ୍କ ଭାଗ୍ୟ
- ମୃତ ଲୋକଙ୍କ ଲିଷ୍ଟ ଖୋଜୁଛି ବିଭାଗ

ବାଲିପାଟଣା,୧୭।୧(ସଂଚାର ବ୍ୟୁରୋ): ରାଜ୍ୟରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ବିଭିନ୍ନ ଯୋଜନାରେ ସମାଜରେ ଗରିବ, ନିଷ୍ପେସିତ, ଅସହାୟ ଆଦି ଆର୍ଥିକ ଅନଗ୍ରସର ଲୋକଙ୍କୁ ସହାୟତା ଯୋଗାଇବା ନିମନ୍ତେ ସାହାଯ୍ୟ ପ୍ରଦାନ କରାଯାଉଛି। ଏଥିରେ ବାର୍ଦ୍ଧକ୍ୟ, ବିଧବା, ସ୍ୱାମୀ ପରିତ୍ୟକ୍ତା, ଶାରୀରିକ ଭିନ୍ନକ୍ଷମ,ଏଡ୍ସ ରୋଗୀ ଆଦି ହିତାଧିକାରୀ ଏହି ଯୋଜନାରେ ଅନ୍ତର୍ଭୁକ୍ତ ଅଛନ୍ତି। ସେମାନେ ପୂର୍ବରୁ ୫୦୦ ଟଙ୍କା ପାଉଥିବା ବେଳେ ଗତ ସାଧାରଣ ନିର୍ବାଚନ ପୂର୍ବରୁ ୧୦୦୦ ଟଙ୍କାକୁ ବୃଦ୍ଧି କରାଯାଇଥିଲା। ସେହିପରି ଗତବର୍ଷ ରାଜ୍ୟରେ ବିଜେପି ସରକାର ଆସିବା ପରେ ୮୦ବର୍ଷ ବୟସରୁ ଉର୍ଦ୍ଧ୍ୱ ବୃଦ୍ଧ/ବୃଦ୍ଧା, ବିଧବା ଏବଂ ଶତକଡା ୮୦ଭାଗ ଶାରୀରିକ ଅକ୍ଷମ ଥିବା ହିତାଧିକାରୀଙ୍କୁ ୩୫୦୦ଟଙ୍କାକୁ ବୃଦ୍ଧି କରାଯାଇଛି।ସେହିପରି ଶତକଡା ୬୦ ରୁ ୭୯ ଭାଗ ଭିନ୍ନକ୍ଷମ ହିତାଧିକାରୀଙ୍କୁ ୧୨୦୦ ଟଙ୍କା ପ୍ରଦାନ କରାଯାଉଛି।ମାତ୍ର ନୂତନ ହିତାଧିକାରୀ ଏହି ଯୋଜନାରେ ସାମିଲ ହୋଇପାରୁନାହାନ୍ତି। ଏଭଳି ଅଭିଯୋଗ ଭୁବନେଶ୍ୱର ଉପକଣ୍ଠ ଜୟଦେବ ନିର୍ବାଚନ ମଣ୍ଡଳୀ ଅନ୍ତର୍ଭୁକ୍ତ ବାଲିପାଟଣା ଓ ବାଲିଅନ୍ତା ବ୍ଲକରେ ଦେଖାଦେଇଛି।ଏହିସବୁ ଯୋଜନାରେ ସାମିଲ ହେବାପାଇଁ ହିତାଧିକାରୀ

SANCHAR
ସଂଚାର
ରବିବାର ୧୮ ଜାନୁଆରୀ ୨୦୨୬

ସ୍ୱାସ୍ଥ୍ୟ

ପିଜୁଳି ଖାଉଛନ୍ତି କି ?

ପିଜୁଳି ଶୀତଦିନ ବଜାରରେ ସବୁଠାରୁ ବିକ୍ରି ହେଉଥିବା ଫଳ। ସେପଟେ ଏହା ଖାଇବାରେ ଯେତିକି ସ୍ୱାଦିଷ୍ଟ, ସେତିକି ହିଁ ଲାଭଦାୟକ ବି ହୋଇଥାଏ। ବହୁତ ଲୋକ ଶୀତ ଋତୁରେ ଖରାରେ ବସି ଏହାକୁ ଖାଇ ଥାଆନ୍ତି। ପିଜୁଳିରେ ଅନେକ ପୋଷକ ତତ୍ତ୍ୱ ମିଳିଥାଏ, ଯାହା ସ୍ୱାସ୍ଥ୍ୟ ଏବଂ ସ୍କିନ ପାଇଁ ବହୁତ ଲାଭକାରୀ ହୋଇଥାଏ। ତେବେ ପିଜୁଳିକୁ ପୁଷ୍ଟିକର ଗୁଣରେ ପରିପୂର୍ଣ୍ଣ ଏକ ଫଳ ଭାବରେ ବିବେଚନା କରାଯାଏ। ଏହାର ଅନେକ ଔଷଧୀୟ ଗୁଣ ରହିଛି ଯାହା ଆପଣଙ୍କୁ ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟାରୁ ନିଜକୁ ରକ୍ଷା କରିପାରିବ। ପିଜୁଳିରେ ଆଣ୍ଟି-ଅକ୍ସିଡାଣ୍ଟ, ଭିଟାମିନ୍ ସି ଏବଂ ପୋଟାସିୟମ୍ ଭରପୂର ରହିଛି। ଏହା କ୍ୟାଲୋରୀରେ ବହୁତ କମ୍ ଏବଂ ଫାଇବରରେ ବହୁତ ଅଧିକ। ଏହି କାରଣଗୁଡିକ ପାଇଁ, ଏହା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ବୋଲି ବିବେଚନା କରାଯାଏ। ତେବେ ପିଜୁଳିରେ ଫାଇବର ଭରପୂର ମାତ୍ରାରେ ଥାଏ, ଯେଉଁ କାରଣରୁ କୋଷ୍ଠକାଠିନ୍ୟରୁ ମୁକ୍ତି ମିଳିଥାଏ, କିନ୍ତୁ ଯଦି ଆପଣ ଏହାକୁ ଅଧିକ ଖାଇଥା'ନ୍ତି, ତେବେ ଆପଣଙ୍କର ହଜମ ପ୍ରକ୍ରିୟା ମଧ୍ୟ ଖରାପ ହୋଇପାରେ। ଏପରି ପରିସ୍ଥିତିରେ ଆପଣ ଏହାକୁ ଖାଇବା ଠାରୁ ଦୂରେଇ ରହିବା ଭଲ। ତାହେଲେ ଆସନ୍ତୁ ଜାଣିବା କେଉଁ ଲୋକମାନେ ପିଜୁଳି ଖାଇବା ସ୍ୱାସ୍ଥ୍ୟ ପ୍ରତି ଠିକ ନୁହେଁ।

ଇରିଟେବ୍ଲ ବାୱେଲ ସିଣ୍ଡ୍ରୋମରେ ପୀଡିତ ଥିବା ଲୋକ: ପିଜୁଳିରେ ଫାଇବର ଭରପୂର ମାତ୍ରାରେ ଥାଏ। ଯେଉଁ କାରଣରୁ କୋଷ୍ଠକାଠିନ୍ୟରୁ ମୁକ୍ତି ମିଳିଥାଏ, କିନ୍ତୁ ଯଦି ଆପଣ ଏହାକୁ ଅଧିକ ଖାଇଥା'ନ୍ତି, ତେବେ ଆପଣଙ୍କର ହଜମ ପ୍ରକ୍ରିୟା ମଧ୍ୟ ଖରାପ ହୋଇପାରେ। ବିଶେଷକରି ଯେତେବେଳେ ଆପଣ କଇରିଟେବଲ ବାଉଲ ସିଣ୍ଡ୍ରୋମରେ ପୀଡିତ। ଏପରି ପରିସ୍ଥିତିରେ ଆପଣ ଏହାକୁ ଖାଇବା ଠାରୁ ଦୂରେଇ ରହିବା ଭଲ।

ମଧୁମେହ ରୋଗୀ: ପିଜୁଳି ବ୍ୟବହାର ଦ୍ୱାରା ରକ୍ତରେ ସୁଗାର ଲେବଲ ହ୍ରାସ ହୋଇପାରେ। ଏପରି ପରିସ୍ଥିତିରେ, ଯଦି ଆପଣଙ୍କର ମଧୁମେହ ଅଛି ଏବଂ ଆପଣ ପିଜୁଳିକୁ ଅତ୍ୟଧିକ ଖାଉଛନ୍ତି, ତେବେ ଆପଣଙ୍କ ରକ୍ତରେ ସୁଗାର ଲେବଲ ଯାଞ୍ଚ କରିବା ଜରୁରୀ ଅଟେ।

ପେଟ ଫୁଲିବା ସମସ୍ୟା: ଯେଉଁମାନେ ଖାଦ୍ୟ ଶୀଘ୍ର ହଜମ କରିପାରନ୍ତି ନାହିଁ କିମ୍ବା ପେଟ ଫୁଲିବା ସମସ୍ୟା ଅଛି, ସେମାନେ ପିଜୁଳି ଖାଇବା ଉଚିତ୍ ନୁହେଁ। ଏଥିରେ ଭିଟାମିନ୍ ସି ଭରପୂର ମିଳିଥାଏ। ଏହି କାରଣରୁ, ଏହାକୁ ହଜମ କରିବାରେ ଅସୁବିଧାର ସମ୍ମୁଖୀନ ହୋଇପାରେ।

ସ୍କିନ ସମସ୍ୟା: ପିଜୁଳି ଏବଂ ପତ୍ରରେ ଥିବା ରାସାୟନିକ ପଦାର୍ଥ ସ୍କିନରେ ଜ୍ୱଳନ ସୃଷ୍ଟି କରିପାରେ। ଏହା ପ୍ରାୟତଃ ସେହି ଲୋକମାନଙ୍କ କ୍ଷତିକାରକ ହୋଇପାରେ ଯେଉଁମାନଙ୍କର ସ୍କିନ ସମସ୍ୟା ରହିଥାଏ ଯେପରିକି ଏକ୍ଜିମା ଥାଏ, ତେଣୁ ଚର୍ମ ସମସ୍ୟା ଥିବା ଲୋକମାନେ ପିଜୁଳି ଖାଇବାରୁ ଦୂରେଇ ରହିବା ଉଚିତ, କାରଣ ଏହା ସେମାନଙ୍କ ଅବସ୍ଥାକୁ ଆହୁରି ଖରାପ କରିପାରେ। ଯଦି ଆପଣଙ୍କର ଏହି ସବୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତେବେ ପିଜୁଳି ଖାଆନ୍ତୁ ନାହିଁ। ତେଣୁ ଏଥିପ୍ରତି ସାବଧାନ ରୁହନ୍ତୁ। ନଚେତ୍ ପରବର୍ତ୍ତୀ ସମୟରେ ବିପଦ ସୃଷ୍ଟି କରିପାରେ।

ଗହମ ରୁଟି ଓ ଗ୍ଲୁଟେନ୍ ମୁକ୍ତ ଖାଦ୍ୟ

ବିଭିନ୍ନ ପ୍ରକାରର ଖାଦ୍ୟକୁ ଡାଏଟ୍‌ରେ ସାମିଲ୍ କରିବା ସ୍ୱାସ୍ଥ୍ୟ ପାଇଁ ହିତକର। କିନ୍ତୁ ଆଜିକାଲି କିଛି ଲୋକ ଗହମ ରୁଟି ପରିବର୍ତ୍ତେ ଗ୍ଲୁଟେନ୍ ମୁକ୍ତ ଖାଦ୍ୟକୁ ଡାଏଟ୍‌ରେ ସାମିଲ୍ କରୁଛନ୍ତି। ତେବେ ସତରେ କଣ ଗହମ ସ୍ୱାସ୍ଥ୍ୟ ପାଇଁ ଖରାପ ନା ଏହାକୁ ଖରାପ ବୋଲି ପ୍ରମାଣିତ କରାଯାଉଛି? ଏବେ ଗହମ ରୁଟିର ଜାଗା ନେଉଛି ଗ୍ଲୁଟେନ୍‌ମୁକ୍ତ ଖାଦ୍ୟ। ଏକଦା ଟେବଲ୍ ଉପରେ ନିୟମିତ ଖାଦ୍ୟରେ ରୁଟି, ଭାତ ଓ ତରକାରୀ ବ୍ୟବହାର ହେଉଥିବା ବେଳେ ଏବେ ସେସବୁ ଜାଗାରେ ବୋଲ୍ଡର ଲାଇନ୍ ଲାଗିଯାଉଛି। କେତେବେଳେ ମାଣ୍ଡିଆ ରୁଟି ତ ଆଉ କେତେବେଳେ ଗ୍ଲୁଟେନ୍‌ମୁକ୍ତ ଖାଦ୍ୟପଦାର୍ଥ। କ୍ରମଶଃ ଗହମ ରୁଟି ଗାଏବ୍ ହେବାରେ ଲାଗିଛି। କ୍ଲିନିକାଲ୍ ନ୍ୟୁଟ୍ରିନିଷ୍ଟ ସୀମା ଶର୍ମାଙ୍କ ଅନୁସାରେ ଏହି ପରିବର୍ତ୍ତନର କାରଣ ଆବଶ୍ୟକ ପୋଷକ ତତ୍ତ୍ୱକୁ ଗୁରୁତ୍ୱ ଦେବା। ସୀମାଙ୍କ ମତରେ ସିଲିଏକ ରୋଗ ଭାରତରେ ଖୁବ୍ କମ୍ ରହିଥିଲା। ଡାଏଟ୍, ଟ୍ରାଭେଲ୍, ପରିବର୍ତ୍ତିତ ଜୀବନଶୈଳୀ ଓ ଜିନ୍‌ରେ ପରିବର୍ତ୍ତନ କାରଣରୁ ଏହି ରୋଗ ଏବେ କ୍ରମଶଃ ବଢିଚାଲିଛି। କିଛି ଲୋକ ଏହି ରୋଗ ସହ ଲଢୁଥିବା ବେଳେ ଆଉ କିଛି ଗ୍ଲୁଟେନ୍ ମୁକ୍ତ ଖାଦ୍ୟ ଖାଇବାରେ ଲାଗିଛନ୍ତି। ସେମାନଙ୍କ ଧାରଣ ଗ୍ଲୁଟେନ୍ ଖାଇବା ଦ୍ୱାରା ବ୍ଲୋଟିଂ, ଓଜନ ବଢିବା ଓ ମଧୁମେହ ପରି ସମସ୍ୟା ହୋଇଥାଏ। ସିଲିଏକ ରୋଗର ପୁରା ଯାଞ୍ଚ କରିବା ଜରୁରି। ଇନଫ୍ଲୁଏନ୍ସର ଓ ଟ୍ରେଣ୍ଡ୍‌କୁ ଦେଖି ଅନେକ ରୋଗୀ ନିଜର ଡାଏଗ୍ନୋସିସ୍ କରିବା ସହ ଚିକିତ୍ସା ମଧ୍ୟ କରାଇ ନେଉଛନ୍ତି। ଗ୍ଲୁଟେନ୍‌ମୁକ୍ତ ଖାଦ୍ୟ ଗ୍ଲୁଟେନ୍ ଆଲର୍ଜିର୍ ଥିବା ରୋଗୀଙ୍କ ପାଇଁ ଜରୁରି। ଏହାର ଅର୍ଥ ନୁହେଁ କି ସମସ୍ତେ ଗ୍ଲୁଟେନ୍‌ମୁକ୍ତ ଖାଦ୍ୟ ଖାଇବା ଆରମ୍ଭ କରିବା ଆବଶ୍ୟକ। ନିଜ ଡାଏଟ୍‌ରୁ ଗ୍ଲୁଟେନ୍ ବାହାର କରିବା ପରିବର୍ତ୍ତେ ଅଟାରେ ଚଣାଡାଲି, ଯଅ, ମାଣ୍ଡିଆ ଓ ସୋୟାବିନ୍ ଆଦି ମିଶାଇପାରିବେ। ରୁଟିକୁ ନରମ କରିବା ପାଇଁ ୭୦ ପ୍ରତିଶତ ଅଟାରେ ୩୦ ପ୍ରତିଶତ ଉପରୋକ୍ତ ଶସ୍ୟ ମିଶାଇପାରିବେ। ଫଳରେ ଫାଇବର ଓ ନ୍ୟୁଟ୍ରିସନ୍ କମ୍ ହୋଇ ନଥାଏ, ବରଂ ରୁଟି ସ୍ୱାସ୍ଥ୍ୟକର ହୋଇଥାଏ। ଗ୍ଲୁଟେନ୍‌ମୁକ୍ତ ଡାଏଟ୍ ନେଉଥିଲେ କ୍ୟାଲୋରୀରେ ସନ୍ତୁଳନ ରକ୍ଷା କରିବା ଜରୁରି ହୋଇଥାଏ। ଏହି ଡାଏଟ୍ ଅନୁକରଣ କରିବା ଦ୍ୱାରା ଶରୀରରେ ଭିଟାମିନ୍-ବି୧, ବି-୩, ଆଇରନ୍, ଫାଇବର ଓ ମ୍ୟାଗ୍ନେସିୟମ୍‌ର ଅଭାବ ଦେଖିବାକୁ ମିଳିଥାଏ। ଏହି ଖାଦ୍ୟ ଖାଇବା ସମୟରେ କ୍ୟାଲୋରୀ ଇନ୍‌ଟାକ୍ ଯାଞ୍ଚ କରିବା ଜରୁରି। ଯଦି ନିରାମିଶାଷୀ ହୋଇଥାନ୍ତି, ତେବେ ପ୍ରୋଟିନ୍‌କୁ ମଧ୍ୟ ଧ୍ୟାନ ଦେବାକୁ ଭୁଲନ୍ତୁନି। ନଚେତ୍ ମାଂସପେଶୀଜନିତ ସମସ୍ୟାର ଶିକାର ହୋଇପାରନ୍ତି। ଡାଏଟ୍ କାଉନ୍ସେଲର୍‌ଙ୍କ ପରାମର୍ଶ ନିଅନ୍ତୁ। ବୟସ, ଜୀବନଶୈଳୀ, ଶାରୀରିକ ସକ୍ରିୟତା, କୌଣସି ପୁରୁଣା ରୋଗ ଥିଲେ ଡାଏଟିସିଆନ୍‌ଙ୍କୁ ଜଣାନ୍ତୁ। ଖାଦ୍ୟକୁ ଗ୍ଲୁଟେନ୍‌ମୁକ୍ତ କରିବା ଅପେକ୍ଷା ଡାଏଟ୍‌ରେ ଡାଲି, ସାଲାଡ୍ ଓ ପନିପରିବା ସାମିଲ୍ କରନ୍ତୁ।

ପ୍ରତିଦିନ ଜଳଖିଆରେ କେତେ ଅଣ୍ଡା ଖାଇବା ଉଚିତ

ଅଣ୍ଡାକୁ ଏକ ସମ୍ପୂର୍ଣ୍ଣ ପୁଷ୍ଟିକର ଖାଦ୍ୟ ଭାବେ ଗଣାଯାଏ, କିନ୍ତୁ ଏଥିରେ ଥିବା କୋଲେଷ୍ଟ୍ରଲକୁ ନେଇ ଅନେକ ସମୟରେ ଲୋକଙ୍କ ମନରେ ଦ୍ୱନ୍ଦ୍ୱ ରହିଥାଏ। ନିକଟରେ ଗୁରୁଗ୍ରାମ ସ୍ଥିତ ମାରେଙ୍ଗୋ ଏସିଆ ହସ୍ପିଟାଲର ମୁଖ୍ୟ ଡାଏଟିସିଆନ୍ ପରମିତ୍ କୌର ଅଣ୍ଡା ଖାଇବାର ସଠିକ୍ ପରିମାଣ ଓ ଏହାର ଉପକାରିତା ବିଷୟରେ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। ଅଣ୍ଡା ହେଉଛି ଉଚ୍ଚମାନର ପ୍ରୋଟିନ୍, ସୁସ୍ଥକର ଚର୍ବି ଏବଂ ଅତ୍ୟାବଶ୍ୟକ ଭିଟାମିନ୍ (ଭିଟାମିନ୍ ଡି, ବି୧୨, ଏ ଏବଂ ଇ)ର ଏକ ଭଣ୍ଡାର। ଏଥିରେ ଥିବା ସେଲେନିୟମ୍, ଆଇରନ୍ ଏବଂ କୋଲାଇନ୍ ମସ୍ତିଷ୍କର କାର୍ଯ୍ୟଦକ୍ଷତା ଓ ମେଟାବୋଲିଜିମ୍ ବଢ଼ାଇବାରେ ସାହାଯ୍ୟ କରିଥାଏ। ଡାଏଟିସିଆନ୍‌ଙ୍କ ଅନୁଯାୟୀ, ଜଣେ ସୁସ୍ଥ ବ୍ୟକ୍ତି ଦିନକୁ ୧ ରୁ ୨ଟି ଅଣ୍ଡା କିମ୍ବା ସପ୍ତାହକୁ ୭ଟି ଅଣ୍ଡା ନିର୍ଭୟରେ ଖାଇପାରିବେ। ସେ କହିଛନ୍ତି ଯେ, ଅଣ୍ଡାରେ ଥିବା କୋଲେଷ୍ଟ୍ରଲ ରକ୍ତରେ ଥିବା କୋଲେଷ୍ଟ୍ରଲ ଉପରେ ସେତେଟା ପ୍ରଭାବ ପକାଇ ନଥାଏ, ଯେତିକି 'ଟ୍ରାନ୍ସ ଫ୍ୟାଟ୍' ବା ଅତ୍ୟଧିକ ତେଲଜାତୀୟ ଖାଦ୍ୟ ପକାଇଥାଏ। ଯେଉଁମାନଙ୍କର ପୂର୍ବରୁ ଉଚ୍ଚ ରକ୍ତଚାପ, ମଧୁମେହ କିମ୍ବା ହୃଦରୋଗ ରହିଛି, ସେମାନେ ଅଣ୍ଡାର କେଶର ଖାଇବା ସମୟରେ ସତର୍କ ରହିବା ଉଚିତ୍। ଏଭଳି ବ୍ୟକ୍ତିମାନେ ଡାକ୍ତରଙ୍କ ପରାମର୍ଶ ନେଇ ନିଜ ଖାଦ୍ୟରେ ଅଣ୍ଡା ସାମିଲ କରିବା ଭଲ। ଅଣ୍ଡାର ସମ୍ପୂର୍ଣ୍ଣ ପୋଷ୍ଟିକତା ପାଇବା ପାଇଁ ଏହାର ରନ୍ଧନ ଶୈଳୀ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସିଝା ଅଣ୍ଡା ସବୁଠାରୁ ସ୍ୱାସ୍ଥ୍ୟପ୍ରଦ ବିକଳ୍ପ ବୋଲି କୁହାଯାଇଛି। ଅଧିକ ତେଲ ବା ବଟରରେ ଭଜା ଅଣ୍ଡାର ପୁଷ୍ଟିକର ଗୁଣ କମିଯାଏ ଏବଂ ଶରୀରରେ କୋଲେଷ୍ଟ୍ରଲ ବୃଦ୍ଧି ହୋଇଥାଏ।

ପ୍ରତିମାସରେ ଋତୁସ୍ରାବ ବିଳମ୍ବରେ ହେଉଥିଲେ

ମାସିକ ଋତୁସ୍ରାବ ଜଣେ ମହିଳାଙ୍କ ଜୀବନର ଏକ ସ୍ୱାଭାବିକ ଅଂଶ। ତଥାପି, ଏହି ସମୟ ମଧ୍ୟରେ କିଛି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ। କିଛି ଝିଅଙ୍କର ଋତୁସ୍ରାବ ଠିକ୍ ସମୟରେ ହୁଏ ନାହିଁ, କେତେବେଳେ ବିଳମ୍ବ ହୁଏ। ଅନେକ ମହିଳା ଏପରି ପରିସ୍ଥିତିର ସମ୍ମୁଖୀନ ହୁଅନ୍ତି ଯେତେବେଳେ ସେମାନଙ୍କର ମାସିକ ଋତୁସ୍ରାବ ଠିକ୍ ସମୟରେ ହୁଏ ନାହିଁ। କେତେବେଳେ ଏହା କିଛି ଦିନ ବିଳମ୍ବ ହୁଏ, କେତେବେଳେ ସମ୍ପୂର୍ଣ୍ଣ ଚକ୍ର ବାଧାପ୍ରାପ୍ତ ହୁଏ। ଏଥିରେ ପ୍ରଥମ ପ୍ରଶ୍ନ ଉଠେ ଏହା ଏକ ରୋଗ କି ନାହିଁ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ପ୍ରତ୍ୟେକ ଥର ଏହା ଘଟିବା କୌଣସି ରୋଗ ନୁହେଁ, କିନ୍ତୁ ଏହା ନିଶ୍ଚିତ ଭାବରେ ଶରୀରର ହରମୋନ ସନ୍ତୁଳନରେ ପରିବର୍ତ୍ତନର ଏକ ଲକ୍ଷଣ ହୋଇପାରେ। ସାଧାରଣତଃ, ମହିଳାଙ୍କ ଋତୁଚକ୍ରକୁ ୨୧ ରୁ ୩୫ ଦିନ ମଧ୍ୟରେ ବିବେଚନା କରାଯାଏ। ଅର୍ଥାତ୍, ଯଦି କାହାର ଋତୁସ୍ରାବ ୨୮ ଦିନରେ ଏବଂ କାହାର ୩୨ ଦିନରେ ଆସେ, ତେବେ ଉଭୟ ପରିସ୍ଥିତି ସ୍ୱାଭାବିକ। କିନ୍ତୁ ଯଦି ଏହି ବ୍ୟବଧାନ ବାରମ୍ବାର ଅଧିକ ହୁଏ (୪୦-୪୫ ଦିନରୁ ଅଧିକ) କିମ୍ବା ବାରମ୍ବାର ଘଟେ, ତେବେ ଏହାକୁ ଅନିୟମିତ ଋତୁସ୍ରାବ ଚକ୍ର କୁହାଯାଏ। ମାସିକ ଋତୁସ୍ରାବ ବନ୍ଦ ହେବା ଅନେକ ଅସ୍ଥାୟୀ କିମ୍ବା ସ୍ଥାୟୀ କାରଣ ସହିତ ଜଡିତ ହୋଇପାରେ। କିଛି ଜୀବନଶୈଳୀ ସହିତ ଜଡିତ, ଯେତେବେଳେ ଅନ୍ୟଗୁଡ଼ିକ ଅଧିକ ଗମ୍ଭୀର ସ୍ୱାସ୍ଥ୍ୟଗତ ଅବସ୍ଥା ସହିତ ଜଡିତ। ମାନସିକ ଚାପ କିମ୍ବା ଚିନ୍ତା: ଚାପ ସିଧାସଳଖ ହରମୋନ ସିଷ୍ଟମକୁ ପ୍ରଭାବିତ କରେ ଏବଂ ଡିମ୍ବୀକରଣକୁ ପ୍ରଭାବିତ କରେ।

ଆକସ୍ମିକ ଓଜନ ପରିବର୍ତ୍ତନ: ଅତ୍ୟଧିକ ଓଜନ ହ୍ରାସ କିମ୍ବା ବୃଦ୍ଧି ଉଭୟ ହରମୋନ ଅସନ୍ତୁଳନକୁ ନେଇପାରେ।

ଅତ୍ୟଧିକ ବ୍ୟାୟାମ: ଅତ୍ୟଧିକ ଶାରୀରିକ ପରିଶ୍ରମ ଇଷ୍ଟ୍ରୋଜେନ ସ୍ତରକୁ ହ୍ରାସ କରିପାରେ, ଯାହା ଫଳରେ ମାସିକ ଋତୁସ୍ରାବ ବନ୍ଦ ହୋଇଯାଏ।

ନିଦ୍ରା ଅଭାବ ଏବଂ ଅନିୟମିତ ଦିନଚର୍ଯ୍ୟା: ସର୍କାଡିଆନ୍ ତାଳରେ ବାଧା ହରମୋନ ଅସନ୍ତୁଳନ ସୃଷ୍ଟି କରିପାରେ।

ହର୍ମୋନ ଅସନ୍ତୁଳନ: ଏଗୁଡ଼ିକ ପ୍ରାୟତଃ ଅସ୍ଥାୟୀ କିନ୍ତୁ ନିୟମିତତାକୁ ପ୍ରଭାବିତ କରେ।

ପଲିସିଷ୍ଟିକ୍ ଓଭାରି ସିଣ୍ଡ୍ରୋମ (ପିସିଓଏସ): ଆଜିକାଲି ଯୁବତୀମାନଙ୍କ ମଧ୍ୟରେ ସବୁଠାରୁ ସାଧାରଣ ହରମୋନ ବ୍ୟାଧି। ଏହି ବ୍ୟାଧି ଅଣ୍ଡାଶୟରେ ଛୋଟ ସିଷ୍ଟ ସୃଷ୍ଟି କରେ। ଯାହା ଋତୁସ୍ରାବରେ ବିଳମ୍ବ, ବ୍ରଣ ଏବଂ ମୁହଁର କେଶ ବୃଦ୍ଧି ହୋଇପାରେ।

ଥାଇରଏଡ୍: ଥାଇରଏଡ୍ ହରମୋନ ସ୍ତର ବୃଦ୍ଧି କିମ୍ବା ହ୍ରାସ ମାସିକ ଋତୁଚକ୍ରକୁ ବାଧା ଦେଇପାରେ।

ହର୍ମୋନ ଔଷଧ: ଜନ୍ମ ନିୟନ୍ତ୍ରଣ ବଟିକା କିମ୍ବା ଅନ୍ୟାନ୍ୟ ହରମୋନ ଚିକିତ୍ସା ମଧ୍ୟ ଚକ୍ରକୁ ପ୍ରଭାବିତ କରିପାରେ।

ଘରେ ନା ଜିମ୍‌ରେ କେଉଁଠି ବ୍ୟାୟାମ କରିବା ଉଚିତ

ଆଜିକାଲିର ଲୋକମାନେ ଫିଟନେସ୍‌କୁ ନେଇ ବେଶ୍ ସଚେତନ ହେବାର ଲାଗିଛନ୍ତି। ନିୟମିତ ଚାଲିବାଠାରୁ ଆରମ୍ଭ କରି ଜିମ୍ ଯିବା ଯାଏ କାମରେ ନିଜକୁ ବ୍ୟସ୍ତ ରଖୁଛନ୍ତି। ବାସ୍ତବରେ କଣ ଜିମ୍ ଗଲେ ହିଁ ନିଜକୁ ଫିଟ୍ ରଖିପାରିବେ ନା ଘରେ ମଧ୍ୟ ୱାର୍କଆଉଟ୍ କରି ଫିଟ୍ ରହିପାରିବେ? ଫରିଦାବାଦ ସର୍ବୋଦୟ ହସ୍ପିଟାଲ୍‌ର ମୁଖ୍ୟ ଡାଏଟିସିଆନ୍ ମିନା କୁମାରୀଙ୍କ ଅନୁସାରେ ଘରେ ହେଉ ଅବା ଜିମ୍‌ରେ ୱାର୍କଆଉଟ କରିବା ଦ୍ୱାରା ନିଜକୁ ଫିଟ୍ ରଖିପାରିବେ। କିନ୍ତୁ ଜାଣିବା ଉଭୟ ବ୍ୟାୟାମର ଫାଇଦା କ୍ଷତି ବିଷୟରେ।

ଘରେ ବ୍ୟାୟାମ କରିବାର ଫାଇଦା: ମିନା କୁମାରୀଙ୍କ କହିବା ଅନୁସାରେ ଆଜିକାଲିର ଲୋକଙ୍କ ପାଖରେ ସମୟର ଅଭାବ ରହୁଛି। ତେଣୁ ସେମାନଙ୍କୁ ଘରେ ୱାର୍କଆଉଟ୍ କରିବା ସହଜ ହେଉଛି। ଜିମ୍ ଯିବା ସହ ସେଠାରେ ପାର୍କିଂ ଓ ରାସ୍ତାରେ ଅନେକ ସମୟ ନଷ୍ଟ ହୋଇଥାଏ। ଏସବୁକୁ ଆଖିରେ ରଖି ପ୍ରାୟ ଲୋକ ଘରେ ବ୍ୟାୟାମ କରିବାକୁ ପସନ୍ଦ କରୁଛନ୍ତି।

ଘରେ ବ୍ୟାୟାମ କରିବାର କ୍ଷତି: ଘରେ ୱାର୍କଆଉଟ୍ କରିବା ସମୟରେ ନିଜକୁ ମୋଟିଭେଟ୍ କରିବା ଅନେକ ସମୟରେ ସମ୍ଭବ ହୋଇ ନଥାଏ। କାରଣ ଘରେ ଟ୍ରେନର୍ ବା ବ୍ୟାୟାମ କରୁଥିବା ସାଙ୍ଗ ନଥାନ୍ତି। ତେଣୁ ଅଳସ ଲାଗିବା ସହ କେବେ କେବେ ବ୍ୟାୟାମ କରିବାକୁ ଇଚ୍ଛା ହୋଇ ନଥାଏ। ସେହିପରି ସମସ୍ତଙ୍କ ଘରେ ବ୍ୟାୟାମର ଉପକରଣ ନଥାଏ। ତେଣୁ ଅନେକ ସମୟରେ ବ୍ୟାୟାମ କରିବାରେ ସମସ୍ୟା ଉପୁଜିଥାଏ।



ଜିମ୍‌ରେ ବ୍ୟାୟାମ କରିବାର ଫାଇଦା: ଅନେକ ଲୋକ ଜିମ୍ ଯିବାକୁ ପସନ୍ଦ କରିବା ପଛରେ କାରଣ ହେଉଛି ନିୟମିତ ବ୍ୟାୟାମ କରିବା ସହ ପାଖରେ ବ୍ୟାୟାମ ଉପକରଣ ଉପଲବ୍ଧ ରହିଥାଏ। ଏହାବ୍ୟତୀତ ଗ୍ରୁପ୍‌ରେ ବ୍ୟାୟାମ କରିବାରେ ମଜା ଅଲଗା। ସେହିପରି ଜିମ୍‌ରେ ବିଭିନ୍ନ ମେସିନ୍ ସହ ଟ୍ରେନର୍ ମଧ୍ୟ ଉପଲବ୍ଧ। ଫଳରେ ଶରୀରକୁ ଉପଯୁକ୍ତ ଆକାର ମିଳିପାରିଥାଏ।

ଜିମ୍‌ରେ କ୍ଷତି: ଜିମ୍ ଯିବାକୁ ହେଲେ ସଦସ୍ୟ ହେବା ପାଇଁ ଚାର୍ଜ ହେବା, ଯିବାଆସିବା ଖର୍ଚ୍ଚ ଓ ଜିମ୍‌ରେ ଭିଡ ଯୋଗୁ ଅନେକ ସମୟରେ ମେସିନ୍‌କୁ ଅପେକ୍ଷା କରିବାକୁ ପଡିଥାଏ। ନିୟମିତ ଏପରି ହେବା ଦ୍ୱାରା ବ୍ୟାୟାମ ଅପେକ୍ଷା ଏହାର ଆନୁସଙ୍ଗିକ କାମ ବ୍ୟକ୍ତିକୁ ଥକାଇ ଦେଇଥାଏ। ଜିମ୍ ଦୂର ହୋଇଥିଲେ ଅନେକ ସମୟରେ ଯିବା ସମ୍ଭବ ହୋଇପାରି ନଥାଏ। ଯାହାଫଳରେ ବ୍ୟକ୍ତିକୁ ଅନେକ ସମୟରେ ନିୟମିତ ରୁଟିନ୍ ଭାଙ୍ଗିବାକୁ ପଡିଥାଏ। ସବୁଠାରୁ ଭଲ ବିକଳ୍ପ ହେଲା ଯେଉଁଠାରେ ସପ୍ତାହକୁ ୪/୫ ଦିନ ବ୍ୟାୟାମ କରିପାରିବେ, ତାହା ହିଁ ଭଲ। ତେଣିକି ତାହା ଘର ହେଉ ଅବା ଜିମ୍। ଗୁରୁତ୍ୱପୂର୍ଣ୍ଣ ହେଲା ନିୟମିତ ବ୍ୟାୟାମ କରିବା ଆବଶ୍ୟକ।

ଜରିପାଲ ତଳେ ଦୁଇ ପ୍ରାଣୀ କୁଟୁମ୍ବ, ମିଳୁନାହିଁ ପ୍ରଧାନମନ୍ତ୍ରୀ ଆବାସ ଗୃହ

କନ୍ଧମାଳ,୧୭।୧ (ସଂଚାର ବ୍ୟୁରୋ): ରାଜ୍ୟ ଓ କେନ୍ଦ୍ର ସରକାର ପ୍ରତ୍ୟେକ ଗରିବ ଅସହାୟ ବାସହୀନ ପରିବାରକୁ ଆଜି ସହରାଞ୍ଚଳ ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳରେ ରହୁଥିବା ପ୍ରତ୍ୟେକ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରି ପକ୍କା ଘର ଯୋଗାଇ ଦେଉଛନ୍ତି ସତ, କିନ୍ତୁ ଏଠି ସ୍ଥାନୀୟ ପ୍ରତିନିଧି ଓ ପ୍ରଶାସନ ଇଚ୍ଛାଶକ୍ତି ଅଭାବ ଅବହେଳା ଯୋଗୁଁ ଆଜି ପର୍ଯ୍ୟନ୍ତ ଏହି ଗରିବ ପରିବାରକୁ ପକ୍କା ଘର ଖଣ୍ଡିଏ ମିଳି ପାରୁନାହିଁ। ଯାହା ଫଳରେ ଏହି ଝାଟିମାଟି କୁଡ଼ିଆରେ ରହି ଆସୁଛନ୍ତି। ଏଠି ପ୍ରଶ୍ନ ଉଠୁଛି ସରକାର ପରେ ସରକାର ବଦଳଉଛି ହେଲେ ସରକାର ଯୋଜନା ସଠିକ୍ ଲୋକ ଙ୍କ ପାଖରେ ପାଖରେ ପହଞ୍ଚିବାକୁ ଅସୁବିଧା ରହୁଛି କୋଉଠି, ନା ଜାଣି ଶୁଣି ପ୍ରଶାସନ ନିରବ ରହୁଛି ବୋଲି ଏହା ଏକ ଅଞ୍ଚଳରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଦିନେ ନୁହେଁ କି ମାସେ ନୁହେଁ ବର୍ଷ ବର୍ଷ ଧରି ଏହି ଝାଟିମାଟି ଭଙ୍ଗା ଦଦରା କୁଡ଼ିଆରେ ଜୀବନ ବିତାଉଛନ୍ତି। ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ସଲାଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ଡାନ୍ଦପାଲି ଗ୍ରାମର ମୁଣ୍ଡ ଦିଗାଲ ବୟସ (୫୭)ଓ ତାଙ୍କ ସ୍ତ୍ରୀ କୁ ନେଇ ଗୋଟିଏ ପରିବାର।ଯୋଗ୍ୟ ହିତାଧିକାରୀ କହିବା ମୁତାବକ୍ -ଏହି ବୟସରେ ଭଲ ଘର ଗୋଟିଏ ତିଆରି କରିବା ତାଙ୍କ ପକ୍ଷେ ଅସମ୍ଭବ ବୋଲି କହିଛନ୍ତି। ଖରା ଦିନେ ଯେମିତି ସେମିତି ଚଳି ଆସୁଥିବାବେଳେ ଶିତ, ଓ ବର୍ଷା ଦିନ ଆସିଲେ ବହୁତ୍ ଅସୁବିଧାରେ ସମ୍ମୁଖୀନ ହେଉଥିବା କହିଛନ୍ତି। ଦୀର୍ଘ ଦିନ ଧରି ଏହି ପରିବାରୁ ଏହି ଝାଟିମାଟି ଭଙ୍ଗା ଦଦରା କୁଡ଼ିଆରେ ରହୁଥିବା ଅଭିଯୋଗ କରିଛନ୍ତି।

ଆମ ସବୁଜ କୁଶଳ ମିଶନ ପକ୍ଷରୁ ଫିନାଇଲ କମ୍ପାନୀର ଉଦଘାଟନ

କନ୍ଧମାଳ,୧୭।୧ (ସଂଚାର ବ୍ୟୁରୋ): ଜିଲ୍ଲାର ରାଇକିଆ ବ୍ଲକ୍ ଅନ୍ତର୍ଗତ ମଣ୍ଡାକିଆ ପଞ୍ଚାୟତରେ ଆସ୍ଥମ କମ୍ପାନୀ ପକ୍ଷରୁ "ଆମ ସବୁଜ କୁଶଳ ମିଶନ"ର ଭବ୍ୟ ଉଦଘାଟନ କରାଯାଇଛି। ଏହି ମିଶନ ଅଧୀନରେ ପ୍ରାୟ ୨୫ରୁ ୨୭ ଜଣ କର୍ମଚାରୀ ନିୟୋଜିତ ହୋଇ କାର୍ଯ୍ୟରତ ଥିବା ଜଣାପଡ଼ିଛି। ଏହି କମ୍ପାନୀର ପ୍ରଧାନ ଲକ୍ଷ୍ୟ କନ୍ଧମାଳ ଜିଲ୍ଲାର ସ୍ୱଂ ସହାୟକ ଗୋଷ୍ଠୀର ମା'ମାନଙ୍କୁ ସ୍ୱାବଲମ୍ବୀ କରିବା। ଏହି ପ୍ରୟାସକୁ କନ୍ଧମାଳ ଜିଲ୍ଲା ପାଇଁ ଏକ ଉଦାହରଣ ଭାବେ ଉଲ୍ଲେଖ କରି ଜିଲ୍ଲା ମୁଖ୍ୟ ଶ୍ରୀମତୀ ଅପରାଜିତା ପ୍ରଧାନ ମତ ପ୍ରକାଶ କରିଥିଲେ। କମ୍ପାନୀ ପକ୍ଷରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୬ରୁ ୭ ପ୍ରକାରର ଭେରାଇଟି ସାମଗ୍ରୀ ଉତ୍ପାଦନ କରାଯାଇଛି। ଆଗାମୀ ଦିନରେ ଜିଲ୍ଲାର ପ୍ରତ୍ୟେକ ବ୍ଲକ ଏବଂ ଗାଁ-ଗାଁରେ ଏହି କମ୍ପାନୀର ପରିଚୟ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଥିବା କଥା କମ୍ପାନୀର ମୁଖ୍ୟ ସଭାପତି ଅଶୋକ ମିଶ୍ର ସୂଚନା ଦେଇଥିଲେ। ଏହି ଅବସରରେ ଉପସଭାପତି ଅପରାଜିତା ପ୍ରଧାନ, ସମ୍ପାଦକ ଶ୍ରୀ ସୁଶାନ୍ତ ପାତ୍ର (ଢେଙ୍କାନାଳ), କୋଷାଧକ୍ଷ ଶ୍ରୀ ସନ୍ତୋଷ କୁମାର ପରିଡ଼ା (ଭୁବନେଶ୍ୱର) ସହ କମ୍ପାନୀର ସଭ୍ୟ ମିଥୁନ ପ୍ରଧାନ ଓ ପ୍ରଣୀତା ପ୍ରଧାନ ଉପସ୍ଥିତ ଥିଲେ। ଗାଁର ବହୁ କର୍ମଚାରୀଙ୍କ ସହ ପ୍ରାୟ ୨୦୦ ରୁ ଅଧିକ ଲୋକ ଉପସ୍ଥିତ ଥିଲେ. କାର୍ଯ୍ୟକ୍ରମକୁ ସ୍ଥାନୀୟ ସାମ୍ବାଦିକ ଶ୍ରୀ ଚନ୍ଦ୍ରକାନ୍ତ ନାୟକ ପରିଚାଳନା କରିଥିଲେ ।

ଶଙ୍କରା ହତ୍ୟାକାଣ୍ଡର ମୃତକଙ୍କ ଶବସଂସ୍କାର କଲେ ଶ୍ମଶାନବନ୍ଧୁ

ସୁନ୍ଦରଗଡ଼,୧୭।୧(ସଂଚାର ବ୍ୟୁରୋ): ସୁନ୍ଦରଗଡ଼ ସହରରେ ଅଶାନ୍ତ, ଭୟ ଓ ସାମ୍ପ୍ରଦାୟିକ ବହ୍ନୀରେ ଜଳୁଥିବା ବେଳେ ଠିକ ସେହି ସମୟରେ ଆଉ ଏକ ନିଆଁ ଜଳୁଥିଲା ସୁନ୍ଦରଗଡ଼ ସ୍ୱର୍ଗଦ୍ୱାରରେ ମାନବିକତାର। ଜାତିବାଦର ବହ୍ନୀରେ ଅଛୁଆଁ ହୋଇ ପଡ଼ିଥିବା ଏକ ମହିଳାଙ୍କର ଶବକୁ ସମ୍ମାନ ଜଣାଇ ଟିମ ଶ୍ମଶାନ ବନ୍ଧୁର ସଦସ୍ୟ ମାନେ ଶେଷକୃତ ସମ୍ପନ୍ନ କରୁଥିଲେ। ସୁନ୍ଦରଗଡ଼ ସହର ଶଙ୍କରା ଗୌଡପଡା ପୋଖରୀ ପାଖରେ ଘଟିଥିବା ହତ୍ୟାକାଣ୍ଡର ଶିକାର ସ୍ୱର୍ଗତ ଗୁରୁବାରି ମାଝି ନିଜର ସ୍ୱାମୀ ଓ ପରିବାରକୁ ଛାଡି ଅନ୍ୟ ଏକ ଜାତିର ପୁରୁଷ ସହିତ କିଛିବର୍ଷ ଆଗରୁ ସୁନ୍ଦରଗଡ଼ ଅମଲିପାଲି ପାଖରେ ରହୁଥିଲେ। ତାଙ୍କର ହତ୍ୟାକାଣ୍ଡର ଖବର ପରିବାର ସଦସ୍ୟଙ୍କୁ ଦିଆଯିବା ପରେ ମଧ ପରିବାରର ଝିଅ ଓ ଜ୍ୱାଇଁ ଆସି ତାଙ୍କର ମାଁ ଙ୍କୁ ଚିହ୍ନଟ କରିଥିଲେ ମଧ ଶବ ନେବାକୁ ଓ ଛୁଇଁବାକୁ ମନା କରିଦେଇଥିଲେ। ସୁନ୍ଦରଗଡ଼ ଏସଡିପିଓ ନିର୍ମଳ ମହାପାତ୍ର ଓ ତଦନ୍ତକାରୀ ଅଫିସର ଆଝାମଣି ଟୁଡୁ ଶେଷକୃତ ସମ୍ପନ୍ନ ସକାଶେ ଟିମ ଶ୍ମଶାନ ବନ୍ଧୁର ସଦସ୍ୟ ମାନଙ୍କ ସହଯୋଗ ସକାସେ ଅନୁରୋଧ କରିଥିଲେ।

ବୀରମହାରାଜପୁର ଆତ୍ମା ଅଧକ୍ଷ ହେଲେ ଏକଲବ୍ୟ

ସୁବର୍ଣ୍ଣପୁର,୧୭।୧(ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ କୃଷକ ଉପଦେଷ୍ଟା କମିଟି ଅଧକ୍ଷ ଭାବେ ଏକଲବ୍ୟ ବେହେରା ଙ୍କୁ ସର୍ବ ସମ୍ମତିରେ ଚୟନ କରାଯାଇଛି। ବୀରମହାରାଜପୁର ଉପ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ରେ ବିଟିଟି କନଭେନର ଙ୍କ ଅଧକ୍ଷତାରେ ଚାଷୀ ଓ କମିଟିର ଅନୁରୋଧ କ୍ରମେ ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଳା, ବ୍ଲକ ଅଧକ୍ଷା ଶାନ୍ତି ଲୁହା, ଉପାଧକ୍ଷ ନାରାୟଣ ଲୁହା ଜୋନ ୧ ଜିଲ୍ଲାପରିଷଦ ସଭ୍ୟ ଲବକୁମାର ସାହୁ, ଜୋନ ୨ ସଭ୍ୟା ଚନ୍ଦ୍ରକାନ୍ତି ଦତ୍ତା, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଅତିରିକ୍ତ କୃଷି ଅଧିକାରୀ, ବିଟିଏମ୍, ଏଟିଏମ୍ ଙ୍କ ଉପସ୍ଥିତି ରେ ଉପସ୍ଥିତି ରେ ବରିଷ୍ଠ ଚାଷୀ ରାମ ପ୍ରସାଦ କର୍ଣ୍ଣ ଯୁବ ଚାଷୀ ଏକଲବ୍ୟ ବେହେରା ଙ୍କ ନାମ କୃଷକ ଉପଦେଷ୍ଟା କମିଟି ଅଧକ୍ଷ ପାଇଁ ପ୍ରସ୍ତାବ ଦେଇଥିଲେ । ଉକ୍ତ ପ୍ରସ୍ତାବ କୁ ଯୁବ ଚାଷୀ ବିଦ୍ୟାଧର ଖୁଣ୍ଟିଆ ସମର୍ଥନ କରିଥିବା ବେଳେ ସମସ୍ତ ଉପସ୍ଥିତି ଚାଷୀ ନେତା(ସଭ୍ୟ) ମାନେ ଦସ୍ତଖତ କରି ଏକଲବ୍ୟ ବେହେରାଙ୍କୁ ଅଧକ୍ଷ ଭାବେ ସମର୍ଥନ କରିଥିଲେ। ଉକ୍ତ ନାମ କୁ ଅନୁମୋଦନ ପାଇଁ ଜିଲ୍ଲାପାଳ ଙ୍କ ସ୍ୱିକୃତି ପରେ ଆନୁଷ୍ଠାନିକ ଘୋଷଣା କରାଯିବ ବୋଲି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବୁଦ୍ଧଦେବ ରାଉତ ସୂଚନା ଦେଇଥିଲେ। ଏହି ବ୍ଲକ କୃଷକ ଉପଦେଷ୍ଟା କମିଟି ରେ ୩୦ ଜଣ ଉଭୟ ମହିଳା ପୁରୁଷ ଚାଷୀ ସଭ୍ୟ ରହିଥିବା ବେଳେ ପ୍ରାୟ ୨୪ ଜଣ ଚାଷୀ ଉପସ୍ଥିତ ଥିଲେ ଏବଂ ସର୍ବସମ୍ମତି କ୍ରମେ ବ୍ଲକ କୃଷକ ଉପ ଦେଷ୍ଟା କମିଟି ଅଧକ୍ଷ ଭାବେ ଏକଲବ୍ୟ ବେହେରା ଙ୍କ ନାମ ସମର୍ଥନ କରିଥିଲେ ।

ଶ୍ରୀ ଅରବିନ୍ଦ ଶ୍ରୀତନୁ ସ୍ମାରକୀ ବାର୍ଷିକ ଉତ୍ସବ

ସୁବର୍ଣ୍ଣପୁର,୧୭।୧(ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ଯଉଁରାଭଉଁରା ପଞ୍ଚାୟତ ଅନ୍ତର୍ଗତ ପୂର୍ଣ୍ଣସେତୁ ଚଢ଼େଇଗୁଡ଼ି ଠାରେ ଶ୍ରୀ ଅରବିନ୍ଦଙ୍କ ଶ୍ରୀତକୁ ସ୍ମାରକୀ ତଥା (ରିଲିକ୍ସ) ପ୍ରତିଷ୍ଠା ୧୬ ତମ ବାର୍ଷିକ ଉତ୍ସବ ବୁଧବାର ଦିନ ପାଳିତ ହୋଇଯାଇଛି। ସୂଚନା ଯୋଗ୍ୟ ଯେ ୨୦୧୦ ମସିହା ଜାନୁୟାରୀ ୧୪ ତାରିଖ ଦିନ ମହାପୁରୁଷ ଯୋଗୀ ଶ୍ରୀ ଅରବିନ୍ଦ ଙ୍କ ଦେହାବଶେଷ ତଥା ରିଲିକ୍ସ ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ଶ୍ରୀ ଅରବିନ୍ଦ ସ୍କୁଲ ସ୍ଥିତ ମୀରା ଭବନ ଠାରେ ଏବଂ ଉଲୁଣ୍ଡା ବ୍ଲକ ସ୍ୱର୍ଣ୍ଣସେତୁ ଚଢ଼େଇ ଗୁଡ଼ି ଠାରେ ଅବସ୍ଥାପିତ ହୋଇଥିଲା। ଏହି ଅବସରରେ ଆୟୋଜିତ ଆଧାତ୍ମିକ ଆଲୋଚନା ସଭାରେ ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପଧାନ ମୁଖ୍ୟ ଅତିଥି, ବରଗଡ଼ ମହିଳା କଲେଜ ଅଧାପକ ରାଧାକାର ମିଶ୍ର ମୁଖ୍ୟବକ୍ତା ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଧାପକ ଡା. ଅରୁଣ ତ୍ରିପାଠୀ ଅତିଥି ଭାବେ ଯୋଗ ଦେଇଥିଲେ। ସଭାରେ ମନୋଜ କର୍ମୀ ସ୍ୱାଗତ ଭାଷଣ ଦେଇଥିବା ଦେଲେ ତ୍ରିଦିବ ବଘାର ବିବରଣୀ ପାଠ କରିଥିଲେ। ମ୍ୟାନେଜିଂ ଟ୍ରଷ୍ଟି ମଦନ ମୋହନ ଦାନୀ ସଭା ପରିଚାଳନା କରିଥିବା ବେଳେ ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ ତଥା ଜନସାଧାରଣ ଉପସ୍ଥିତ ଥିଲେ। ଶ୍ରୀ ଅରବିନ୍ଦ ପାଠଚକ୍ର ଜିଲ୍ଲା ଆବାହକ ସୁଧାଂଶୁ ଶେଖର ଲୁହା ଧନ୍ୟବାଦ ଦେଇଥିଲା ବେଳେ ସଭା ଶେଷରେ ହଜାର ହଜାର ଜନସାଧାରଣ ତଥା ଛାତ୍ରଛାତ୍ରୀ ପ୍ରସାଦ ସେବନ କରିଥିଲେ।

ସରକାରୀ ସହାୟତା ଅଭାବରୁ ଦୁର୍ଦ୍ଦିନରେ କାଜୁ ଚାଷୀ

ରୋଗପୋକ ନିୟନ୍ତ୍ରଣ ପାଇଁ ହେଉନି ସଚେତନତା

ବାଲିଆପାଳ,୧୭।୧ (ସଂଚାର ବ୍ୟୁରୋ): କାଜୁ ଏକ ଲାଭଦାୟକ ଚାଷ ହୋଇଥିଲା ବେଳେ ବାଲିଆପାଳର ଉପକୂଳବର୍ତୀ ଆଠଟି ପଞ୍ଚାୟତର ପାଞ୍ଚଶହ ପଚାଶ ହେକ୍ଟର ଜମିରେ ପାଞ୍ଚଶହରୁ ଊର୍ଦ୍ଧ୍ୱ ଲୋକ କାଜୁ ଚାଷ କରୁଛନ୍ତି। ୧୯୭୩-୭୪ମସିହାରେ ସରକାର ବାଲିଆପାଳ ବ୍ଲକର ସମୁଦ୍ର ଉପକୂଳରେ ଥିବା ବିସ୍ତିର୍ଣ୍ଣ ବାଲିଆଡିଆରେ ଦୁଇଶହ ହେକ୍ଟର ସରକାରୀ ଜମି ରେ କାଜୁଜଙ୍ଗଲ ସୃଷ୍ଟି କରି ଲୋକମାନଙ୍କୁ ସ୍ୱଳ୍ପ ଖଜଣାରେ ଦେଇଥିଲେ। ବର୍ତ୍ତମାନ କାଳଶିମିଳି, ଚାଉଳତି, ଦ୍ୱାରିକା, ଜମ୍ବିରାଇ, ଯମୁନାଶୋଳ, ନୂଆଗାଁ, ଜଗତିପୁର, ଅଳାଡିହା, କାଉଁମାରି, ବେତଗଡ଼ିଆ, ନାରାୟଣପୁର, ଜାମତକୁଲା, ଡଗରା, ଚୌମୁଖି, କଙ୍କଡାପାଳ ପ୍ରଭୃତି ଗାଁର ଲୋକମାନେ ନିଜନିଜର ବ୍ୟକ୍ତିଗତ ଜମିରେ ମଧ କାଜୁ ଗଛ ଲଗାଇ ସ୍ୱାବଲମ୍ବି ହୋଇପାରିଛନ୍ତି। ଚଳିତ ବର୍ଷ ଉଦ୍ୟାନକୃଷୀ ବିଭାଗ ତରଫରୁ ଜମ୍ବିରାଇ, ଜଗତିପୁର, ବେତଗଡ଼ିଆ, ଡଗରା ପଞ୍ଚାୟତରେ ୩୬ ଚାଷୀଙ୍କର ତିରିଶ ହେକ୍ଟର ଜମିରେ କାଜୁଚାରା ରୋପଣ କରାଯାଇଛି। ତେବେ କାଜୁ ଅମଳ ପରେ ଚାଷୀମାନେ ଅଭାବି ବିକ୍ରିର ସମ୍ମୁଖୀନ ହେଉଛନ୍ତି।ସରକାରୀ ମଣ୍ଡୀନଥିବା ଯୋଗୁଁ ଲୋକମାନେ ସ୍ଥାନୀୟ ବ୍ୟବସାୟୀ ଙ୍କୁ ପଚାଶ ରୁ ଷାଠିଏ ଟଙ୍କା କିଲୋପ୍ରତି କାଜୁ ବିକ୍ରି କରୁଛନ୍ତି। ବାଲିଆପାଳରୁ ଅମଳ ହେଉଥିବା କାଜୁ ସାଧାରଣତଃ ପଶ୍ଚିମବଙ୍ଗକୁ ରପ୍ତାନୀ ହୋଇଥାଏ। ପଶ୍ଚିମବଙ୍ଗର କାନ୍ଥିରେ କାଜୁ ପ୍ରସେସିଂ ହୋଇ ଦେଶ ତଥା ଦେଶବାହାରର

ବିଭିନ୍ନ ବଜାରରେ ଭଲଦାମରେ ବିକ୍ରି ହୋଇଥାଏ। କାଜୁ ଗଛରେ ପୋକ ଲାଗି ଚାଷୀମାନେ କ୍ଷତିଗ୍ରସ୍ତ ହେଉଥିବା ବେଳେ ସରକାରଙ୍କ ତରଫରୁ ରୋଗପୋକ ନିୟନ୍ତ୍ରଣ ପାଇଁ କୌଣସି ପ୍ରକାର ସଚେତନତା ଶିବିର କରାଯାଉନଥିବାରୁ ଚାଷୀମାନେ ବହୁ ମାତ୍ରାରେ କ୍ଷତିଗ୍ରସ୍ତ ହୋଇଥାନ୍ତି। ଓଡ଼ିଶାର ଖୋର୍ଦ୍ଧା ଓ ବ୍ରହ୍ମପୁର ପ୍ରଭୃତି ସ୍ଥାନରେ କାଜୁ କିଲୋପ୍ରତି ଏକଶହ ରୁ ଏକଶହକୋଡିଏ ଟଙ୍କା ବିକ୍ରି ହେଉଥିବା ବେଳେ ବାଲିଆପାଳ ର କାଜୁ ଚାଷୀମାନେ ବହୁ କମ ଟଙ୍କା ରେ ସେମାନଙ୍କ କାଜୁ ବିକ୍ରି କରିବା ପାଇଁ ବାଧ ହେଉଛନ୍ତି। ବାଲିଆପାଳ ବ୍ଲକରେ କୋଡ଼ିଏ ହଜାର କ୍ୟୁଣ୍ଟାଲ ରୁ ଊର୍ଦ୍ଧ୍ୱ କାଜୁ ଅମଳ ହେଉଥିବା ବେଳେ ମୂନାଫାଖୋର ବ୍ୟବସାୟୀ ମାନେ ଭଲ ଲାଭ କମାଇ ଥାନ୍ତି। ବାଲିଆପାଳରେ ସରକାରଙ୍କ ତରଫରୁ ଯଦି ଏକ କାଜୁ ପ୍ରସେସିଂ କାରଖାନା ପ୍ରତିଷ୍ଠା କରାଯାଇ ପାରନ୍ତା ତାହେଲେ ବାଲିଆପାଳର କାଜୁ ଚାଷୀ ଉପକୃତ ହେବା ସହ ନୂଆ ଚାଷୀ ମଧ ଏହି ଚାଷ ପ୍ରତି ଆକୃଷ୍ଟହୋଇପାରନ୍ତେ। ବାଲିଆପାଳ ବ୍ଲକର ଉପକୂଳବର୍ତ୍ତୀ ଆଠଟି ପଞ୍ଚାୟତରେ ଥିବା ଚାରିହଜାର ତିନିଶହ ଏକର ସରକାରୀ ଜମିରେ କାଜୁଜଙ୍ଗଲ ସୃଷ୍ଟିକରି ଭଲ ରାଜସ୍ୱ ଆଦାୟ କରିବାସହିତ ସେଠାକାର ଲୋକମାନେ ରୋଜଗାରକ୍ଷମ ହୋଇପାରନ୍ତେ।

କର୍ମସ୍ଥଳୀରେ ଯୌନ ନିର୍ଯାତନାକୁ ବିରୋଧ

● କୃତ୍ରିମ ବୁଦ୍ଧିମତା ବ୍ୟବହାର କରି ଇଂରାଜୀରୁ ଆଞ୍ଚଳିକ ଭାଷାରେ ମାନ୍ୟବର ସୁପ୍ରିମକୋର୍ଟଙ୍କ ରାୟ

ସୁବର୍ଣ୍ଣପୁର,୧୭।୧ (ସଂଚାର ବ୍ୟୁରୋ): ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ତରଫରୁ ବାଳ ଗଙ୍ଗାଧର ତିଳକ ଆଇନ ମହାବିଦ୍ୟାଳୟ, ସୋନପୁର ଠାରେ "କର୍ମ ସ୍ଥଳୀରେ ଯୌନ ନିର୍ଯାତନା କୁ ବିରୋଧ, କୃତ୍ରିମ ବୁଦ୍ଧିମତା ବ୍ୟବହାର କରି ଇଂରାଜୀରୁ ଆଞ୍ଚଳିକ ଭାଷାରେ ମାନ୍ୟବର ସୁପ୍ରିମକୋର୍ଟଙ୍କ ରାୟ" "କୋର୍ଟ ନିୟମ ଏବଂ ସୂଚନା ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ସୁବିଧା ପାଇଁ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଭିଡିଓ କନଫରେନ୍ସିଂର ଲାଭ, ଯେଉଁଥିରେ ସିଭିଲ୍ ପ୍ରକ୍ରିୟା ଆଇନ ଏବଂ ସିଭିଲ୍ ପ୍ରକ୍ରିୟା ମଧସ୍ଥତା ନିୟମ ଅନ୍ତର୍ଭୁକ୍ତ ଏବଂ କିନ୍ନର ମାନଙ୍କ ଅଧିକାର" ବିଷୟ ଉପରେ ଏକ ଜିଲ୍ଲା ସ୍ତରୀୟ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିର ରେ ଜିଲ୍ଲା

ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ର ସଚିବ ଶ୍ରୀ ଦେବାଶିଷ ଦାସ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ଗୋବିନ୍ଦ ବଲ୍ଲବ ସରଙ୍ଗୀ, ବରିଷ୍ଠ ଓକିଲ ଶ୍ରୀ ବ୍ୟୋମକେଶ ଦାସ, ସୋନପୁର ମହାବିଦ୍ୟାଳୟ ର କମ୍ପୁଟରବିଜ୍ଞାନ ର ଅଧାପକ ଲେଫ୍ଟେନାଣ୍ଟ ଶ୍ରୀ ଆଶିଷ କୁମାର ଅଗ୍ରୱାଲ, କିଶୋର ନ୍ୟାୟ ଆଇନ ର ସଦସ୍ୟା ଶ୍ରୀମତୀ ରଂଜିତା ସାହୁ ଏବଂ ବାଳ ଗଙ୍ଗାଧର ତିଳକ ଆଇନ ମହାବିଦ୍ୟାଳୟ ସୋନପୁର ର ଅଧକ୍ଷ ଶ୍ରୀ ସୁରେନ୍ଦ୍ର କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ ବରିଷ୍ଠ ଓକିଲ ଶ୍ରୀ ବ୍ୟୋମକେଶ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ସମସ୍ତଙ୍କୁ ସ୍ୱାଗତ କରିଥିଲୋ ଅନ୍ୟ ମାନଙ୍କ ମଧରେ ସୋନପୁର ମହାବିଦ୍ୟାଳୟ ର କମ୍ପୁଟରବିଜ୍ଞାନ ର ଅଧାପକ ଲେଫ୍ଟେନାଣ୍ଟ ଶ୍ରୀ ଆଶିଷ କୁମାର ଅଗ୍ରୱାଲ ଯୋଗଦେଇ ଉପସ୍ଥିତ ସମମସ୍ତଙ୍କୁ କୃତ୍ରିମ ବୁଦ୍ଧିମତା ବ୍ୟବହାର କରି ଇଂରାଜୀରୁ ଆଞ୍ଚଳିକ ଭାଷାରେ ମାନ୍ୟବର ସୁପ୍ରିମକୋର୍ଟଙ୍କ ରାୟ" "କୋର୍ଟ ନିୟମ ଏବଂ ସୂଚନା ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ସୁବିଧା ପାଇଁ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଭିଡିଓ କନଫରେନ୍ସିଂର ଲାଭ, ଯେଉଁଥିରେ ସିଭିଲ୍ ପ୍ରକ୍ରିୟା ଆଇନ ଏବଂ ସିଭିଲ୍ ପ୍ରକ୍ରିୟା ମଧସ୍ଥତା ନିୟମ ଅନ୍ତର୍ଭୁକ୍ତ ବିଷୟ ଉପରେ ଅବଗତ କରିଥିଲେ ।

ଜାତୀୟ ସଡକ ସୁରକ୍ଷା ମାସ ପାଳନ ଅବସରରେ ରକ୍ତଦାନ ଶିବିର

ସୁବର୍ଣ୍ଣପୁର,୧୭।୧ (ସଂଚାର ବ୍ୟୁରୋ): ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ସୁବର୍ଣ୍ଣପୁର ପରିସର ରେ ଜାତୀୟ ସଡ଼କ ସୁରକ୍ଷା ମାସ ୨୦୨୬ ପାଳନ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସଚେତନତାରୁ ସୁରକ୍ଷା, ପ୍ରଯୁକ୍ତିରୁ ପରିବର୍ତ୍ତନ ର ବାର୍ତ୍ତା ନେଇ ସଚେତନ କରାଯିବା ସହ ଲୋକଙ୍କୁ ଗାଡ଼ି ଚାଳନାର ସଠିକ୍ ମାର୍ଗଦର୍ଶନ କରାଇବା ଏହାର ମୂଳଲକ୍ଷ୍ୟ । ଏହି ପରିପ୍ରେକ୍ଷୀରେ ଘରୋଇ ବସ ମାଲିକ ସଂଘ, ଟ୍ରକ ମାଲିକ ସଂଘ, ଜିଲ୍ଲା ଡ୍ରାଇଭର ମହାସଂଘ ର କର୍ମଚାରୀ, ବିଭିନ୍ନ ସମାଜସେବୀ ସଙ୍ଗଠନ ଓ ଜିଲ୍ଲାର ବିଭିନ୍ନ ସୋରୁମ୍ ର କର୍ମଚାରୀମାନେ ରକ୍ତଦାନ ମହାପୁଣ୍ୟ ଉଦ୍ଦେଶ୍ୟରେ ରକ୍ତଦାନ କରିବା ସହ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ । ଏହି ଶିବିରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡ଼ାକ୍ତର ଶ୍ରୀ ଚିତ୍ତରଞ୍ଜନ ତ୍ରିପାଠୀ ଓ ରକ୍ତଭଣ୍ଡାରର କର୍ମଚାରୀମାନେ ଉପସ୍ଥିତ ରହି ୫୧ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ପରିବହନ ଅଧିକାରୀ ଶ୍ରୀ ଅକ୍ଷୟ କୁମାର ଜେନା, ଏମଭିଆଇ ଶ୍ରୀ ଅଜିତ କୁମାର ନାୟକ, କନିଷ୍ଠ ମୋଟର ଯାନ ନିରୀକ୍ଷକ ଶ୍ରୀ ଦେବବ୍ରତ ପଟ୍ଟା ଙ୍କ ନେତୃତ୍ୱରେ ପରିବହନ ବିଭାଗର ସମସ୍ତ କର୍ମଚାରୀମାନେ ଉପସ୍ଥିତ ରହି ଶିବିର ପରିଚାଳନା କରିବାରେ ସହଯୋଗ କରିଥିଲେ ।

ରାଜ୍ୟସ୍ତରରେ ସଫଳତା: ପୂର୍ବାଞ୍ଚଳ ସ୍ତରରେ ଉଚ୍ଚ ପ୍ରଶଂସିତ ଦିବ୍ୟଦର୍ଶନ

ବୈଶିଙ୍ଗା,୧୭।୧ (ସଂଚାର ବ୍ୟୁରୋ): ନିକଟରେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ବିଜ୍